**JMC-11**
**BLOCK-2**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ,
ସମ୍ବଲପୁର, ଓଡ଼ିଶା

**Odisha State Open University**
**Sambalpur, Odisha**

# ସାମ୍ବାଦିକତା ଓ ଗଣ ଯୋଗାଯୋଗ

## ବିକାଶମୂଳକ ଯୋଗାଯୋଗ

## ଯୋଗାଯୋଗର ସୂକ୍ଷ୍ମଭେଦ



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ସାମ୍ବାଦିକତା ଓ ଗଣଯୋଗାଯୋଗ

## JMC-11

## ବିକାଶମୂଳକ ଯୋଗାଯୋଗ

ବ୍ଲକ୍-୦୨

### ବିକାଶର ସୂକ୍ଷ୍ମ ଭେଦ


ୟୁନିଟ୍ -୧ ଗ୍ରାମୀଣ ବିକାଶର ଧାରଣା ଏବଂ ସାଧନ

ୟୁନିଟ୍ -୨ ଆଧୁନିକୀକରଣ ବନାମ ସାମାଜିକ ପରିବର୍ତ୍ତନ

ୟୁନିଟ୍ -୩ ତୃତୀୟ କ୍ଷେତ୍ର ରୂପରେ ବେସରକାରୀ ସଂଗଠନ

ୟୁନିଟ୍ -୪ ଭାରତରେ ବିକାଶର ପ୍ରକ୍ରିୟା

## ବିଶେଷଜ୍ଞ କମିଟି

**ଡ. ମୃଣାଳ ଚାଟାର୍ଜୀ**
ପ୍ରଫେସର ଓ ମୁଖ୍ୟ, ଭାରତୀୟ ଜନସଂଚାର ସଂସ୍ଥାନ, ଢେଙ୍କାନାଳ **-ଅଧ୍ୟକ୍ଷ**

**ଡ. ଆଶିଷ କୁମାର ଦ୍ୱିବେଦୀ**, ଆସିଷ୍ଟାଣ୍ଟ ପ୍ରଫେସର (କମ୍ୟୁନିକେସନ୍ ଷ୍ଟଡ଼ିଜ୍), ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର **-ସଭ୍ୟ**

**ଶ୍ରୀ ସୁଧୀର ପଟ୍ଟନାୟକ**,ସଂପାଦକ, ସମଦୃଷ୍ଟି **-ସଭ୍ୟ**

**ଶ୍ରୀ ସୁଜିତ କୁମାର ମହାନ୍ତି**, ଆସିଷ୍ଟାଣ୍ଟ ପ୍ରଫେସର, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ,
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ**-ସଭ୍ୟ**

**ଡ. ଦୀପକ ସାମନ୍ତରାୟ**
ନିର୍ଦ୍ଦେଶକ, ନେସ୍‌ନାଲ ଏକାଡେମୀ ଅଫ୍ ବ୍ରଡ଼କାଷ୍ଟିଂ ଆଣ୍ଡ ମଲ୍‌ଟିମିଡ଼ିଆ, ଭୁବନେଶ୍ୱର**-ସଭ୍ୟ**

**ଡଃ ଜ୍ୟୋତି ପ୍ରକାଶ ମହାପାତ୍ର**, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ,
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର **-ଆବାହକ**

## ମୂଳ ଇଂରାଜୀ ଅନୁବାଦ ସମ୍ପାଦନା

**ଡ. ଏନ୍. ତାମିଲ୍‌ସେଲଭି**, ବିଭାଗ ମୁଖ୍ୟ,କ୍ୱାଇଦେ ମିଲେଥ୍ ଇଣ୍ଟରନ୍ୟାସନାଲ୍ ଏକାଡେମୀ ଅଫ୍ ମିଡିଆ ଷ୍ଟଡିଜ୍

**ଅନୁବାଦ- ଗୌତମ ବଳୀୟାରସିଂହ**, ପ୍ରଯୋଜକ, ନ୍ୟୁଜ୍ ସେଭେନ୍ , ଭୁବନେଶ୍ୱର

**ସମ୍ପାଦନା- ସଂବିତ ମିଶ୍ର**, ଶୈକ୍ଷିକ ପରାମର୍ଶଦାତା, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

## ସାମଗ୍ରୀ ଉତ୍ପାଦନ

**ଡ. ମାନସ ରଞ୍ଜନ ପୂଜାରୀ**
କୁଳସଚିବ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

OSOU, 2020. **NUANCES OF DEVELOPMENT** is made available under a Creative Commons Attribution-Share Alike 4.0
http://creativecommons.org/licences/by-sa/4.0

Printed by :

## ୟୁନିଟ– ୧: ଗ୍ରାମୀଣ ବିକାଶର ଧାରଣା ଏବଂ ସାଧନ


୧.୦: ବିଷୟର ଗଠନ

୧.୧: ପଠନର ଉଦ୍ଦେଶ୍ୟ

୧.୨: ଗ୍ରାମୀଣ ବିକାଶର ଧାରଣା

୧.୩: ଗ୍ରାମୀଣ ବିକାଶର ସାଧନ

୧.୪: ବିକାଶର ଯାନ୍ତ୍ରିକ ଏବଂ ଜୈବିକ ନମୁନା

୧.୪.୧: ବିକାଶର ଯାନ୍ତ୍ରିକ ସଂରଚନା

୧.୪.୨: ବିକାଶର ଜୈବିକ ସଂରଚନା

୧.୫: ଗାନ୍ଧୀବାଦୀ ନମୂନା

୧.୫.୧: ବିକେନ୍ଦ୍ରୀକରଣ

୧.୫.୨: ଆତ୍ମନିର୍ଭରଶୀଳତା

୧.୫.୩: ଶିଳ୍ପାୟନ

୧.୫.୪: ପୃଷ୍ଠପୋଷକତା

୧.୬: ଗ୍ରାମ ସ୍ୱରାଜ

୧.୭: ଆସ ପ୍ରଗତି ମାପିବା


### ୧.୧: ପଠନର ଉଦ୍ଦେଶ୍ୟ

ଏହି ପାଠକ୍ରମ ନିମ୍ନୋକ୍ତ କଥାଗୁଡିକୁ ଜଣାଏ:

- ଗ୍ରାମୀଣ ବିକାଶର ଧାରଣା ଏବଂ ଗ୍ରାମୀଣ ବିକାଶ ପାଇଁ ବ୍ୟବହୃତ ଉପକରଣଗୁଡ଼ିକର ପରିଚୟ ।
- ଏହା ମଧ୍ୟ ଆଗକୁ ବିକାଶର ବିଭିନ୍ନ ନମୂନାକୁ ଆଲୋକିତ କରେ, ଯାହା ସ୍ୱଭାବତଃ ଉଭୟ ଅଂଶଗ୍ରହଣକାରୀ ଏବଂ ଅଂଶଗ୍ରହଣକାରୀ ନୁହେଁ । ଗ୍ରାମୀଣ ବିକାଶର ଗାନ୍ଧୀବାଦୀ ନମୂନା ଏବଂ ଗ୍ରାମ ସ୍ୱରାଜର କାର୍ଯ୍ୟକାରିତା ବିଷୟରେ ମଧ୍ୟ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି ।

### ୧.୨: ଗ୍ରାମୀଣ ବିକାଶର ଧାରଣା

ଭାରତ ଏକ ଦେଶ ଯାହା ନିଜର ଗ୍ରାମୀଣ ସମୃଦ୍ଧତା ପାଇଁ ପରିଚିତ । ବିଶ୍ୱ ଜନସଂଖ୍ୟା ପରିସଂଖ୍ୟାନରେ ଏହା ଦ୍ୱିତୀୟ ସ୍ଥାନରେ ରହିଛି, ଯେଉଁଠି ପ୍ରାୟ ୭୫ ପ୍ରତିଶତ ଜନସଂଖ୍ୟା ଗ୍ରାମରେ ବାସ କରନ୍ତି । ଭାରତର ଗ୍ରାମଗୁଡ଼ିକୁ ଦେଶର ମେରୁଦଣ୍ଡ ଭାବରେ ବିବେଚନା କରାଯାଏ। ଯେବେ ଗ୍ରାମଗୁଡ଼ିକ ବିକଶିତ ହେବ, ପ୍ରକୃତ ଅର୍ଥରେ ବିକାଶ ସେବେ ହୋଇପାରିବ । ଜନସଂଖ୍ୟା ବଢ଼ି ଚାଲିଥିବା ଚାହିଦା ହେତୁ

କୃଷି କ୍ଷେତ୍ର ସମସ୍ତଙ୍କ ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସକ୍ଷମ ନୁହେଁ । ଗ୍ରାମାଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ଅନିୟମିତ ଥିବାରୁ ଏହା ଏକ ଅନିଶ୍ଚିତ ଜୀବନ ପ୍ରଦାନ କରିଛି । ତେବେ ବିଶ୍ୱର ଅନେକ ରାଷ୍ଟ୍ର ସରକାର ବିକାଶ ନିମନ୍ତେ ଗ୍ରାମ ଉପରେ ଧ୍ୟାନ ଦେବା ଆରମ୍ଭ କରିଛନ୍ତି । ଭାରତରେ ଗ୍ରାମାଞ୍ଚଳର ବିକାଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ- ଏହା ବିକାଶ ପ୍ରସଙ୍ଗରେ ଏକ ମହତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ଭାରତୀୟ ରାଜ୍ୟଗୁଡ଼ିକର ଦୁଇ ତୃତୀୟାଂଶ ଜନସଂଖ୍ୟା ଗ୍ରାମାଞ୍ଚଳରେ ସଂରକ୍ଷିତ ଏବଂ ଗ୍ରାମଗୁଡ଼ିକର ବିକାଶ ନ ହେଲେ ଭାରତର ବିକାଶ ହୋଇ ପାରିବନାହିଁ ।

ଭାରତର ପ୍ରମୁଖ ଅଂଶ ଦଖଲ କରୁଥିବା ଗ୍ରାମାଞ୍ଚଳ ଯଦି ବିକଶିତ ନ ହୁଏ, ବିକାଶ ପ୍ରକ୍ରିୟାକୁ ଏହା ନିଶ୍ଚିତ ରୂପେ ବାଧା ପହଞ୍ଚାଇବ । ଭାରତ ଏମିତି ଏକ ଦେଶ ଯେଉଁଠି କୃଷି ହେଉଛି ମୁଖ୍ୟ ଜୀବିକା, ଏହା ଉପ ମାଳଦ୍ୱୀପର ଏକ ପ୍ରମୁଖ ଅଂଶ ଅଟେ । ଚାଷବାସ ହେଉଛି ଭାରତର ପ୍ରଧାନ ବୃତ୍ତି । ତଥାପି ଦେଶର ଗ୍ରାମୀଣ କ୍ଷେତ୍ର ସେତେ ବିକଶିତ ହୋଇ ପାରିନାହିଁ । ସେମାନଙ୍କର ଉତ୍ପାଦନ ପ୍ରଣାଳୀ ଏବେ ବି ପଛୁଆ ରହିଥିବା ବେଳେ ସେମାନେ ସାମାଜିକ ବୈଷମ୍ୟର ବଶବର୍ତ୍ତୀ ହେଉଛନ୍ତି । ଉଦାହରଣ ସ୍ୱରୂପ- ଉତ୍ତମ ଅମଳ ସହିତ ଉତ୍ପାଦନର ଗତି ବଢ଼ାଇବାକୁ ଯାଇ କୃଷକମାନଙ୍କ ନିମନ୍ତେ ବୈଷୟିକ ଦିଗର ସୂତ୍ରପାତ ହେଲା, ତେବେ ଏହା ସେମାନଙ୍କ ମଧ୍ୟରେ ବିଭାଜନ ଆଣିଲା। କିଛି କୃଷକ ବୈଷୟିକ ଦିଗକୁ ବ୍ୟବହାର କରିବାରେ ସକ୍ଷମ ହୋଇଥିବା ବେଳେ ଆଉ କେତେଜଣ ତାହାର ସଦୁପଯୋଗ ନକରି ପାରିବାରୁ ପଛୁଆ ରହିଲେ ।

ନିକଟରେ ସର୍ବଭାରତୀୟ ଗ୍ରାମୀଣ ଅର୍ଥ ସମୀକ୍ଷା କମିଟିର ଏକ ରିପୋର୍ଟରୁ ପ୍ରକାଶ- ଏ ପ୍ରକାର ଆଂଶିକ ବିକାଶ, ଯେଉଁଠି ସମାଜର ଗୋଟିଏ କ୍ଷେତ୍ର ଆଗକୁ ବଢ଼ି ଚାଲିଛି ଏବଂ ସମାଜର ପ୍ରମୁଖ ଗ୍ରାମୀଣ କ୍ଷେତ୍ର ପଛରେ ରହିଛି; ତାହା ଦେଶବ୍ୟାପୀ ଅର୍ଥନୈତିକ ତିକ୍ତତା ସୃଷ୍ଟି କରିପାରେ ଏବଂ ଏପରି ଦ୍ୱନ୍ଦ୍ୱ କୃଷି ଉତ୍ପାଦନ କ୍ଷେତ୍ରର ଯେକୌଣସି ପ୍ରକ୍ରିୟାକୁ ରୋକିପାରେ । ଏହାକୁ ଦୃଷ୍ଟିରେ ରଖି ସନ୍ତୁଳନ ଏବଂ ବିକାଶ ନିମନ୍ତେ ବ୍ୟବସ୍ଥା ଓ ଯୋଜନା ପ୍ରସ୍ତୁତ କରାଯାଇଛି । ଗ୍ରାମୀଣ ବିକାଶର ପ୍ରକ୍ରିୟା ଶୁଣିବାକୁ ଯେତେ ସହଜ ଲାଗେ, ସେତେ ସହଜ ନୁହେଁ । ବୈଷୟିକ କୌଶଳ ବ୍ୟବହାର କଲେ ବି ଗ୍ରାମାଞ୍ଚଳରେ ବିକାଶ ଆଣିବା କାଠିକର ପାଠ । ଗ୍ରାମାଞ୍ଚଳର ବିକାଶ କରିବାକୁ ହେଲେ ଅଭିବୃଦ୍ଧି ଏବଂ ନିଯୁକ୍ତି ଉପରେ ଧ୍ୟାନ ଦେବାକୁ ପଡ଼ିବ ।

ଏହା ମଧ୍ୟ ଉପଯୁକ୍ତ ପ୍ରତିଷ୍ଠାନଗୁଡ଼ିକୁ ସଂଯୋଜିତ ଓ ବ୍ୟବହାର କରି ପ୍ରସ୍ତୁତ ହେଉଥିବା ବହୁ ଯୋଜନାକୁ ସାମିଲ କରିଥାଏ । ତେଣୁ ବିକାଶର ପ୍ରସଙ୍ଗ କୌଣସି ନିର୍ଦ୍ଦିଷ୍ଟ ଆଭିମୁଖ୍ୟରେ ସୀମିତ ହୋଇ ପାରିବ ନାହିଁ । ଏହା ବୈଷୟିକ କୌଶଳ, ଅର୍ଥନୈତିକ କାରକ, ପରିବେଶ ଜନିତ କାରକର ଏକ ମିଶ୍ରଣ, ଯାହା ମୁଖ୍ୟତଃ କୌଣସି ଅଞ୍ଚଳର ସାମାଜିକ ସାଂସ୍କୃତିକ କାରକ ଉପରେ ନିର୍ଭରଶୀଳ । ବିକାଶର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ହେଲେ ଗ୍ରାମୀଣ କ୍ଷେତ୍ର ଉପରୋକ୍ତ ପରିବର୍ତ୍ତନଗୁଡ଼ିକ ଦେଇ ଗତି କରିବା ଉଚିତ୍, ଯାହାଦ୍ୱାରା ବିକାଶ ମାର୍ଗରେ ଏହା ସାମିଲ ହେବା ସହିତ ଯୋଗଦାନ କରିପାରିବ ।

ମହଜୁଦ ଗ୍ରାମାଞ୍ଚଳରେ ପରିବର୍ତ୍ତନ ଆଣିବା ପ୍ରସଙ୍ଗରେ ଗ୍ରାମୀଣ ବିକାଶ ଶବ୍ଦ ବ୍ୟବହୃତ ହୁଏ ଏବଂ ସେହି ବିକାଶ ଆଣିବା ଉଚିତ୍ ଯାହା ଏକ ଗ୍ରାମର ସାଂପ୍ରତିକ ସ୍ଥିତିକୁ ସୁଦୃଢ଼ କରି ପାରୁଥିବ ।

ପୂର୍ବରୁ ବିକାଶ ଶବ୍ଦ କେବଳ ଗ୍ରାମାଞ୍ଚଳର ଅର୍ଥନୈତିକ ବିକାଶକୁ ସୂଚିତ କରୁଥିଲା । ତେବେ ପରବର୍ତ୍ତୀ ସମୟରେ, ଯାହା ଲୋକଙ୍କ ଜୀବନର ରାଜନୈତିକ, ସାମାଜିକ, ସାଂସ୍କୃତିକ ଏବଂ ମାନସିକ ଦିଗଗୁଡ଼ିକୁ ବିକଶିତ କରିପାରେ ତାହା ହେଉଛି ପ୍ରକୃତ ବିକାଶ ।

ବିକାଶ ଶବ୍ଦଟି ସମାଜରେ ପରିବର୍ତ୍ତନ ଆଣିବା ପାଇଁ ମାନବ ସାମର୍ଥ୍ୟର ସର୍ବାଧିକ ବ୍ୟବହାରକୁ ବୁଝାଏ। ପରିବର୍ତ୍ତନ ଆଣିବା ନିମନ୍ତେ ଏକତ୍ରିତ ହେଉଥିବା ବୈଷୟିକ ଜ୍ଞାନ କୌଶଳ, ରାଜନୀତି ଏବଂ ସାମାଜିକ ସାଂସ୍କୃତିକ ଘଟଣାବଳୀ ପରି ବିଭିନ୍ନ ଶାଖାକୁ ମିଶାଇ ବିକାଶ ହେଉଛି ଏକ ନୀତି । ଏହି ସାମଗ୍ରିକ ପରିବର୍ତ୍ତନଗୁଡ଼ିକ ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ମନୁଷ୍ୟର ସର୍ବାଧିକ ସାମର୍ଥ୍ୟ ଆଣିବାକୁ ଏକତ୍ର କାର୍ଯ୍ୟ କରନ୍ତି । ଯେତେବେଳେ ଏହି ବିକାଶ ଗ୍ରାମାଞ୍ଚଳ ଉପରେ କେନ୍ଦ୍ରୀଭୂତ ହୁଏ, ଯେଉଁଠି ସାମାଜିକ ପ୍ରଗତି ଆଣିବାକୁ ଇଚ୍ଛା ଶକ୍ତିର ଅଭାବ ନଥାଏ ଏବଂ ପ୍ରକୃତରେ କାମ କରାଯାଏ; ତାହାକୁ ଗ୍ରାମୀଣ ବିକାଶ କୁହାଯାଏ । ଏହା ବୁଝିବା ଉଚିତ୍ ଯେ ଗ୍ରାମୀଣ ବିକାଶ କେବଳ ଗରିବ ବା ଅସହାୟ ଲୋକଙ୍କୁ ସାହାଯ୍ୟ କରିବାର ଉଦ୍ଦେଶ୍ୟ ନୁହେଁ, ବରଂ ଏ ହେଉଛି ଜାତିର ସାମର୍ଥ୍ୟକୁ ପ୍ରତିଷ୍ଠା କରିବା । ଗ୍ରାମୀଣ ବିକାଶର ଅର୍ଥ ହେଉଛି ମହଜୁଦ ସମ୍ବଳ ଏବଂ ସର୍ବନିମ୍ନ ସମୟକୁ ବ୍ୟବହାର କରି ଉତ୍ତମ ଅମଳ କରିବା, ବିଭିନ୍ନ ଫସଲ ସୃଷ୍ଟି କରିବା ଏବଂ ଉଚ୍ଚ ଗୁଣବତ୍ତା ଯୁକ୍ତ ଉତ୍ପାଦନ । ଶ୍ରମିକ ଏବଂ ଯାନ୍ତ୍ରିକ ଉପକରଣଗୁଡ଼ିକର ଦକ୍ଷତାକୁ ବି ଏହା ସାମିଲ କରିଥାଏ । ଏପରି ବିକାଶ ହାସଲ କରିବା ନିମନ୍ତେ ଶିକ୍ଷା, ତାଲିମ୍, ଗବେଷଣା, ପ୍ରଗତି ଓ ସୂଚନା ପରି କାରକ ଅପରିହାର୍ଯ୍ୟ ।

ଗ୍ରାମୀଣ ବିକାଶ କେବଳ ବିକାଶମୁଖୀ ରାଷ୍ଟ୍ରରେ ବ୍ୟବହୃତ ହେଉଥିବା ଏକ ସାଧାରଣ ଶବ୍ଦ ନୁହେଁ । ବିକଶିତ ଦେଶଗୁଡ଼ିକରେ ମଧ୍ୟ ଏହା ବ୍ୟବହୃତ ହୁଏ, ଯଦିଓ ଏ ଶବ୍ଦର ଏକ ସ୍ପଷ୍ଟ ସାଧାରଣ ପରିଭାଷା ନଥାଏ । ଏହା ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରସଙ୍ଗରେ ବ୍ୟବହୃତ ହୁଏ । ତେବେ ଏସବୁ ସତ୍ତ୍ୱେ ବି ଗ୍ରାମୀଣ ବିକାଶର ମୂଳ ଧାରଣା ସମାନ ରହିଥାଏ । ଏହା ଗ୍ରାମବାସୀଙ୍କ ଜୀବନକୁ ସୁଧାରି ପାରିଛି । ବିକାଶକୁ ଏହି ଅର୍ଥରେ ଅନୁଧ୍ୟାନ କଲେ ଏହା କୃଷି, କଳା ଓ ହସ୍ତଶିଳ୍ପ, ଭିତ୍ତିଭୂମି ଏବଂ ସର୍ବୋପରେ ଉନ୍ନତ ମାନବ ସମ୍ବଳ କ୍ଷେତ୍ରର ସାମୂହିକ ବିକାଶ କିମ୍ବା ଅଗ୍ରଗତି ସହ ଜଡ଼ିତ । ଯେତେବେଳେ ଏହିସବୁ କ୍ଷେତ୍ରରେ ଆସିଥିବା ପରିବର୍ତ୍ତନକୁ ଗ୍ରାମାଞ୍ଚଳ ହୃଦୟଙ୍ଗମ କରିପାରିବ, ତାହାକୁ ହିଁ ପ୍ରକୃତ ବିକାଶ ବୋଲି କୁହାଯିବ । ସାମାଜିକ, ସାଂସ୍କୃତିକ ଉପାଦାନ ସହିତ ବିଜ୍ଞାନ ଏବଂ ପ୍ରଯୁକ୍ତିର ମିଶ୍ରଣ ହେଲେ ହିଁ ଏପରି ବିକାଶ ସମ୍ଭବ । ବିକାଶରେ ଆନୁଷ୍ଠାନିକ କାରକ ମଧ୍ୟ ଏକ ପ୍ରମୁଖ ଭୂମିକା ନେଇଥାଏ । ତେଣୁ ସରକାରୀ ସଂସ୍ଥାଗୁଡ଼ିକ ଅନେକ ସମୟରେ ଗ୍ରାମବାସୀଙ୍କ ଜୀବନଶୈଳୀକୁ ଉନ୍ନତ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରନ୍ତି । ରୋବର୍ଟ୍ ଚାମ୍ବର୍ସଙ୍କ ମତରେ, "ଗ୍ରାମୀଣ ବିକାଶ ହେଉଛି ଗ୍ରାମବାସୀଙ୍କୁ ସକ୍ଷମ କରିବାର ଏକ ରଣନୀତି; ସେମାନେ ନିଜ ପାଇଁ ଏବଂ ସେମାନଙ୍କ ପିଲାମାନଙ୍କ ପାଇଁ ଯାହା ଚାହୁଁଛନ୍ତି, ଯାହା ଆବଶ୍ୟକ କରୁଛନ୍ତି, ତାହାକୁ ଯୋଗାଇ ଦେବା।''

ତେଣୁ ଗ୍ରାମୀଣ ବିକାଶର ଲକ୍ଷ୍ୟ ହେଲା- ଗ୍ରାମାଞ୍ଚଳରେ ଥିବା ଗରିବ ଲୋକଙ୍କ ଜୀବନକୁ ବିକଶିତ କରିବା ଏବଂ ତା' ସହିତ ସେମାନେ ଯେପରି ନିଜ ସମ୍ବଳର ଲାଭକୁ ଉପଭୋଗ କରିବେ । ଗ୍ରାମାଞ୍ଚଳରେ ଗରିବ

ଗୋଷ୍ଠୀ ହେଉଛନ୍ତି ସେହି ଲୋକ ଯେଉଁମାନେ ବଡ଼ ବଡ଼ ଜମିଦାରଙ୍କ ପାଇଁ କାମ କରନ୍ତି, ସେହି କ୍ଷୁଦ୍ର ଚାଷୀ ଯିଏ ନିଜେ ହିଁ ନିଜ ଖେତରେ ଚାଷ କରନ୍ତି ଏବଂ କିଛି ଗୋଷ୍ଠୀଙ୍କର ନିଜସ୍ୱ ଜମି ମଧ୍ୟ ନଥାଏ । ତେଣୁ ପ୍ରାକୃତିକ ଓ ମାନବ ସମ୍ବଳ, ବିଜ୍ଞାନ ଓ ପ୍ରଯୁକ୍ତି ସହିତ ସ୍ୱାସ୍ଥ୍ୟ ଓ ଶିକ୍ଷା ଅନୁଷ୍ଠାନ ତଥା ସଂଗଠନ ଏବଂ ସରକାରୀ ନୀତି ଓ କାର୍ଯ୍ୟକ୍ରମ ଯାହା ଉପରୋକ୍ତ କ୍ଷେତ୍ରଗୁଡ଼ିକୁ ସୁଧାରିବାରେ ପ୍ରମୁଖ ଭୂମିକା ନିଏ; ସେ ସବୁର ବିକାଶ ହୋଇ ପାରିଲେ ହିଁ ତାହାକୁ ଗ୍ରାମୀଣ ବିକାଶର ପ୍ରକୃତ ସଂଜ୍ଞା ବୋଲି କୁହାଯାଇ ପାରେ । ଏହି ପରିପ୍ରେକ୍ଷୀରେ କାର୍ଯ୍ୟକୁ ସହଜ କରିବା ସହିତ ଗ୍ରାମାଞ୍ଚଳରେ ରହୁଥିବା ସମସ୍ତ ଲୋକଙ୍କୁ ଉଚ୍ଚ ଗୁଣବତ୍ତା ପ୍ରଦାନ କରିବାର ଆବଶ୍ୟକତା ରହିଛି, ସେମାନେ ଜମିଦାର ହୁଅନ୍ତୁ ଅଥବା ଭୂମିହୀନ ଶ୍ରମିକ ହୁଅନ୍ତୁ ।

ଗ୍ରାମାଞ୍ଚଳରେ ବିକାଶ ଆଣିବାରେ ସବୁଠୁ କଷ୍ଟକର ଆହ୍ୱାନ ହେଉଛି ରୀତିନୀତି ଓ ପରମ୍ପରା ଯାହାକୁ ସେମାନେ ଅନୁସରଣ କରନ୍ତି । ଏହା ଏପରି ଏକ ପ୍ରସଙ୍ଗ ଯାହା ପିଢ଼ି ପରେ ପିଢ଼ି ହେଲାଣି ବିନା ପ୍ରଶ୍ନରେ ପାଳନ କରାଯାଉଛି । କେତେକ କ୍ଷେତ୍ରରେ ଏହା ପ୍ରକୃତରେ ସହାୟକ ହୁଏ, ତେବେ ଏହି ରୀତିନୀତିରେ କିଛିଟା ପରିବର୍ତ୍ତନର ସର୍ବଦା ଆବଶ୍ୟକତା ରହିଛି, ଯାହା ଗ୍ରାମବାସୀଙ୍କ ପାଇଁ କଷ୍ଟକର, କାରଣ ସେମାନେ ଭାବନ୍ତି ଏହିସବୁ ରୀତିନୀତି ସେମାନଙ୍କ ହୃଦୟ ସହ ଜଡ଼ିତ ଏବଂ ସେଥିରୁ ବିଚ୍ୟୁତ ହେଲେ ସ୍ଥିତି ପ୍ରକୃତରେ ଗମ୍ଭୀର ହୋଇପାରେ । ତେଣୁ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ ସହ ସଂପୃକ୍ତ ବିକାଶ ଯୋଗାଯୋଗକାରୀ ସୁନିଶ୍ଚିତ କରିବା ଉଚିତ୍ ଯେ ଗ୍ରାମାଞ୍ଚଳର ଭାବନା ଓ ସଂସ୍କୃତି ସେତେଟା ପ୍ରଭାବିତ ନ ହେଉ । ସେହି ଅଞ୍ଚଳରେ ପାଳନ କରାଯାଉଥିବା ମୌଳିକ ସଂସ୍କୃତିକୁ ପରିବର୍ତ୍ତନ ନକରି, ସ୍ଥାୟୀ ରୂପରେ କ୍ଷତି ନପହଞ୍ଚାଇ ବିକାଶମୂଳକ ପରିବର୍ତ୍ତନକୁ ଧୀରେ ଧୀରେ ଗ୍ରାମବାସୀଙ୍କ ମନରେ ଭରିବାକୁ ପଡ଼ିବ। ଅର୍ଥନୈତିକ ଅଭିବୃଦ୍ଧିରେ ପରିବର୍ତ୍ତନ ବ୍ୟତୀତ ସାଂସ୍କୃତିକ ଓ ପାରମ୍ପରିକ ପରିବର୍ତ୍ତନକୁ ମଧ୍ୟ ଗ୍ରାମବାସୀମାନେ ଗୁରୁତର ଭାବରେ ଦେଖନ୍ତି । ତେଣୁ କେତେକ ସ୍ଥାନ ଯେଉଁଠି ରୀତିନୀତି ଓ ପରମ୍ପରାକୁ ଟିକିଏ ପରିବର୍ତ୍ତନ କରିବାକୁ ହୁଏ, ନୂତନ ପ୍ରଯୁକ୍ତି ବା ପରମ୍ପରାକୁ ଗ୍ରହଣ କରିବା ନିମନ୍ତେ ବହୁ ସଂଖ୍ୟକ ଗ୍ରାମବାସୀଙ୍କୁ ପ୍ରବର୍ତ୍ତାଇବା କଷ୍ଟକର ହୋଇଯାଏ ।

ସଫଳ ଗ୍ରାମୀଣ ବିକାଶ ଏକ ଉତ୍ତମ ପ୍ରେରଣାକୁ ସାମିଲ କରିଥାଏ, ଯାହା ଅନ୍ୟାନ୍ୟ କାରକ ଯଥା- ବିଜ୍ଞାନ ଓ ପ୍ରଯୁକ୍ତି, ସ୍ୱାସ୍ଥ୍ୟ ଓ ଶିକ୍ଷା ଏବଂ ସାମାଜିକ ସାଂସ୍କୃତିକ ବିକାଶକୁ ସାମୂହିକ ଭାବରେ ଧରି ରଖି ଚରମ ବିକାଶ ହାସଲ କରିବା ଦିଗରେ ଅଗ୍ରସର ହୁଏ । ତେବେ ଏହି ବିକାଶକୁ ହାସଲ କରିବା ନିମନ୍ତେ କୌଣସି ପରାମର୍ଶ କି ନିର୍ଦ୍ଦେଶକୁ ଅନୁସରଣ କରିବାର ଆବଶ୍ୟକତା ନାହିଁ, କାରଣ ଏସବୁ ସମୟ ଏବଂ ସୁଯୋଗର କଥା । ଗ୍ରାମାଞ୍ଚଳର ବିକାଶ ପ୍ରକ୍ରିୟାରେ ସାଂସ୍କୃତିକ ଦିଗଗୁଡ଼ିକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଅନେକ ଲୋକପ୍ରିୟ ଅର୍ଥନୀତିଜ୍ଞ ଗ୍ରାମୀଣ ବିକାଶ ଆଡ଼କୁ ଧ୍ୟାନ ଦେଇଛନ୍ତି, କାରଣ ଏହା ଆହ୍ୱାନମୂଳକ ହେବା ସହିତ ଜରୁରୀ ମଧ୍ୟ ଥିଲା । ଗ୍ରାମୀଣ ବିକାଶ ନିମନ୍ତେ ସେମାନେ ପାଶ୍ଚାତ୍ୟ ପଦ୍ଧତିଗୁଡ଼ିକୁ ଅନୁସରଣ କଲେ ଯାହା ସାମାଜିକ ଓ ସାଂସ୍କୃତିକ ଢାଞ୍ଚାରେ ପରିବର୍ତ୍ତନକୁ ସାମିଲ କରିଥିଲା ଏବଂ ପ୍ରକୃତରେ ସ୍ଥିର ରହିଥିବା ସମସ୍ୟାଗୁଡ଼ିକ ଉପରେ ସେମାନେ ମୁଖ୍ୟତଃ ଧ୍ୟାନ ଦେଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ କାରଣରୁ ଏସୀୟ ଏବଂ ଆଫ୍ରିକୀୟ ଦେଶଗୁଡ଼ିକ ସଂପୂର୍ଣ୍ଣ ଭାବରେ ନଷ୍ଟ ହୋଇଥିଲା, ଯାହାଦ୍ୱାରା ପ୍ରଭାବିତ ହୋଇ ଅର୍ଥନୀତିଜ୍ଞମାନେ

ଇଉରୋପୀୟ ବିକାଶ ମଡେଲକୁ ଗ୍ରହଣ କରିଥିଲେ । ତେଣୁ ବିକଶିତ ରାଷ୍ଟ୍ରମାନେ ଅନୁଭବ କଲେ ସେମାନଙ୍କ ମାଧ୍ୟମରେ ହିଁ ଯେକୌଣସି ଦେଶରେ ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ ହୋଇପାରିବ ।

ଅର୍ଥନୀତିର ପରିଭାଷା ବିଭିନ୍ନ ଅର୍ଥନୀତିଜ୍ଞଙ୍କ ନିମନ୍ତେ ଭିନ୍ନ ଭିନ୍ନ ଅଟେ । କେତେଜଣ ବିଶ୍ୱାସ କରନ୍ତି ଯେ ଗୋଟିଏ ଦେଶର ସମ୍ପତ୍ତିକୁ ଅର୍ଥନୀତି କୁହାଯାଏ ଏବଂ ଅନ୍ୟମାନେ ଭାବନ୍ତି ଦେଶର ମୁଣ୍ଡପିଛା ଆୟରେ ଆସୁଥିବା ବୃଦ୍ଧି ହେଉଛି ପ୍ରକୃତ ଅର୍ଥନୈତିକ ବିକାଶ । ଉଭୟ ଧାରଣା ବା ସଂଜ୍ଞା ବିକାଶର ପ୍ରକୃତ ଅର୍ଥ ନୁହେଁ କାରଣ ଉଭୟରେ ମାନବ କଲ୍ୟାଣ ଜନିତ ବିକାଶର ଅଭାବ ପରିଲକ୍ଷିତ ହୋଇଛି । ଅର୍ଥନୀତିଜ୍ଞଙ୍କ ମତକୁ ଆଧାର କରି ଅର୍ଥନୈତିକ ବିକାଶର ଏପରି ବିପରୀତ ସଂଜ୍ଞା ସହିତ ଗ୍ରାମୀଣ ବିକାଶ କ'ଣ, ତାହା ବ୍ୟାଖ୍ୟା କରିବା ମଧ୍ୟ କଷ୍ଟକର । ଶେଷରେ ଆମେ କେବଳ ଏତିକି କହିପାରିବା ଯେ- ଅର୍ଥନୈତିକ ବିକାଶର ଅର୍ଥ ବା ସଂଜ୍ଞା ସ୍ୱଭାବତଃ ବହୁମୁଖୀ ଅଟେ ।

ସାଧାରଣତଃ ଗ୍ରାମୀଣ ବିକାଶ ହେଉଛି ସହରରେ ମିଳୁଥିବା ସୁବିଧାକୁ ଗ୍ରାମାଞ୍ଚଳରେ ବିସ୍ତାର କରି ଉନ୍ନତ ମାନର ପରିବର୍ତ୍ତନ ଆଣିବା ବ୍ୟତୀତ କିଛି ନୁହେଁ । ତା' ସହିତ ସେହି ପରିବର୍ତ୍ତନଗୁଡ଼ିକୁ ମଧ୍ୟ ବିକାଶ ବୋଲି କୁହାଯାଏ, ଯାହା ଉତ୍ତମ ଫସଲ ଉତ୍ପାଦନ ଏବଂ ଲୋକଙ୍କ ଜୀବନଧାରଣର ମାନ ବୃଦ୍ଧି କରିବା ନିମନ୍ତେ ଆବଶ୍ୟକ । ଉନ୍ନତ ଜଳସେଚନ ସୁବିଧା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ଉଚ୍ଚ ଗୁଣବ । ସହିତ ଫସଲର ଉନ୍ନତ ଉତ୍ପାଦନ, ଚାଷବାସରେ ସୁଧାର ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସମସ୍ତଙ୍କୁ ଉତ୍ତମ ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବାକୁ ଏହା ସାମିଲ କରିଥାଏ । ଉପରୋକ୍ତ ଲକ୍ଷ୍ୟଗୁଡ଼ିକୁ ଗଭୀର ଭାବରେ ଦେଖିଲେ ଏ କଥା ବୁଝିବାକୁ ହେବ ଯେ ଏହି ଲକ୍ଷ୍ୟଗୁଡ଼ିକ ଖୁବ୍ ସଂକୀର୍ଣ୍ଣ ଯାହା କେବଳ ଗ୍ରାମାଞ୍ଚଳର ବିକାଶ ଉପରେ ଧ୍ୟାନ ଦେଇଛି । କୃଷି ନିଶ୍ଚିତ ରୂପେ ଗ୍ରାମୀଣ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, କିନ୍ତୁ କେବଳ କୃଷିର ଉନ୍ନତି ବା ଅଭିବୃଦ୍ଧିକୁ ପ୍ରକୃତ ବିକାଶ ବୋଲି କୁହାଯାଇ ପାରିବ ନାହିଁ ।

ଏକ ଅଞ୍ଚଳର ବିକାଶ ନିମନ୍ତେ ପ୍ରଫେସର ଭି.କେ.ଆର୍.ଭି ମାନବ କଲ୍ୟାଣକୁ ଅତ୍ୟାବଶ୍ୟକ ଅଂଶ ଭାବରେ ଦେଖିଛନ୍ତି । ଏହି ପରିପ୍ରେକ୍ଷୀରେ ମାନବିକ ମୂଲ୍ୟବୋଧ ଉପରେ ଅଧିକ ଧ୍ୟାନ ଦିଆଯାଇଛି ଯାହା ମାଧ୍ୟମରେ ମାନବ ଅଧିକାର ଓ ସମ୍ମାନ ହାସଲ କରାଯାଇ ପାରେ । ସେ ଆହୁରି ମଧ୍ୟ ଅନୁଭବ କରିଛନ୍ତି ଯେ ପ୍ରକୃତରେ ବିକାଶ ହାସଲ କରିବାକୁ ହେଲେ କୃଷିର ଉନ୍ନତି ସହିତ ଅଣ କୃଷିକ୍ଷେତ୍ର ଏବଂ ସାମାଜିକ ସାଂସ୍କୃତିକ ଅଭିବୃଦ୍ଧି ବି ଅତ୍ୟନ୍ତ ଆବଶ୍ୟକ । ତାଙ୍କ ମତରେ କେବଳ ଏପରି ପରିବର୍ତ୍ତନ ଗ୍ରାମୀଣ ବିକାଶର ମୁଖ୍ୟ କାରକ ହୋଇଥିବା ମାନବ ବିକାଶକୁ ସାଧିତ କରିପାରେ। ଅନ୍ୟାନ୍ୟ କ୍ଷେତ୍ର ତଥା ଅଣ କୃଷିକ୍ଷେତ୍ରର ଉନ୍ନତି ବେକାରୀ ଓ ଦାରିଦ୍ର୍ୟତା ସମସ୍ୟାକୁ କମ୍ କରିବାରେ ସହାୟକ ହୋଇପାରେ ଏବଂ ବିକାଶ ଆଣିପାରେ । ଗ୍ରାମୀଣ ବିକାଶର ସୁନ୍ଦରତା ହେଉଛି ଗ୍ରାମବାସୀଙ୍କୁ ନିଜର ମହତ୍ୱ ସମ୍ପର୍କରେ ଅବଗତ କରାଇବା, ଯାହା ସ୍ୱୟଂ ଏକ କଳା ଅଟେ । ପ୍ରକୃତ ବିକାଶ ସେତିକିବେଳେ ଘଟିପାରେ, ଯେତେବେଳେ ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକଙ୍କର ମାନସିକ ଓ ସାଂସ୍କୃତିକ ସ୍ତରକୁ ପରିବର୍ତ୍ତନ ନକରି ସେମାନଙ୍କୁ ମୌଳିକ ଆବଶ୍ୟକତାଗୁଡ଼ିକ ଯୋଗାଇ ଦିଆଯାଏ, ଯାହା ସେମାନଙ୍କୁ ଉତ୍ପାଦନକ୍ଷମ ଏବଂ ବିକାଶଶୀଳ କରି ପାରିବ ।

ଉତ୍ପାଦନରେ ବୃଦ୍ଧି ଏବଂ ଦାରିଦ୍ର୍ୟ ହ୍ରାସ ଗ୍ରାମୀଣ ବିକାଶର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ୍ । ଗ୍ରାମବାସୀଙ୍କର ମୌଳିକ ଜୀବନଧାରଣ ଯେତେବେଳେ ସଂପନ୍ନ ହୋଇପାରିବ, ଯେଉଁଠି ସେମାନେ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟକର ଖାଦ୍ୟ ପାଇପାରିବେ, ଭବିଷ୍ୟତର ପ୍ରଯୁକ୍ତି ବିଦ୍ୟାକୁ ବୁଝିବା ନିମନ୍ତେ ଉନ୍ନତ ଶିକ୍ଷା ହାସଲ କରିବେ ଏବଂ ନିଜ ଆଖପାଖର ସ୍ଥିତିକୁ ହୃଦୟଙ୍ଗମ କରିବେ; ଯାହାଦ୍ୱାରା ନିଜ କର୍ମପଥରେ ଅଗ୍ରସର ହୋଇ ସାମାଜିକ ସାଂସ୍କୃତିକ ଚିନ୍ତାଧାରାକୁ ସେମାନେ ବିକଶିତ କରିପାରିବେ । ଏହା ସେମାନଙ୍କର ଜୀବନ ଧାରଣର ମାନକୁ ବୃଦ୍ଧି କରିବ ଏବଂ ପରବର୍ତ୍ତୀ ସମୟରେ ଗ୍ରାମୀଣ ବିକାଶ ଆଣିପାରିବ । ଏହି ଅଭିବୃଦ୍ଧି ନିଶ୍ଚିତ ଭାବରେ ଜାତୀୟ ଅର୍ଥନୀତି ଦିଗରେ ସହାୟକ ହେବ ।

## ୧.୩: ଗ୍ରାମୀଣ ବିକାଶର ସାଧନ

ଭାରତୀୟ ଜନଗଣନା ଅନୁଯାୟୀ, ଗ୍ରାମାଞ୍ଚଳକୁ ଏକ ସ୍ଥାନ ଭାବରେ ବ୍ୟାଖ୍ୟା କରାଯାଇଛି ଯେଉଁଠି ଅତି କମ୍‌ରେ ତିନି ଚତୁର୍ଥାଂଶ ପୁରୁଷ ଜନସଂଖ୍ୟା କୃଷି କାର୍ଯ୍ୟରେ ନିୟୋଜିତ ହୋଇଥିବେ । ଆହୁରି ମଧ୍ୟ କୁହାଯାଇଛି ଯେ- କୌଣସି ପୌରପାଳିକା କିମ୍ୱା ବୋର୍ଡ୍ ନଥାଇ ଯଦି ଗୋଟିଏ ସ୍ଥାନର ଜନସଂଖ୍ୟାର ଘନତ୍ୱ ବର୍ଗ ମିଟର ପ୍ରତି ୪୦୦ରୁ କମ୍ ରହିଥାଏ, ତାହାକୁ ଗ୍ରାମାଞ୍ଚଳ କୁହାଯାଇପାରିବ । ଭାରତରେ ପ୍ରାୟ ୬.୪ ଲକ୍ଷ ଗ୍ରାମ ରହିଛି । ଏହି ଗ୍ରାମଗୁଡ଼ିକ ମଧ୍ୟରୁ ୨୦ହଜାର ଗ୍ରାମର ଜନସଂଖ୍ୟା ୫ହଜାରରୁ ଅଧିକ ଅଟେ । ଅଧିକାଂଶ ଦ୍ରୁତ ଗତିଶୀଳ ଗ୍ରାହକ ସାମଗ୍ରୀ କମ୍ପାନୀଗୁଡ଼ିକ ୨୦ହଜାରରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଯେକୌଣସି ସ୍ଥାନକୁ ଗ୍ରାମାଞ୍ଚଳ ଭାବରେ ବିଚାର କରନ୍ତି, ଯେତେବେଳେ କି ଅଧିକାଂଶ ସ୍ଥାୟୀ ଏବଂ କୃଷି ଉତ୍ପାଦ ଯୋଗାଉଥିବା କମ୍ପାନୀଗୁଡ଼ିକ ୫୦ହଜାରରୁ କମ୍ ଜନସଂଖ୍ୟା ବିଶିଷ୍ଟ ସହରଗୁଡ଼ିକୁ ଗ୍ରାମାଞ୍ଚଳ ଭାବରେ ବିବେଚନା କରିଥା'ନ୍ତି । ଏକ ଗ୍ରାମୀଣ ବଜାରକୁ ସମ୍ବୋଧିତ କରି ଉତ୍ପାଦର ବ୍ୟବହାର ସମ୍ପର୍କରେ ବୁଝାଇବା ସମୟରେ କମ୍ପାନୀଗୁଡ଼ିକ ପାଇଁ ମୁଖ୍ୟ ଆହ୍ୱାନ ଆସେ। ଉତ୍ପାଦଗୁଡ଼ିକୁ ବୁଝିବା ସେମାନଙ୍କ ପକ୍ଷରେ କାଠିକର ପାଠ, ତେଣୁ ତାହାକୁ ପହଞ୍ଚାଇବା ମଧ୍ୟ କଷ୍ଟକର ହୋଇଥାଏ । ସେମାନେ ଉତ୍ପାଦନ ଓ ବିତରଣ ସ୍ଥାନଠାରୁ ବହୁ ଦୂରରେ ଥିବାରୁ ଦୁର୍ଗମ ଅଞ୍ଚଳରେ ସେବା ଯୋଗାଇବା ନିମନ୍ତେ ବି କମ୍ପାନୀଗୁଡ଼ିକ ଆହ୍ୱାନର ସମ୍ମୁଖୀନ ହୁଅନ୍ତି । ଅଧିକନ୍ତୁ, କୌଣସି ଉତ୍ପାଦ ବାବଦରେ ଦର୍ଶକଙ୍କ ଭେଦଭାବ ଯୋଗୁଁ ସେମାନଙ୍କୁ ଏ ନେଇ ବୁଝାଇବାରେ ଅସୁବିଧା ହୁଏ ।

ଏ ସମସ୍ତ ଆହ୍ୱାନ ଯୋଗୁଁ ଛୋଟ ଛୋଟ ବଜାରରେ ପଶିବାର ପ୍ରୟାସ କରିବା ଅପେକ୍ଷା ସେଥିରୁ ଦୂରେଇବା ପାଇଁ କମ୍ପାନୀଗୁଡ଼ିକ ସହଜ ମନେ କରନ୍ତି । ଏହି କାରଣରୁ ଅଧିକାଂଶ କମ୍ପାନୀ ଗ୍ରାମୀଣ ବଜାରକୁ ଗବେଷଣା କରିବାରେ ବିଫଳ ହୋଇଛନ୍ତି, ସେଠାରେ ପହଞ୍ଚିବା ପାଇଁ ସରଳ ଉପାୟ ଖୋଜିପାରିନାହାନ୍ତି ଏବଂ ଗ୍ରାମବାସୀଙ୍କ ଆବଶ୍ୟକତାକୁ ବୁଝିବାରେ ଅସମର୍ଥ ହୋଇଛନ୍ତି ।

ଗ୍ରାମୀଣ ବଜାରକୁ ସଂପୂର୍ଣ୍ଣ ଅଣଦେଖା କରି କର୍ପୋରେଟ୍ ମାର୍କେଟିଂ ବିଶାରଦମାନେ ସେମାନଙ୍କ ଗ୍ରାହକଙ୍କ ବିଷୟରେ ଜ୍ଞାନ ଆହରଣ କରିବାରେ ବିଫଳ ହୋଇଛନ୍ତି । ଯଦି କର୍ପୋରେଟ୍ କମ୍ପାନୀଗୁଡ଼ିକ ଗ୍ରାମାଞ୍ଚଳକୁ ଯାଉ ନାହାନ୍ତି, ବଜାରରେ ଉପଲବ୍ଧ ଉତ୍ପାଦ ବିଷୟରେ କିପରି ଜାଣିପାରିବେ ? ବଜାରରେ କେଉଁ ଜିନିଷ ମିଳୁଛି, ତାହା ସେମାନେ ଗଣମାଧ୍ୟମ ଦ୍ୱାରା ଜାଣିବାକୁ ପାଆନ୍ତି । ଉତ୍ପାଦ ସମ୍ପର୍କିତ ସୂଚନା ବିସ୍ତାର କରିବାରେ ଏଠାରେ ଗଣମାଧ୍ୟମ ପ୍ରମୁଖ ଭୂମିକା ନେଇଥାଏ । ଗ୍ରାମୀଣ ଗ୍ରାହକଙ୍କ ଗଣମାଧ୍ୟମ ବ୍ୟବହାର ଫଳରେ ଗ୍ରାମୀଣ ବଜାର ବଜାୟ ରହିଛି ।

ଯେତେବେଳେ ଆମେ କହୁ ଯେ, ଗ୍ରାମ୍ୟ ବଜାର ଗ୍ରାମୀଣ ଗ୍ରାହକଙ୍କ ଗଣମାଧ୍ୟମ ବ୍ୟବହାର ଦ୍ୱାରା ସ୍ଥାୟୀ ରହିଛି, ପରବର୍ତ୍ତୀ ମଜାଦାର ପ୍ରଶ୍ନ ମନକୁ ଆସେ, 'ଗ୍ରାମୀଣ ଗ୍ରାହକମାନେ ସାଧାରଣତଃ କେଉଁ ପ୍ରକାର ଗଣମାଧ୍ୟମ ବ୍ୟବହାର କରନ୍ତି ? କିମ୍ବା କେଉଁ ପ୍ରକାର ଗଣମାଧ୍ୟମ ସେମାନଙ୍କୁ ସହଜରେ ବୁଝାଇପାରେ ? ଏଥିରୁ ଜାଣିବାକୁ ମିଳେ ଯେ, ଅଧିକାଂଶ ଗ୍ରାମୀଣ ଗ୍ରାହକଙ୍କ ସ୍ୱାକ୍ଷରତା ହାର କମ୍ । ତେଣୁ ଗଣମାଧ୍ୟମକୁ ଟେଲିଭିଜନ ଓ ରେଡିଓ ପରି ଅଡିଓ ଭିଜୁଆଲ ମାଧ୍ୟମ ସେମାନେ ପସନ୍ଦ କରନ୍ତି । ଗ୍ରାମୀଣ ବ୍ୟବସ୍ଥାରେ ଚଳଚ୍ଚିତ୍ର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ, କାରଣ ଗ୍ରାମବାସୀଙ୍କ ନିକଟରେ ପହଞ୍ଚିବା ପାଇଁ ଚଳଚ୍ଚିତ୍ର ଏକ ସହଜ ଉପାୟ ଅଟେ । ଯେତେବେଳେ ସ୍ଥାନୀୟ ଭାଷାରେ ତାହା ପ୍ରଦର୍ଶିତ ହୁଏ, ଗ୍ରାମବାସୀଙ୍କ ନିକଟରେ ସନ୍ଦେଶ ଖୁବ୍ ସହଜରେ ପହଞ୍ଚିପାରେ । ଦୃଶ୍ୟ ମାଧ୍ୟମ ହୋଇଥିବାରୁ ତାହା ଦର୍ଶକଙ୍କ ମନରେ ସହଜରେ ରହିଯାଏ । ତେଣୁ ଟେଲିଭିଜନ ଓ ଚଳଚ୍ଚିତ୍ର ପରି ଦୃଶ୍ୟ ମାଧ୍ୟମ ବା ଭିଜୁଆଲ ମିଡିଆକୁ ଜରିଆ କରି ଗ୍ରାମବାସୀଙ୍କ ପାଖରେ ସହଜରେ ପହଞ୍ଚିହେବ । ତେଣୁ ଏହିସବୁ ଅଡିଓ ଭିଜୁଆଲ ଗଣମାଧ୍ୟମକୁ କର୍ପୋରେଟ୍ କମ୍ପାନୀଗୁଡ଼ିକ ଉନ୍ନତ ଏବଂ ସହଜ ସାଧନ ମନେ କରନ୍ତି, ଯାହା ମାଧ୍ୟମରେ ସେମାନେ ଗ୍ରାମୀଣ ଗ୍ରାହକଙ୍କ ନିକଟରେ ପହଞ୍ଚିପାରିବେ ।

ଯଦିଓ ଗ୍ରାମୀଣ ବଜାରରେ ପହଞ୍ଚିବା ପାଇଁ ଗଣମାଧ୍ୟମ ଏକ ଭଲ ଉପାୟ, ଏହାର ପ୍ରସାର ଓ ପ୍ରଭାବର ସ୍ତରକୁ ଯଦି ଆମେ ଦେଖିବା, କୁହାଯାଇ ପାରେ ଯେ- ସହର ତୁଳନାରେ ଗ୍ରାମାଞ୍ଚଳରେ ଗଣମାଧ୍ୟମ ସେତେ ପ୍ରଭାବଶାଳୀ ନୁହେଁ । ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ କମ୍ ପ୍ରଭାବର କାରଣ ହେଉଛି ଗ୍ରାମାଞ୍ଚଳକୁ ନିରବଚ୍ଛିନ୍ନ ବା ଅନ୍ତତଃ ସର୍ବନିମ୍ନ ସମୟ ପାଇଁ ବିଦ୍ୟୁତ ଯୋଗାଣରେ ଅସମର୍ଥତା, ବିଭିନ୍ନ ଗ୍ରାମାଞ୍ଚଳରେ କଥିତ ଭାଷା ଜନିତ ବିବିଧତା ଇତ୍ୟାଦି । ତେଣୁ ସେହି ସମୟରେ ସେମାନଙ୍କ ପାଖରେ ପହଞ୍ଚିବାର ସହଜ ଉପାୟ କ'ଣ ଅଟେ ? ଗ୍ରାମୀଣ ଗ୍ରାହକଙ୍କ ନିକଟରେ ସଫଳତାର ସହିତ ସେତିକିବେଳେ ପହଞ୍ଚି ହେବ, ଯେତେବେଳେ ତାଙ୍କର ସଂସ୍କୃତିକୁ ଭଲ ଭାବରେ ବୁଝି ହେଉଥିବ ଏବଂ ଏପରି ମାର୍ଗରେ ଉତ୍ପାଦ ବା ବାର୍ତ୍ତାକୁ ଉପସ୍ଥାପନ କରାଯିବ, ଯାହା ସେମାନଙ୍କର ଆଶା ଓ ବିଶ୍ୱାସକୁ ବହୁଳ ଭାବରେ କ୍ଷତି ପହଞ୍ଚାଉନଥିବ,

ପରିବର୍ତ୍ତନ କରୁନଥିବ । ବଜାରରେ ମିଳୁଥିବା ବିଭିନ୍ନ ଉତ୍ପାଦର ବିଭାଗ ବିଷୟରେ ସେମାନଙ୍କର ଭୟ ଏବଂ ବିଶ୍ୱାସକୁ ମଧ୍ୟ ବୁଝିବା ଜରୁରୀ, ଏ ବାବଦରେ ସେମାନଙ୍କ ମନରେ ଆଶା ଭରିବା ଉଚିତ୍ । ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ଥିବା ବାର୍ତ୍ତାରେ ଉତ୍ପାଦ ସହିତ ସମସ୍ତ ପ୍ୟାକେଜକୁ ସାମିଲ କରାଯିବାର ଆବଶ୍ୟକତା ରହିଛି ।

## ୧.୪: ବିକାଶର ଯାନ୍ତ୍ରିକ ଏବଂ ଜୈବିକ ନମୂନା

### ୧.୪.୧: ବିକାଶର ଯାନ୍ତ୍ରିକ ସଂରଚନା

ଯାନ୍ତ୍ରିକ ସଂରଚନାକୁ ବ୍ୟୁରୋକ୍ରାଟିକ୍ ବା ଅମଲାତାନ୍ତ୍ରିକ ସଂରଚନା ମଧ୍ୟ କୁହାଯାଏ । ଏ ପ୍ରକାର ସଂରଚନାରେ ସଂଗଠନ ଏକ କେନ୍ଦ୍ରୀୟ ଅଙ୍ଗ ସହିତ ଆନୁଷ୍ଠାନିକ ସଂରଚନାକୁ ଅନୁସରଣ କରେ । ଅଧିକାଂଶ କର୍ପୋରେଟ୍ କମ୍ପାନୀ ଯାହାର ଏକ ସ୍ଥିର ବା ସମାନ କର୍ମ ପରିବେଶ ରହିଛି, ଯାନ୍ତ୍ରିକ ସଂରଚନା ମଧ୍ୟରେ ସେମାନେ ଭଲରେ କାମ କରନ୍ତି । ତୁଳନାତ୍ମକ ଭାବରେ ଏ ହେଉଛି ନିଜକୁ ବଜାୟ ରଖିବାର ଏକ ସହଜ ସଂରଚନା, କାରଣ ଏକ ସ୍ଥିର ପରିବେଶରେ କାର୍ଯ୍ୟ କରୁଥିବାରୁ ଏହାର ପରିଚାଳନା ବ୍ୟବସ୍ଥାକୁ ବଦଳାଇବାର କୌଣସି ଆବଶ୍ୟକତା ନଥାଏ । ଯାନ୍ତ୍ରିକ ନମୁନାରେ ନିଷ୍ପତ୍ତି ମୁଖ୍ୟତଃ ପରିଚାଳନା ଅଙ୍ଗର ଶୀର୍ଷ ସ୍ଥାନରେ ଥିବା ସଦସ୍ୟମାନଙ୍କ ଦ୍ୱାରା ନିଆଯାଏ । ପଦକ୍ରମକୁ ଭଲ ଭାବରେ ବ୍ୟାଖ୍ୟା କରାଯାଇଥାଏ ଏବଂ କଡ଼ାକଡ଼ି ଭାବରେ ପାଳନ କରାଯାଏ । ଅଧିକନ୍ତୁ, ଯାନ୍ତ୍ରିକ ନମୂନାର ପରିଚାଳନା ବ୍ୟବସ୍ଥାରେ ଥିବା ସ୍ଥିର ପରିବେଶ ହେତୁ ଜଟିଳ ନିଷ୍ପତ୍ତି ଜନିତ ପ୍ରକ୍ରିୟା ପ୍ରାୟ ଆବଶ୍ୟକ ହୁଏ ନାହିଁ, ପଦକ୍ରମରେ ଏକାଧିକ ସଦସ୍ୟ ସାମିଲ ରୁହନ୍ତି ।

ଶୀର୍ଷ ସ୍ତରୀୟ ପରିଚାଳକଙ୍କ ଅଧୀନରେ କାର୍ଯ୍ୟ କରୁଥିବା ସଦସ୍ୟଙ୍କୁ ଯାହା କରିବା ପାଇଁ ନିର୍ଦ୍ଦେଶ ରହିଥାଏ, ସେମାନେ ତାହାକୁ ପାଳନ କରନ୍ତି ଏବଂ ନୂତନ ପରିବର୍ତ୍ତନକୁ ମଧ୍ୟ ଗ୍ରହଣ କରିଥା'ନ୍ତି । ସେମାନେ ପରାମର୍ଶ ଦେବା / ମତାମତ ଦେବା / ନିଷ୍ପତ୍ତି ନେବା ପ୍ରାୟତଃ ବିରଳ, କାରଣ କେବଳ ନିର୍ଦ୍ଦେଶ ମୁତାବକ ହିଁ ସେମାନେ କାର୍ଯ୍ୟ କରନ୍ତି । ଯେଉଁ ଯୋଗାଯୋଗରେ ଶୀର୍ଷରୁ ନିମ୍ନ ପର୍ଯ୍ୟନ୍ତ ଅନୁକ୍ରମକୁ ଅନୁସରଣ କରାଯାଏ, ସେଠାରେ ମଧ୍ୟ ଏହି ଯାନ୍ତ୍ରିକ ନମୂନା ପ୍ରୟୋଗ କରାଯାଇଥାଏ ।

ଯାନ୍ତ୍ରିକ ନମୂନାରେ ସହଯୋଗର ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ସାହାଯ୍ୟ କରିବା ଆବଶ୍ୟକ ଏବଂ ସେମାନଙ୍କୁ ଦାନ ଦେବା ଉଚିତ୍ । ସେମାନେ ଆପଣାଛାଏଁ ଜୀବିକା ଉପାର୍ଜନ କରି ପାରିବେନି । ଅନୁକ୍ରମରେ ଥିବା ଶୀର୍ଷ ପରିଚାଳକମାନେ ସାଧାରଣତଃ ଭାବନ୍ତି ଯେ ଅଧସ୍ତନ କର୍ମଚାରୀ ବା ସାଧାରଣ ଲୋକ ନିଜକୁ ବିକଶିତ କରିବାରେ ଅସମର୍ଥ ଏବଂ ସେମାନେ ଅସହାୟ ଅଟନ୍ତି । ଏହି ଉଦ୍ଦେଶ୍ୟ ସହିତ ସମସ୍ୟା ସମାଧାନ କାର୍ଯ୍ୟରେ ସେମାନେ ଲାଗି ପଡ଼ନ୍ତି ଏବଂ କୌଣସି ପ୍ରକାରରେ ସମାଧାନ ପାଇବାର ବାଟ ବାହାର କରନ୍ତି । ଶୀର୍ଷ ସ୍ତର ଓ ନିମ୍ନ ସ୍ତର ମଧ୍ୟରେ ଥିବା ସମ୍ପର୍କକୁ ସମସ୍ତେ ସାଧାରଣତଃ ଜାଣିଛନ୍ତି ବା ଜାଣି ନାହାନ୍ତି । ତେବେ ସେମାନଙ୍କର ଧାରଣା ହେଉଛି ପାରମ୍ପରିକ ଜ୍ଞାନଠାରୁ ପାଶ୍ଚାତ୍ୟ ଜ୍ଞାନ ଉତ୍ତମ ଅଟେ ।

ଯାନ୍ତ୍ରିକ ନମୂନାରେ ଲୋକମାନଙ୍କୁ କେବଳ ଲକ୍ଷ୍ୟ ବା ବସ୍ତୁ ଭାବରେ ବିଚାର କରାଯାଏ । ଏମିତିକି କଥା ଯେତେବେଳେ ନେତୃତ୍ୱକୁ ଆସେ, ନେତାମାନେ କ୍ଷମତାରେ ଥିବା ବ୍ୟକ୍ତି ବା କର୍ତ୍ତୃପକ୍ଷଙ୍କ ଦ୍ୱାରା

ମନୋନୀତ ହୁଅନ୍ତି । ନେତୃତ୍ୱ ଗୁଣ ସାଧାରଣତଃ ନିର୍ଣ୍ଣୟ ନେବା, ପରିଚାଳନା, ପ୍ରାଧିକୃତ୍ୟକୁ ସାମିଲ କରିଥାଏ । ଏପରିକି ଲୋକଙ୍କ ସହ ଯୋଗାଯୋଗ ମଧ୍ୟ ପ୍ରାଧିକୃତ୍ୟ ଅଟେ । ଯାନ୍ତ୍ରିକ ନମୂନାରେ ନୀତି ନିର୍ଣ୍ଣୟ ସାଧାରଣତଃ ଉତ୍ପାଦନ ଏବଂ ଅର୍ଥନୈତିକ ଅଭିବୃଦ୍ଧି ଉପରେ ପର୍ଯ୍ୟବସିତ, ସାଂଗଠନିକ ଗଠନ ସାଧାରଣତଃ କ୍ରମାନୁକ୍ରମିକ ଏବଂ ସିଧାସଳଖ ରହିଥାଏ । ଯୋଗାଯୋଗ ଶୀର୍ଷରୁ ନିମ୍ନ ପର୍ଯ୍ୟନ୍ତ ବ୍ୟବସ୍ଥିତ ହୁଏ ।

କାର୍ଯ୍ୟର ପ୍ରକାର ଯାହା ଏହି ନମୂନାକୁ ସାମିଲ କରେ, ସାଧାରଣତଃ ତାହା ହେଉଛି ବୈଷୟିକ ଓ ଅର୍ଥନୈତିକ ନମୂନା ଏବଂ ଏଥିରେ ସଂପୃକ୍ତ ରହିଥିବା ସଦସ୍ୟ କେବଳ ସେମାନଙ୍କୁ ଦିଆଯାଇଥିବା କାର୍ଯ୍ୟକୁ ତୁଲାଇଥା'ନ୍ତି । ଯୋଗାଯୋଗର ସାଧାରଣତଃ ଏକପାକ୍ଷିକ ଏବଂ ବେଳେବେଳେ ପରାମର୍ଶଗତ ରହିଥାଏ । ଯାନ୍ତ୍ରିକ ନମୂନା ନିମନ୍ତେ ବ୍ୟବହୃତ ହେଉଥିବା ଯୋଗାଯୋଗ ପ୍ରକ୍ରିୟା ସାଧାରଣତଃ ଗଣମାଧ୍ୟମ ଅଟେ, ଯେହେତୁ ଏହା ଶୀର୍ଷରୁ ନିମ୍ନ ପର୍ଯ୍ୟନ୍ତ ପରିବ୍ୟାପ୍ତ ଏବଂ ଗୋଟିଏ ମାର୍ଗରେ ପରିଚାଳିତ ହୁଏ । ସୂଚନାର ପ୍ରବାହ ମଧ୍ୟ ଏକମୁଖୀ ଅଟେ । ବୈଷୟିକ ବା ଅର୍ଥନୈତିକ ନମୂନାରେ ଆସୁଥିବା ଯେକୌଣସି ପରିବର୍ତ୍ତନକୁ ଉନ୍ନତି ଭାବରେ ବିଚାର କରାଯାଏ ଏବଂ ଯେକୌଣସି ସଫଳତା ପାଇଁ ଆଶା କରାଯାଉଥିବା ସମୟସୀମା ସ୍ୱଳ୍ପ ମିଆଦୀ ଅଟେ । ଯାନ୍ତ୍ରିକ ନମୂନାରେ ଦୀର୍ଘ କାଳୀନ ଦୃଷ୍ଟିକୋଣ ସାଧାରଣତଃ ନଥାଏ । ଏ ପ୍ରକାର ନମୂନାର ମୁଖ୍ୟ ତ୍ରୁଟି ହେଉଛି ନେତାଙ୍କ ଅନୁପସ୍ଥିତିରେ ପ୍ରକଳ୍ପର କାର୍ଯ୍ୟକାରିତା ପ୍ରାୟ ମନ୍ଥର ହୋଇଯାଏ ।

### ୧.୪.୨: ବିକାଶର ଜୈବିକ ସଂରଚନା

ଯାନ୍ତ୍ରିକ ନମୂନା ପାଇଁ ଜୈବିକ ସଂରଚନା ଏକ ଭିନ୍ନ ମାର୍ଗରେ କାର୍ଯ୍ୟ କରେ । ଏହା ସାଧାରଣତଃ ସେହିପରି ସଂଗଠନ ବା ସ୍ଥାନରେ ଅନୁସରଣ କରାଯାଏ ଯେଉଁଠି କର୍ମ ପରିବେଶ ଅସ୍ଥିର ଥାଏ । ସେହି ସ୍ଥାନରେ ଏହା ବ୍ୟବହୃତ ହୁଏ ଯେଉଁଠି ଦ୍ରୁତ ପରିବର୍ତ୍ତନକୁ ଆପଣାଇବାର ଆବଶ୍ୟକତା ରହିଛି, ଯେହେତୁ ପରିବର୍ତ୍ତିତ ପରିବେଶରେ ସଂସ୍କାର ପ୍ରକ୍ରିୟାକରଣ ସହିତ ଶୀଘ୍ର ସୂଚନା ଯୋଗାଇବା ଜରୁରୀ ଅଟେ । ଯାନ୍ତ୍ରିକ ନମୂନା ପରି ଏଠାରେ ଯୋଗାଯୋଗ ପ୍ରକ୍ରିୟା ପାର୍ଶ୍ୱବର୍ତ୍ତୀ ନଥାଏ । ମୁଖ୍ୟ କାର୍ଯ୍ୟକ୍ରମ କ୍ଷେତ୍ରଗୁଡ଼ିକ ଏକମୁଖୀ ରହି ଏକତ୍ର କାର୍ଯ୍ୟ କରନ୍ତି । ଜଣେ ବ୍ୟକ୍ତି ସାଧାରଣତଃ ଅନେକଗୁଡ଼ିଏ କାର୍ଯ୍ୟ ସହ ଯୋଡ଼ି ହୋଇ ରୁହନ୍ତି କାରଣ ଅସ୍ଥିର ପରିବେଶରେ ସମୟ ସମୟରେ ବୃଦ୍ଧି ବା ପରିବର୍ତ୍ତନର ସାମ୍ନା କରିବାକୁ ପଡ଼େ। ସମସ୍ତେ ନିଜ ନିଜ କ୍ଷେତ୍ରରେ ବିଶେଷଜ୍ଞ ରହିଥା'ନ୍ତି ଏବଂ ମିଳିତ ହୋଇ ପରସ୍ପର ସହ ସମନ୍ୱୟ ରକ୍ଷା କରି ଲକ୍ଷ୍ୟ ହାସଲ କରିଥା'ନ୍ତି । ଏଠାରେ ଦଳଗତ ଭାବରେ ନମୂନାକୁ କାର୍ଯ୍ୟକାରୀ କରାଯାଏ ଏବଂ ସଦସ୍ୟମାନଙ୍କ ମଧ୍ୟରେ ଅଧିକ ସମନ୍ୱୟ ରହିଥାଏ ।

ଜୈବିକ ନମୂନା ଏହି ବିଶ୍ୱାସ ସହ କାର୍ଯ୍ୟ କରେ ଯେ- ଲୋକମାନଙ୍କର ନିଜକୁ ସାହାଯ୍ୟ କରିବାର କ୍ଷମତା ରହିଛି ଏବଂ ସେମାନଙ୍କୁ ସଶକ୍ତ କରିବାକୁ ପଡ଼ିବ । ସେମାନେ ବିଶ୍ୱାସ କରନ୍ତି- ଲୋକମାନେ ନିଜକୁ ବିକଶିତ କରିବାରେ ସମର୍ଥ ଏବଂ ସେମାନେ ଏକତ୍ରିତ ହୋଇପାରିବେ । ଏହି ନମୂନାର ନୀତି ନିର୍ଣ୍ଣାୟକମାନେ ଏକ ସାଧାରଣ ଦର୍ଶନ ଏବଂ ଆତ୍ମ ବିକାଶର ଧାରଣା ଆଡ଼କୁ ଢଳିଥା'ନ୍ତି । ସେମାନେ

ବିଶ୍ୱାସ କରନ୍ତି ଯେ ସମସ୍ତେ ଦକ୍ଷ ଏବଂ ଅନ୍ୟମାନଙ୍କ ସହ କିଛି ବାଣ୍ଟି ପାରିବେ । ତେଣୁ ଯାନ୍ତ୍ରିକ ନମୂନାରେ ଥିବା ଏକମୂଖୀ ଯୋଗାଯୋଗ ଏଠାରେ ନଥାଏ । ଏହି ନମୂନାରେ ଲୋକଙ୍କୁ ପରିବର୍ତ୍ତନର ବାହକ ରୂପରେ ଦେଖାଯାଏ ଏବଂ ନେତାମାନେ ସାଧାରଣତଃ ଲୋକଙ୍କ ତରଫରୁ ଲୋକଙ୍କ ଦ୍ୱାରା ମନୋନୀତ ହୁଅନ୍ତି । ଏଠାରେ କାର୍ଯ୍ୟର ପ୍ରକାର ହେଉଛି ଶିକ୍ଷାଗତ ଏବଂ ସାଂଗଠନିକ ଯାହାକୁ ବ୍ୟବସ୍ଥିତ କରାଯାଏ । ଯୋଗାଯୋଗ ସାଧାରଣତଃ ନିମ୍ନରୁ ଶୀର୍ଷ ଯାଏଁ ଅନୌପଚାରିକ ରହିଥାଏ । ଏହା ଏକ ଦ୍ୱିପାକ୍ଷିକ ଯୋଗାଯୋଗ ଅଟେ ଏବଂ ବ୍ୟବସ୍ଥାରେ ଆସୁଥିବା ପରିବର୍ତ୍ତନକୁ ରୂପାନ୍ତର ଭାବରେ ଦେଖାଯାଏ । ଏମିତିକି ନେତାଙ୍କ ଅନୁପସ୍ଥିତିରେ ବିକାଶ ପ୍ରକ୍ରିୟା ଚାଲୁ ରହେ ଏବଂ ସଫଳତାକୁ ଦୀର୍ଘକାଳୀନ ଦୃଷ୍ଟିକୋଣରେ ବିଚାର କରାଯାଏ । ଲୋକମାନେ ସ୍ୱୟଂ ମୂଲ୍ୟାଙ୍କନ କରିଥା'ନ୍ତି ଏବଂ ସମାଧାନ ଏପରି ରହିଥାଏ, ଯାହା ସମସ୍ୟାର ମୂଳ କାରଣକୁ ହଟାଇ ଗଠନମୂଳକ ପରିବର୍ତ୍ତନ ଆଣି ପାରିବ ।

## ଜୈବିକ ବନାମ ଯାନ୍ତ୍ରିକ ସଂରଚନା

| ଯାନ୍ତ୍ରିକ | ଜୈବିକ |
|---|---|
| ବ୍ୟକ୍ତିଗତ ବିଶେଷତା:<br>କର୍ମଚାରୀମାନେ ପୃଥକ ଭାବରେ କାର୍ଯ୍ୟ କରନ୍ତି ଏବଂ ଗୋଟିଏ କାର୍ଯ୍ୟରେ ବିଶେଷଜ୍ଞ ହୁଅନ୍ତି। | ମିଳିତ ବିଶେଷତା:<br>କର୍ମଚାରୀମାନେ ଏକତ୍ର କାର୍ଯ୍ୟ କରନ୍ତି ଏବଂ କାର୍ଯ୍ୟକୁ ସଂଯୋଜନା କରନ୍ତି |
| ସରଳ ଏକୀକରଣ ଯନ୍ତ୍ର କୌଶଳ:<br>ଆଧିପତ୍ୟର ଅନୁକ୍ରମ ଭଲ ଭାବରେ ବ୍ୟାଖ୍ୟା କରାଯାଇଛି | ଜଟିଳ ଏକୀକରଣ ଯନ୍ତ୍ର କୌଶଳ:<br>କାର୍ଯ୍ୟ ଓ ଦଳଗୁଡ଼ିକ ମୁଖ୍ୟତଃ ଯନ୍ତ୍ର କୌଶଳକୁ ଏକତ୍ର କରନ୍ତି |
| କେନ୍ଦ୍ରୀକରଣ:<br>ନିର୍ଣ୍ଣୟ ଯଥା ସମ୍ଭବ ଉଚ୍ଚରେ ରହିଥାଏ । ଅଧିକାଂଶ ଯୋଗାଯୋଗ ସିଧାସଳଖ ଅଟେ। | ବିକେନ୍ଦ୍ରୀକରଣ:<br>କାର୍ଯ୍ୟକୁ ନିୟନ୍ତ୍ରଣ କରିବାର କ୍ଷମତା ରହିଛି । ଅଧିକାଂଶ ଯୋଗାଯୋଗ ପାର୍ଶ୍ୱବର୍ତ୍ତୀ ଅଟେ । |
| ମାନକକରଣ:<br>ନିୟମ ଏବଂ ମାନକ ସଂଚାଳନ ପ୍ରଣାଳୀର ବ୍ୟାପକ ବ୍ୟବହାର | ପାରସ୍ପରିକ ସମନ୍ୱୟ:<br>ସମନ୍ୱୟ ନିମନ୍ତେ ମୌଖିକ ଆଲୋଚନା, କାର୍ଯ୍ୟ ପ୍ରକ୍ରିୟା ଅପ୍ରତ୍ୟାଶିତ ରହିଥାଏ |
| ଅଧିକ ଲିଖିତ ଯୋଗାଯୋଗ | ଅଧିକ କଥିତ ଯୋଗାଯୋଗ |
| ସାମ୍ରାଜ୍ୟର ଆକାରକୁ ଆଧାର କରି ସଂଗଠନର ଅନୌପଚାରିକ ସ୍ଥିତି | ଅନୁଭୂତ ସୁପ୍ରଦର୍ଶନକୁ ଆଧାର କରି ଅନୌପଚାରିକ ସ୍ଥିତି |
| ସଂଗଠନ ହେଉଛି ପଦଗୁଡ଼ିକର ଏକ ବ୍ୟବସ୍ଥା, କାର୍ଯ୍ୟ ସହ ଅନୁରୂପ । ଚିରାଚରିତ ଭାବରେ ଜଣେ ବ୍ୟକ୍ତିଙ୍କୁ ଗୋଟିଏ କାର୍ଯ୍ୟ ନ୍ୟସ୍ତ କରାଯାଏ । | ସଂଗଠନ ହେଉଛି ବ୍ୟକ୍ତି ବା ଦଳଗତ ବ୍ୟବସ୍ଥା । ଲୋକମାନେ ଭିନ୍ନ ଭିନ୍ନ କ୍ଷମତା ସହିତ ଅଧିକ ସମୟ ଯାଏଁ କାର୍ଯ୍ୟ କରନ୍ତି । |

## ୧.୫: ଗାନ୍ଧିବାଦୀ ନମୁନା

ଗ୍ରାମୀଣ ବିକାଶର ଗାନ୍ଧୀବାଦୀ ନମୂନାରେ ଗ୍ରାମରେ ସାମଗ୍ରୀର ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି ଏବଂ କୃଷି ଓ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ଉପରେ ଏହା ପର୍ଯ୍ୟବସିତ । ସମସ୍ତଙ୍କୁ ରୋଜଗାରକ୍ଷମ କରିବା ସହିତ ସମାଜରେ ଥିବା ଦୁର୍ବଳ ଶ୍ରେଣୀଙ୍କ ଜୀବନ ଶୈଳୀ କିପରି ଉନ୍ନତ ହୋଇପାରିବ, ତାହାକୁ ଏହି ନମୂନା ଗୁରୁତ୍ୱ ଦେଇଛି । ବସ୍ତୁବାଦୀ ଲାଭକୁ ବାଦ୍ ଦେଇ ନୈତିକ ମୂଲ୍ୟବୋଧକୁ ମହତ୍ୱ ଦେଇଛି ଗ୍ରାମୀଣ ବିକାଶର ଗାନ୍ଧୀବାଦୀ ନମୂନା । ଗାନ୍ଧୀଙ୍କ ଗ୍ରାମୀଣ ବିକାଶ ନମୂନାର ମୂଳ ଧାରଣା ହେଉଛି ରାମରାଜ୍ୟ ପରିକଳ୍ପନା, ଯେଉଁଠି ନୈତିକତାକୁ ଗୁରୁତ୍ୱ ଦିଆଯାଇଛି । ଏଠି ରାମ ହେଉଛନ୍ତି ଜଣେ ବ୍ୟକ୍ତିଙ୍କ ଅନ୍ତରରେ ଥିବା ବିବେକ, ପ୍ରଭୁ ରାମଚନ୍ଦ୍ର ନୁହଁନ୍ତି । ଗାନ୍ଧୀ ସବୁବେଳେ ଅନୁଭବ କରିଥିଲେ ଯେ- ଭାରତର ମେରୁଦଣ୍ଡ ହେଉଛି ତାହାର ଗ୍ରାମାଞ୍ଚଳ ଏବଂ ଗ୍ରାମ ଯଦି ଧ୍ୱଂସ ପାଏ, ଭାରତ ମଧ୍ୟ ଧ୍ୱଂସ ହୋଇଯିବ । ତେଣୁ ଲୋକମାନଙ୍କୁ ସେ କହୁଥିଲେ ବିଦେଶୀ ସହର ଅପେକ୍ଷା ଗାଁ କୁ ଅଧିକ ଗୁରୁତ୍ୱ ଦିଅ । ଗାନ୍ଧୀଙ୍କ ମତରେ ଆଦର୍ଶ ଗ୍ରାମ ପ୍ରାକ୍ ଇଂରେଜ ସମୟରେ ପ୍ରଚଳିତ ଥିଲା, ଯେଉଁଠି ଲୋକମାନେ ସ୍ୱୟଂ ଶାସିତ ରହିବା ସହିତ ସ୍ୱାଧୀନତାକୁ ଅନୁସରଣ କରି ବେଶ୍ ଶୃଙ୍ଖଳିତ ଥିଲେ । ଏହି ନମୂନାରେ ମୌଳିକ ଗାନ୍ଧିବାଦୀ ଧାରଣା ସତ୍ୟ ଏବଂ ଅହିଂସା ବ୍ୟବହୃତ ହୁଏ, ଯେଉଁଠି ସଦସ୍ୟମାନେ ବାଧ୍ୟ ନ ହୋଇ ସ୍ୱେଚ୍ଛାକୃତ ଭାବରେ ଯୋଗ ଦିଅନ୍ତି ଏବଂ ସାଧାରଣ ସ୍ୱାର୍ଥ ହାସଲ କ୍ଷେତ୍ରରେ ଏକତ୍ର କାର୍ଯ୍ୟ କରନ୍ତି। କେନ୍ଦ୍ର କର୍ତ୍ତୃପକ୍ଷ କେବଳ ନୈତିକ ପ୍ରବୃତ୍ତି ବ୍ୟବହାର କରିବେ ଏବଂ ଗ୍ରାମବାସୀଙ୍କୁ କୌଣସି ବାବଦରେ ବାଧ୍ୟ କରିବେ ନାହିଁ ।

### ୧.୫.୧: ବିକେନ୍ଦ୍ରୀକରଣ

କ୍ଷମତାର ବିକେନ୍ଦ୍ରୀକରଣରେ ଗାନ୍ଧୀ ଦୃଢ଼ ଭାବରେ ବିଶ୍ୱାସ କରୁଥିଲେ, ଯେଉଁଠି ନିର୍ଣ୍ଣୟ କରିବାବେଳେ ରାଜ୍ୟ ରାଜଧାନୀକୁ ବାଦ୍ ଦେଇ ଗ୍ରାମ ପଞ୍ଚାୟତ ଉପରେ ନିର୍ଭରଶୀଳ ଏବଂ ତାହା ଗ୍ରାମରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ପରିମଳ ସୁବିଧାର ଯତ୍ନ ନେବ । ବିକାଶ ନିମନ୍ତେ ଆବଶ୍ୟକୀୟ ସାଧନ ସ୍ୱୟଂ ଗ୍ରାମରେ ମିଳିଥାଏ । ଏମିତିକି ଆଇନଗତ ସମସ୍ୟା ନିମନ୍ତେ ନ୍ୟାୟାଳୟର ହସ୍ତକ୍ଷେପ ନ ଲୋଡ଼ି ଗ୍ରାମରେ ତାହାକୁ ସମାଧାନ କରିବାକୁ ପଡ଼ିବ । ଆଧ୍ୟାତ୍ମିକ ମୂଲ୍ୟବୋଧ ଶିଖାଇବାରେ ପଞ୍ଚାୟତ ଏକ ପ୍ରମୁଖ ଭୂମିକା ନେଇଥାଏ । ଅହିଂସା ଏବଂ ଭଗବତ ବିଶ୍ୱାସକୁ ଆପଣାଇ ଗ୍ରାମ ନିଜେ ମଧ୍ୟ ନିଜକୁ ସୁରକ୍ଷା ଦେବ ।

### ୧.୫.୨: ଆତ୍ମନିର୍ଭରଶୀଳତା

ଏକ ବିକେନ୍ଦ୍ରୀକରଣ ନମୂନା କେବଳ ବିକେନ୍ଦ୍ରୀକରଣ ଅର୍ଥନୀତିକୁ ଆମନ୍ତ୍ରଣ କରେ । ଗ୍ରାମକୁ ତାହାର ମୌଳିକ ଆବଶ୍ୟକତାଗୁଡ଼ିକୁ ଉତ୍ପାଦନ କରିବାକୁ ହେବ ଏବଂ ଯେଉଁ ସାମଗ୍ରୀ ଉତ୍ପାଦନ କରିପାରୁନାହିଁ, ତାହାକୁ ଆମଦାନୀ କରିବାକୁ ହେବ । କୃଷି, କ୍ରୀଡ଼ା କ୍ଷେତ୍ର, ଗୋଚାରଣ ପ୍ରଭୃତି ପାଇଁ ଜମି ଭାଗ ହେବା ଆବଶ୍ୟକ ଏବଂ ଅବଶିଷ୍ଟ ଜମି ଯଦି ରହିଥାଏ, ତାହା ନଗଦ ଫସଲ ପାଇଁ ବ୍ୟବହୃତ ହେବା ଉଚିତ୍; ଯାହା ଫଳରେ ଅନ୍ୟାନ୍ୟ ଗ୍ରାମରେ ବି ଜିନିଷ ପତ୍ରର ବିନିମୟ ସମ୍ଭବ ହୋଇପାରିବ । ଗ୍ରାମୀଣ ଅର୍ଥନୀତି ମୁଖ୍ୟତଃ ସର୍ବାଧିକ ନିଯୁକ୍ତି ଉପରେ ଧ୍ୟାନ ଦେବା ଉଚିତ୍, ଯାହାଦ୍ୱାରା ଲୋକମାନେ ତାଙ୍କର

ମୌଳିକ ଆବଶ୍ୟକତା ଖୋଜିବାକୁ ଯାଇ ବିସ୍ଥାପିତ ହେବାକୁ ବାଧ୍ୟ ହେବେ ନାହିଁ । ସମସ୍ତଙ୍କ ମଧ୍ୟରେ ସମାନତା ରହିବା ଉଚିତ୍ । ରସ୍କିନ୍ ଓ ଟଲଷ୍ଟୟଙ୍କ ଦ୍ୱାରା ପ୍ରଭାବିତ ହୋଇ ଆତ୍ମ ସଶକ୍ତିକରଣ ନିମନ୍ତେ ଗାନ୍ଧୀ ଶାରୀରିକ ପରିଶ୍ରମରେ ବିଶ୍ୱାସ କରୁଥିଲେ । ସେ ଅନୁଭବ କଲେ ଯେ ଏହା ଶୃଙ୍ଖଳା ଓ ବୌଦ୍ଧିକ ମାନସିକତା ସୃଷ୍ଟି କରିଥାଏ ।

**୧.୫.୩: ଶିଳ୍ପାୟନ**

ଗାନ୍ଧୀଙ୍କର ହୃଦ୍‌ବୋଧ ହେଲା ଶିଳ୍ପାୟନ ଗ୍ରାମଗୁଡ଼ିକୁ ଶୋଷଣ କରିବ । ଧନୀ ବ୍ୟକ୍ତିଙ୍କ ଅର୍ଥନୀତି ବନାଇବାରେ ଏହା ସହାୟକ ହୁଏ, ତେଣୁ ଶକ୍ତି ପୁନର୍ବାର ଗୋଟିଏ ସ୍ଥାନରେ କେନ୍ଦ୍ରୀଭୂତ ହେବ, ଯାହା ଦ୍ୱାରା ଧନୀ ଲୋକମାନେ ଅଧିକ ଧନୀ ହେବାରେ ଲାଗିବେ ଏବଂ ଗରିବ ଲୋକମାନେ ଆହୁରି ଗରିବ ହୋଇଯିବେ । ଯେହେତୁ ଶିଳ୍ପଗୁଡ଼ିକ ମାନବ ଶକ୍ତିକୁ ସ୍ଥାନାନ୍ତର କରୁଛି, ଏହା ନିଯୁକ୍ତି ସୁଯୋଗକୁ କମାଇବ, ଫଳ ସ୍ୱରୂପ ଭାରତ ପରି ଜନବହୁଳ ଦେଶ ପାଇଁ ଏକ ବଡ଼ ବିପଦ ରୂପରେ ଏହା ମୁଣ୍ଡ ଟେକିବ । ଏହା ମଧ୍ୟ ଗ୍ରାମବାସୀଙ୍କୁ ଚାକିରି ସନ୍ଧାନରେ ସହର ଯିବା ପାଇଁ ବାଧ୍ୟ କରିବ, ଏହିପରି ଗ୍ରାମଗୁଡ଼ିକର ଶୋଷଣ କରିବ ।

ତେଣୁ ଗାନ୍ଧୀ ଅନୁଭବ କଲେ ଯେ ଗ୍ରାମୀଣ ଶିଳ୍ପଗୁଡ଼ିକୁ ଆତ୍ମନିର୍ଭରଶୀଳ ହେବା ପାଇଁ ଉତ୍ସାହିତ କରିବା ଉଚିତ୍ । ସେ ମେସିନ୍ ବ୍ୟବହାର କରିବା ବିରୁଦ୍ଧରେ ନଥିଲେ, କିନ୍ତୁ ଦୃଢ଼ ଭାବରେ ବିଶ୍ୱାସ କରୁଥିଲେ ଯେ, ସେହି ମେସିନ୍‌ଗୁଡ଼ିକ ଗ୍ରାମବାସୀଙ୍କ ନିମନ୍ତେ ସୁଲଭ ଓ ଉପଯୋଗୀ ରହିବା ଉଚିତ୍ ଏବଂ ସମାନ ସମୟରେ ସେମାନଙ୍କୁ ଶୋଷଣ ନ କରି ରୋଜଗାରକ୍ଷମ କରିବା ଉଚିତ୍ ।

**୧.୫.୪: ପୃଷ୍ଠପୋଷକତା**

ଗାନ୍ଧୀ ପୃଷ୍ଠପୋଷକତାରେ ବିଶ୍ୱାସ କରୁଥିଲେ, ଯେଉଁଠି ଉତ୍ତମ ଜୀବନଯାପନ ନିମନ୍ତେ ଯାହାସବୁ ଆବଶ୍ୟକ, ଲୋକମାନେ ତାହାର ମାଲିକାନା ପାଇବେ । ଅର୍ଥନୈତିକ ଏବଂ ସାମାଜିକ କାର୍ଯ୍ୟରେ ଏହି ନୀତିକୁ ସେ ଗୁରୁତ୍ୱ ଦେଇଥିଲେ, ଯେଉଁଠି ପୁଞ୍ଜିପତିଙ୍କ ବଳକା ଧନ ସମାଜର ବିକାଶ ନିମନ୍ତେ ବ୍ୟବହୃତ ହୋଇପାରିବ । ସେ ଅନୁଭବ କଲେ ଯେ ଏହା ନିଯୁକ୍ତିଦାତା ଓ ମାଲିକଙ୍କ ମଧ୍ୟରେ ଥିବା ବିବାଦର ସମାଧାନ କରିପାରିବ ଏବଂ ସମାନତା ଆଣିପାରିବ । ସେ ମଧ୍ୟ ବିଶ୍ୱାସ କରୁଥିଲେ ଯେ, ଭୂମି ଭଗବାନଙ୍କର ଅଟେ ଏବଂ କୌଣସି ବ୍ୟକ୍ତି ବିଶେଷ ଏହାକୁ କିଣି ପାରିବେ ନାହିଁ । ତେଣୁ ପୃଷ୍ଠପୋଷକତା ଅଧୀନରେ ଜମିଦାର ତାଙ୍କ ଜମିର ପୃଷ୍ଠପୋଷକ ରହିବେ ଏବଂ ସମାଜ କଲ୍ୟାଣ ନିମନ୍ତେ ତାହାକୁ ବ୍ୟବହାର କରିବେ । ଗାନ୍ଧୀଜୀ ଜମିଦାରମାନଙ୍କୁ ପ୍ରବର୍ତ୍ତାଇବାକୁ ଚାହୁଁଥିଲେ ଯେ, ସେମାନେ ସମାଜର ଆବଶ୍ୟକତାକୁ ବୁଝି ନିଜର ଜମିକୁ ଦାନ କରନ୍ତୁ । ଗ୍ରାମୀଣ ବିକାଶର ଗାନ୍ଧୀବାଦୀ ନମୂନାରେ ଏସବୁ ହେଉଛି କେତୋଟି ମୌଳିକ ଉପାଦାନ ।

## ୧.୬: ଗ୍ରାମ ସ୍ୱରାଜ

ଗ୍ରାମ ସ୍ୱରାଜ, 'ଗ୍ରାମ ସ୍ୱୟଂ ଶାସନ' ରୂପରେ ମଧ୍ୟ ଜଣାଶୁଣା, ହେଉଛି ଗାନ୍ଧୀ ଚିନ୍ତାଧାରାର ଗାନ୍ଧୀବାଦୀ ନୀତିର ମୁଖ୍ୟ ଧାରଣା । ମହାତ୍ମା ଗାନ୍ଧୀ ଭଲ ଭାବରେ ବୁଝିଥିଲେ ଯେ ଗ୍ରାମାଞ୍ଚଳ ବିକଶିତ

ହୋଇ ପାରିଲେ ହିଁ ଦେଶ ପ୍ରକୃତ ବିକାଶ ହାସଲ କରିପାରିବ । ତେଣୁ ଯଥା ସମ୍ଭବ ଗ୍ରାମୀଣ ବିକାଶ ଉପରେ ସେ ଅଧିକ ଗୁରୁତ୍ୱ ଦେଇଥିଲେ । ଗାନ୍ଧୀଙ୍କ ନୀତିରେ ବିଚାରର କେନ୍ଦ୍ରସ୍ଥଳୀ ଥିଲେ ଗ୍ରାମ ଓ ଗ୍ରାମବାସୀ ଏବଂ ଏହି ନୀତିକୁ ଦେଶର ସାମାଜିକ ରାଜନୈତିକ ସଂଗଠନ ପର୍ଯ୍ୟନ୍ତ ସେ ବିସ୍ତାର କରିଥିଲେ । ଏହା ତାଙ୍କର ଏକ ପ୍ରମୁଖ ଆକାଂକ୍ଷା ରହିଥିଲା ।

ଗାନ୍ଧୀଙ୍କର ଦୁଇଟି ମୁଖ୍ୟ ନୀତି ସତ୍ୟ ଏବଂ ଅହିଂସା ପରି, ଗ୍ରାମ ସ୍ୱରାଜ ବ୍ୟବସ୍ଥା ବି ସେହି ଦିଗରେ ବିଚାର କରାଯିବା ଉଚିତ୍ । କେବଳ ସତ୍ୟ ଓ ଅହିଂସା ମାନଦଣ୍ଡରେ ହିଁ ଗ୍ରାମ ସ୍ୱରାଜ ବ୍ୟବସ୍ଥାକୁ ବୁଝି ହେବ। ଯଦିଓ ସତ୍ୟ ଏବଂ ଅହିଂସା ଗ୍ରାମ ସ୍ୱରାଜର ମୁଖ୍ୟ ଧାରଣା ଅଟେ, ମୌଳିକ ବିଚାର ଯାହା ମାଧ୍ୟମରେ ଏହା କାର୍ଯ୍ୟ କରିଥାଏ, ତାହା ହେଉଛି ପ୍ରତ୍ୟେକ ଗ୍ରାମ ଏକ ସ୍ୱତନ୍ତ୍ର ବିଭାଗ ପରି କାର୍ଯ୍ୟ କରିବା ଉଚିତ୍, ଏହାର ନିଜସ୍ୱ ଗଣତନ୍ତ୍ର ରହିବା ସହିତ କୌଣସି ମୌଳିକ ଇଚ୍ଛା ବା ଆବଶ୍ୟକତା ନିମନ୍ତେ ପଡ଼ୋଶୀ ଗ୍ରାମଗୁଡ଼ିକ ଉପରେ ନିର୍ଭର କରିବା ଅନୁଚିତ୍ । ସମାନ ସମୟରେ ଗ୍ରାମଗୁଡ଼ିକ ମଧ୍ୟ ପରସ୍ପର ସହ ଏକୀକୃତ ହୋଇ, ଆବଶ୍ୟକ ସ୍ଥଳେ ବିଭିନ୍ନ ଉଦ୍ଦେଶ୍ୟ ସାଧନ ପାଇଁ ପରସ୍ପର ଉପରେ ନିର୍ଭର କରିବା ଉଚିତ୍। ମହାତ୍ମା ଗାନ୍ଧୀ ଚାହୁଁଥିଲେ ସମସ୍ତ ଗ୍ରାମ ଆତ୍ମନିର୍ଭରଶୀଳ ହୁଅନ୍ତୁ, ଗ୍ରାମରେ ସମସ୍ତଙ୍କ ବିକାଶ ପାଇଁ ବ୍ୟବସ୍ଥା ରହୁ, ଯାହା ଫଳରେ ମୌଳିକ ଆବଶ୍ୟକତା ନିମନ୍ତେ ଅନ୍ୟାନ୍ୟ ଗ୍ରାମ କି ସହର ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ । ମୌଳିକ ଆବଶ୍ୟକତାଗୁଡ଼ିକ ମଧ୍ୟରେ ସାମିଲ ସ୍ୱଚ୍ଛ ପାନୀୟ ଜଳ, ଖାଦ୍ୟ, ଉପଯୁକ୍ତ ଆଶ୍ରୟସ୍ଥଳ, ଉତ୍ତମ ପରିମଳ ସୁବିଧା, ସଠିକ୍ ରାସ୍ତା ନିର୍ମାଣ, ମହିଳା ଓ ଶିଶୁଙ୍କ ନିମନ୍ତେ ଶିକ୍ଷା ଇତ୍ୟାଦି । ଉତ୍ତମ ଶାସନ ଏବଂ ଆତ୍ମନିର୍ଭରଶୀଳତା ସହିତ ସମ୍ମାନର ସହ ବଞ୍ଚିବା ପାଇଁ ଏକ ସଂପ୍ରଦାୟ ଆବଶ୍ୟକ କରୁଥିବା ସମସ୍ତ ପ୍ରକାର ସୁବିଧା ବି ଏହାର ଅନ୍ତର୍ଭୁକ୍ତ । ମହାତ୍ମା ଗାନ୍ଧୀ ଅନୁଭବ କଲେ ଯେ ଭାରତର ପ୍ରତ୍ୟେକ ଗ୍ରାମ ବ୍ୟକ୍ତିଗତ ଗଣତନ୍ତ୍ର ପରି କାର୍ଯ୍ୟ କରିବା ଉଚିତ୍ ଏବଂ ସେତେବେଳେ ହିଁ ଭାରତ ପୂର୍ଣ୍ଣ ସ୍ୱାଧୀନତା ହାସଲ କରିପାରିବ । ସେ ଚାହୁଁଥିଲେ ଗ୍ରାମାଞ୍ଚଳଗୁଡ଼ିକ ସଂପୂର୍ଣ୍ଣ ଶକ୍ତି ସହିତ କାର୍ଯ୍ୟ କରନ୍ତୁ ।

ଏହି ବିଚାରଗୁଡ଼ିକ ସେତେବେଳେ ବୈପ୍ଳବିକ ବିଚାର ରୂପରେ ପରିଗଣିତ ହେଲା । ବାସ୍ତବରେ ଏ ବିଚାର ସେହି ସମୟରେ କ୍ଷମତାରେ ଥିବା ବ୍ୟକ୍ତି ବିଶେଷ ଯଥା ଜଓ୍ୱାହରଲାଲ ନେହେରୁ କିମ୍ବା ଅନ୍ୟାନ୍ୟ କଂଗ୍ରେସ ନେତାଙ୍କ ଦ୍ୱାରା ଗୃହୀତ ହୋଇ ନଥିଲା । କେବଳ ଗାନ୍ଧୀ ହିଁ ଥିଲେ ଯିଏ ଅନୁଭବ କଲେ ଯେ ପ୍ରକୃତ ସ୍ୱାଧୀନତା ହାସଲ କରିବାକୁ ହେଲେ ସ୍ୱୟଂ ଗ୍ରାମଗୁଡ଼ିକ ବିକଶିତ ହେବା ଉଚିତ୍ । ତାହା ହିଁ ସମାଜକୁ ବୃହତ୍ତର ସ୍ତରରେ ରୂପାନ୍ତରିତ କରିପାରିବ ବୋଲି ତାଙ୍କର ହୃଦ୍‌ବୋଧ ହେଲା । ଗାନ୍ଧୀ ଯେତେବେଳେ ଭାରତର ପ୍ରକୃତ ସ୍ୱାଧୀନତା ଉପରେ ଧ୍ୟାନ ଦେଇଥିଲେ, ନେହେରୁଙ୍କ ଧ୍ୟାନ ରହିଥିଲା ବ୍ରିଟିଶ ଶାସନ କବଳରୁ ଭାରତ ଯେପରି ରାଜନୈତିକ ସ୍ୱାଧୀନତା ହାସଲ କରୁ । ନେହେରୁ ଯଦିଓ ଆଧିକାରିକ ସୂତ୍ରରେ ମହାତ୍ମା ଗାନ୍ଧୀଙ୍କ ରାଜନୈତିକ ଉତ୍ତରାଧିକାରୀ ରୂପରେ ବିବେଚିତ ହୁଅନ୍ତି, ତାଙ୍କର ବିଚାର ଓ ଚିନ୍ତନ ଗାନ୍ଧୀଙ୍କଠାରୁ ଭିନ୍ନ ରହିଥିଲା । ନେହେରୁ ମଧ୍ୟ ଦେଶର ବିକାଶ ବିଷୟରେ ଚିନ୍ତା କରୁଥିଲେ, କିନ୍ତୁ ଆଧୁନିକ ମାର୍ଗକୁ ସେ ନିଜର କରିଥିଲେ । ନାନା ଶିଳ୍ପୋଦ୍ୟୋଗ ସହିତ ଭାରତକୁ ଏକ ଆଧୁନିକ ଏବଂ ଗଣତାନ୍ତ୍ରିକ ସମାଜବାଦୀ ରାଷ୍ଟ୍ର ରୂପରେ ସେ ବିକଶିତ କରିବାକୁ ଚାହିଁଥିଲେ ।

ତାଙ୍କ ମତରେ ବିକାଶ ସେତିକିବେଳେ ସମ୍ଭବ ଯେତେବେଳେ ଦେଶର କେନ୍ଦ୍ରରେ ବୃହତ୍ ଶିଳ୍ପୋଦ୍ୟୋଗମାନ ପ୍ରତିଷ୍ଠା ପାଇବ, ପ୍ରକୃତ ସାମର୍ଥ୍ୟ ଦେଖାଇବା ସହିତ ଦେଶର ସମ୍ପଦକୁ ଏହା ବୃଦ୍ଧି କରିପାରିବ । ସେ ମଧ୍ୟ ଅନୁଭବ କଲେ ଏହି ମାର୍ଗରେ ଭାରତ ଏକ ଆଧୁନିକ ରାଷ୍ଟ୍ର ହୋଇପାରିବ । ଗାନ୍ଧୀଙ୍କ ତୁଳନାରେ ତାଙ୍କର ବିଚାର ଓ ଚିନ୍ତନ ବଡ଼ ଥିଲା ଯିଏ ବିଶ୍ୱାସ କରୁଥିଲେ ଯେ ମୌଳିକ ଆବଶ୍ୟକତା ନିମନ୍ତେ ଅନ୍ୟାନ୍ୟ ଦେଶ ବା ରାଜ୍ୟ ଉପରେ ନିର୍ଭର ନ କରି ଆତ୍ମନିର୍ଭରଶୀଳ ହେବା ଅଧିକ ଜରୁରୀ ଅଟେ । ନେହେରୁ ତାଙ୍କର ଆଧୁନିକ ଚିନ୍ତନକୁ ନିଜର କରି ଦେଶର ଗ୍ରାମୀଣ ଅଞ୍ଚଳର ବିକାଶ ଉପରେ ସେତେ ଗୁରୁତ୍ୱ ଦେଇନଥିଲେ । ତେଣୁ ଗ୍ରାମୀଣ ସଂପ୍ରଦାୟ କିମ୍ବା ବ୍ୟକ୍ତିଗତ ଗ୍ରାମ ନିମନ୍ତେ ବି ସେ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ନୀତି କି ଯୋଜନା ବିକଶିତ କରି ନଥିଲେ । ଯଦିଓ ଗାନ୍ଧୀବାଦୀ ଚିନ୍ତନକୁ ନେହେରୁ ବିରୋଧ କରି ନାହାନ୍ତି କି ବିରୋଧ କରିବାକୁ ଚାହିଁ ନାହାନ୍ତି, ତେବେ ଗାନ୍ଧୀଙ୍କ ପରି ଗ୍ରାମୀଣ ବିକାଶର ଚିନ୍ତନକୁ ସେତେଟା ଗୁରୁତ୍ୱ ସେ ଦେଇ ନାହାନ୍ତି । ଗାନ୍ଧୀଙ୍କର କିଛି ବିଚାର ଓ ଦର୍ଶନ ସହିତ ନେହେରୁ ଏକମତ ଥିଲେ ଏବଂ ଗ୍ରହଣ କରିଥିଲେ । ଉଦାହରଣ ସ୍ୱରୂପ, ଅସ୍ପୃଶ୍ୟତା ଏବଂ ସମସ୍ତଙ୍କୁ ସମାନ ଅଧିକାର ଦେବା କ୍ଷେତ୍ରରେ ସେ ମଧ୍ୟ କାର୍ଯ୍ୟ କରିଥିଲେ । କିନ୍ତୁ ତାଙ୍କର ଅନ୍ୟ କୌଣସି ପଦକ୍ଷେପରେ ଜାତୀୟ ବିକାଶ ନିମନ୍ତେ ଗ୍ରାମ ସ୍ୱରାଜକୁ କାର୍ଯ୍ୟସୂଚୀ ଭାବରେ ନିଆଯାଇ ନାହିଁ ।

ଭାରତରେ ସ୍ୱାଧୀନତା ସମୟରେ ଯେଉଁ ନେତାମାନେ ଦାୟିତ୍ୱ ନେଇଥିଲେ, ତାଙ୍କର ଚିନ୍ତନ ଓ ଦର୍ଶନରେ ମତଭେଦ ଦେଖିବାକୁ ମିଳିଲା, ଯାହା ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରାକୁ ବିରୋଧ କରୁଥିଲା । ଏହି କାରଣରୁ ଗ୍ରାମ ସ୍ୱରାଜ ପୂର୍ଣ୍ଣ ଭାବରେ ଅବହେଳିତ ହେଲା, ଭାରତୀୟ ସମ୍ବିଧାନରେ ଏହା କାର୍ଯ୍ୟକାରୀ ହୋଇ ନଥିଲା କି ଲେଖା ଯାଇନଥିଲା । ବର୍ତ୍ତମାନ ପ୍ରଚଳିତ ଥିବା ବିକାଶ ପିରାମିଡ୍ ସଂରଚନାରେ ଦେଶର ଅଧିକାଂଶ ଗ୍ରାମ ନିମ୍ନରେ ଅଛନ୍ତି ଏବଂ ଆଭିଜାତ୍ୟପୂର୍ଣ୍ଣ ସହରଗୁଡ଼ିକ ଶୀର୍ଷ ସ୍ଥାନରେ ଅଛନ୍ତି, ଯାହାକି ଗାନ୍ଧୀଙ୍କ କଳ୍ପନାରେ ନଥିଲା । ଗାନ୍ଧୀ ଏପରି ଏକ ବ୍ୟବସ୍ଥା ଚାହୁଁଥିଲେ ଯେଉଁଠି ଓଲଟା ପିରାମିଡ୍ ସଦୃଶ ଗ୍ରାମଗୁଡ଼ିକ ଶୀର୍ଷରେ ରହି ପାରୁଥିବେ, ତାହା ଉପରେ ଅଧିକ ଧ୍ୟାନ ଦିଆ ଯାଉଥିବ ଏବଂ ସହରାଞ୍ଚଳ ନିମ୍ନରେ ରହୁଥିବ । ସେ ଚାହୁଁଥିଲେ ଭାରତର ରାଜନୈତିକ ଜୀବନ ଗ୍ରାମାଞ୍ଚଳକୁ ଅଧିକ ପ୍ରାଧାନ୍ୟ ଦେଇ ଏହି ମାର୍ଗରେ କାର୍ଯ୍ୟ କରୁ । ଯାହା ବି ହେଉ, ତାଙ୍କର ରାଜନୈତିକ ବଂଶଧର ନେହେରୁ ଏବଂ ଅନ୍ୟାନ୍ୟ ମହାନ ରାଜନୀତିଜ୍ଞମାନେ ଶିଳ୍ପାୟନ ବିଚାର ସହିତ ଅଧିକ ଖୁସି ରହିଥିଲେ, ଏମିତିକି ସ୍ୱାଧୀନ ଭାରତରେ ନିଜର ଉଚ୍ଚ ପଦକୁ ନେଇ ସେମାନେ ଖୁସି ଥିଲେ । ତେଣୁ ଗ୍ରାମ ସ୍ୱରାଜକୁ ସେମାନେ ସଂପୂର୍ଣ୍ଣ ଅବହେଳା କରିଥିଲେ ।

ଗ୍ରାମ ସ୍ୱରାଜ ଶବ୍ଦଟି ଗାନ୍ଧୀଙ୍କ ଦ୍ୱାରା ସ୍ୱୟଂ ଶାସନ ଏବଂ ଆତ୍ମ ସଂଯମତା ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଥିଲା। ତାଙ୍କର ଦୂରଦୃଷ୍ଟି ରହିଥିଲା ଯେ ସ୍ୱାଧୀନତାର ଅର୍ଥ ହେଉଛି ପ୍ରତ୍ୟେକ ବ୍ୟକ୍ତି ଓ ଜାତିର ସ୍ୱାଧୀନତା । ତେଣୁ ଯେତେବେଳେ ବି ଆମେ ଗ୍ରାମ ସ୍ୱରାଜ ବା ଲୋକମାନଙ୍କ ସ୍ୱାଧୀନତା ବିଷୟରେ କଥା ହେଉ, ତା'ର ଅର୍ଥ ହେଲା- ଦେଶର ସମସ୍ତ ବ୍ୟକ୍ତି ମୁକ୍ତ ଅଟନ୍ତି । ଜାତିର ସ୍ୱାଧୀନତା ପ୍ରସଙ୍ଗରେ, ଏ ହେଉଛି ଏକ ଗୋଷ୍ଠୀଗତ କାର୍ଯ୍ୟକଳାପ, ଯାହା ଏକ ଦେଶକୁ ଆଦର୍ଶ ରୂପରେ ଗଢ଼ି ତୋଳେ, ଯେଉଁଠି ଲୋକମାନେ ନୈତିକ ମୂଲ୍ୟବୋଧ ଓ ଶକ୍ତି ବାବଦରେ ସଚେତନ ରୁହନ୍ତି ।

## ୧.୭: ଆସ ପ୍ରଗତି ମାପିବା

୧) ଗ୍ରାମୀଣ ବିକାଶର ମୁଖ୍ୟ ପ୍ରସଙ୍ଗଗୁଡ଼ିକ କ'ଣ ?

-----------------------------------------------------------------

-----------------------------------------------------------------

--------------------------------

୨) ଗ୍ରାମ ସ୍ୱରାଜ କ'ଣ ?

-----------------------------------------------------------------

-----------------------------------------------------------------

--------------------------------

୩) ଗ୍ରାମୀଣ ବିକାଶ ନିମନ୍ତେ ବ୍ୟବହୃତ ସାଧନଗୁଡ଼ିକ କ'ଣ ?

-----------------------------------------------------------------

-----------------------------------------------------------------

--------------------------------

# ୟୁନିଟ୍ – ୨:  ଆଧୁନିକୀକରଣ ବନାମ ସାମାଜିକ ପରିବର୍ତ୍ତନ

୨.୦: ବିଷୟର ଗଠନ

୨.୧: ପଠନର ଉଦ୍ଦେଶ୍ୟ

୨.୨: ଆଧୁନିକୀକରଣ ବନାମ ସାମାଜିକ ପରିବର୍ତ୍ତନ

୨.୨.୧: ଭାରତରେ ସାମଜିକ ପରିବର୍ତ୍ତନ

୨.୨.୨: ସଂସ୍କୃତୀକରଣ

୨.୨.୩: ପାଶ୍ଚାତ୍ୟକରଣ

୨.୨.୪: ଆଧୁନିକୀକରଣ

୨.୩: ବିରୋଧାଭାସ

୨.୩.୧: ଆଧୁନିକତାର ବ୍ୟାଖ୍ୟା

୨.୪: ବିପରୀତ ଆଧୁନିକୀକରଣ (ନବ-ପାରମ୍ପରିକକରଣ)

୨.୫: ବିକାଶର ବାହକ ରୂପରେ ସଂସ୍କୃତି

୨.୬: ଆସ ପ୍ରଗତି ମାପିବା

## ୨.୧: ପଠନର ଉଦ୍ଦେଶ୍ୟ

ଏହି ୟୁନିଟ୍ ସୂଚାଇ ଦିଏ

- ଗ୍ରାମୀଣ ବିକାଶ ପ୍ରକ୍ରିୟାରେ ଆଧୁନିକୀକରଣ ଏବଂ ସାମାଜିକ ପରିବର୍ତ୍ତନଗୁଡ଼ିକ କିପରି ଏକ ପ୍ରମୁଖ ଅଂଶ ଦଖଲ କରେ ।
- ଏହା ବିରୋଧାଭାସ ଏବଂ ବିପରୀତ ଆଧୁନିକୀକରଣ ବିଷୟରେ ମଧ୍ୟ ଆଲୋଚନା କରେ । ଶେଷରେ ଏହି ୟୁନିଟ୍ ଆମର ସଂସ୍କୃତି କିପରି ବିକାଶର ବାହକ ରୂପରେ କାର୍ଯ୍ୟ କରେ ତାହା ସୂଚାଇ ଦେଇଛି ।

## ୨.୨: ଆଧୁନିକୀକରଣ ବନାମ ସାମାଜିକ ପରିବର୍ତ୍ତନ

ଆଧୁନିକୀକରଣ ହେଉଛି ସେହି ପ୍ରକ୍ରିୟା ଯାହା ଏକ ଅନୁନ୍ନତ ସମାଜକୁ ଉନ୍ନତ ସମାଜ ରୂପରେ ବିକଶିତ କରେ । ଗ୍ରାମୀଣ ବା ଅନୁନ୍ନତ ସମାଜର ସଂରଚନା ଜନିତ ପରିବର୍ତ୍ତନ ବା ସୁଧାର ଏହାର ଅନ୍ତର୍ଭୁକ୍ତ, ଯାହା ବିକାଶ ଭାବରେ ପରିଗଣିତ ହୋଇପାରିବ । ଏହି ମାପଦଣ୍ଡ ସହିତ, ଏକ ସମାଜର ବିକାଶ କେବଳ ଏହାକୁ ସମର୍ଥନ କରୁଥିବା ବୈଷୟିକ କୌଶଳକୁ ଆଧାର କରି ଗଣନା କରାଯାଇପାରିବ । ବିଶେଷ କରି ବୈଷୟିକ କୌଶଳ ଏକ ନିର୍ଦ୍ଦିଷ୍ଟ ସ୍ଥାନ ବା ରାଜ୍ୟରେ ଗଢ଼ି ଉଠିଥିବା ଶିଳ୍ପର ଭିତ୍ତିଭୂମି ସୁବିଧା ସହ ଜଡ଼ିତ ରହିଥାଏ । ଯାହା ବି ହେଉ, ଅଭିବୃଦ୍ଧି ବା ଆଧୁନିକୀକରଣକୁ ସବୁ ସମୟରେ ଏକ ସ୍ଥାନର ଜାତିଗତ

ପକ୍ଷପାତକୁ ଜରିଆ କରି ଗଣନା କରାଯାଇପାରିବ ନାହିଁ । ଭୌଗୋଳିକ ସୂତ୍ରରେ ଅନେକ ସ୍ଥାନ ଅଧିକ ସୁବିଧାଜନକ ରହିଥାଏ, ଯେଉଁଠି କଞ୍ଚାମାଲ ବା ସାମଗ୍ରୀର ସହଜ ପରିବହନ ହେତୁ ନୂତନ ପରିବର୍ତ୍ତନକୁ ଆପଣାଇବା ସହଜ ହୋଇଥାଏ, ଯାହା ବୈଷୟିକ କୌଶଳର ପ୍ରବାହରେ ମଧ୍ୟ ସାହାଯ୍ୟ କରେ । ଅନ୍ୟ ପକ୍ଷରେ, କେତେକ ସ୍ଥାନ ସେତେ ସୁବିଧାଜନକ ନଥାଏ, ଯାହା ଫଳରେ ବୈଷୟିକ ଉନ୍ନତିର ସୁବିଧା ଆଣିବା କଷ୍ଟକର ହୋଇଯାଏ ।

ବିଶ୍ୱର ସମସ୍ତ ପ୍ରାନ୍ତରେ ପ୍ରଯୁକ୍ତିର ପ୍ରସାରକୁ ବିଶ୍ଳେଷଣ କରିବା ପୂର୍ବରୁ, ପ୍ରଥମେ ବୁଝିବା ଆବଶ୍ୟକ ଯେ ଏପରି ପ୍ରଯୁକ୍ତି ପ୍ରକୃତରେ ସକାରାତ୍ମକ ପରିବର୍ତ୍ତନ ଆଣୁଛି କି ? ଯେତେବେଳେ ଆକର୍ଷଣୀୟ ଶୈଳୀରେ ପ୍ରସ୍ତୁତ ହୋଇଥିବା ଅତ୍ୟାଧୁନିକ ଜ୍ଞାନ କୌଶଳ ଏବଂ ଉଦ୍ଭାବନ ଉପରେ ଆମେ ଦୃଷ୍ଟି ପକାଉ, ଜାଣିବାକୁ ପାଉ ଯେ ସେଗୁଡ଼ିକ ବାସ୍ତବରେ ଆମର ଉଦ୍ଧାର ପାଇଁ ଆସିଛନ୍ତି । ଆହୁରି ଗଭୀର ଭାବରେ ଅଧ୍ୟୟନ କଲେ ଆମେ ଜାଣିପାରୁ, ସମସ୍ତ ବୈଷୟିକ ଜ୍ଞାନ କୌଶଳ ଆମର ସମୟ ବଞ୍ଚାଉଛି ।  ତଥାପି ସବୁ ସମୟରେ ଏପରି କରିବାରେ ସେଗୁଡ଼ିକ ବିଫଳ ହୋଇଛନ୍ତି । ବେଳେବେଳେ ଆମେ ନିଜକୁ ଏମିତି ପରିସ୍ଥିତିରେ ପାଉ, ଯେଉଁଠି ଇଣ୍ଟରନେଟ୍ ଏକ ପେଜ୍ ଲୋଡ୍ କରିବାରେ ବି ଅତି ମନ୍ଥର ରହିଥାଏ ଏବଂ ଆମେ ଧୈର୍ଯ୍ୟହରା ହୋଇପଡୁ ଆମେ ମଧ୍ୟ ହତାଶ ଏବଂ ଧୈର୍ଯ୍ୟହରା ହୋଇଯାଉ । କୌଣସି ନେଟ୍‌ୱାର୍କ୍ ଆମର କଲ୍‌କୁ ଗ୍ରହଣ କରେ ନାହିଁ ଅଥବା ସ୍ଥାନାନ୍ତର କରି ପାରେନି। ଆଜିକାଲି ଚିରାଚରିତ  ରନ୍ଧନ ଉପକରଣ, ଇଲେକ୍ଟ୍ରିକ୍ ଡିସ୍ ୱାସର୍, ୱାସିଂ ମେସିନ୍, ଏମିତିକି ରିମୋଟ୍ ପରିଚାଳିତ ଭାକ୍ୟୁମ୍ କ୍ଲିନର୍ ସହିତ ଜୀବନ ଖୁବ୍ ସରଳ ହୋଇଯାଇଛି । କିନ୍ତୁ ଏହା ପ୍ରକୃତରେ କ'ଣ ଜୀବନକୁ ସରଳ କରିଛି ଏବଂ ସମୟ ବଞ୍ଚାଇ ପାରିଛି କି ? ଏହିସବୁ ନୂତନ ଉଦ୍ଭାବନ ପୂର୍ବରୁ ଘରକାମ ପାଇଁ ଯେତିକି ସମୟ ଲାଗୁଥିଲା, ଏବେ ବି ସେତିକି ସମୟ ଲାଗୁଛି ।

ଆମେ ଇଣ୍ଟରନେଟ୍‌କୁ ଏକ ଆଶୀର୍ବାଦ ଏବଂ ଯୋଗାଯୋଗର ସବୁଠାରୁ ସହଜ ଓ ଦ୍ରୁତଗାମୀ ଉପାୟ ଭାବରେ ଦେଖୁ । କିନ୍ତୁ ଜଣେ କର୍ମଚାରୀ ଅଫିସ୍‌ରେ ଯେତିକି ସମୟ ରହିବା କଥା, ଏହା ପ୍ରକୃତରେ ସେହି ସମୟକୁ ବେଶ୍ ବଢ଼ାଇ ଦେଇଛି, ପରିବାର ପାଇଁ ଉପଲବ୍ଧ ସମୟକୁ ଏହା କମାଇବାରେ ଲାଗିଛି । ଅଧିକନ୍ତୁ, ଇଣ୍ଟରନେଟ୍ ଆମ ପାଇଁ ଅନେକ ସୂଚନା ଆଣୁଥିଲେ ବି ସମାନ ସମୟରେ ଆମକୁ ଏଥିପାଇଁ ଅନେକ ମୂଲ୍ୟ ଦେବାକୁ ପଡୁଛି । ଅସୀମ ସୂଚନା ସଦୃଶ ମନେ ହେଉଥିବା ଏ ମାଧ୍ୟମ ବି ସୂଚାଇ ଦିଏ ଯେ- ଏହା ହିଁ ହେଉଛି ଅଧିକ ସୂଚନା ଯୋଗାଇବାର ଏକ ନିର୍ଭରଯୋଗ୍ୟ ସୂତ୍ର । ବିକଶିତ ରାଷ୍ଟ୍ରର ଧାରଣା ହେଉଛି ପାରମ୍ପରିକ ମୂଲ୍ୟବୋଧ ଓ ସଂସ୍କୃତି ଅପେକ୍ଷା ପ୍ରଯୁକ୍ତି ଓ ଆଧୁନିକୀକରଣ ସବୁ ସମୟରେ ଭଲ, ଯାହାକୁ ଅତି ସଂକୀର୍ଣ୍ଣତା ସହିତ ସେମାନେ ବାଛନ୍ତି । ପାଶ୍ଚାତ୍ୟ ଦେଶଗୁଡ଼ିକ ଅନେକ ସମୟରେ ଭାବନ୍ତି ଯେ ବାକି ଦେଶଗୁଡ଼ିକ ମଧ୍ୟ ତାଙ୍କର ଚିନ୍ତନକୁ ଠିକ୍ ମନେକରି ତାହାକୁ ହିଁ ଅନୁସରଣ କରିବାକୁ ଚାହାଁନ୍ତି ଏବଂ ଏହିପରି ବୈଷୟିକ କୌଶଳକୁ ଦ୍ରୁତ ଗତିରେ ଆମ ଉପରକୁ ଠେଲି ଦିଅନ୍ତି, ଏ କଥା ଉପରେ ସେମାନେ ଜୋର୍ ଦିଅନ୍ତି ଯେ ଅନ୍ୟ କାହା ତୁଳନାରେ ପ୍ରଯୁକ୍ତି ଓ ଆଧୁନିକୀକରଣ ହେଉଛି ସର୍ବୋତ୍ତମ ବିକଳ୍ପ ।

ଏକ ମିଥ୍ୟା ପ୍ରତିଛବି ସହିତ ଏକ ପ୍ରକାର ପ୍ରତିରକ୍ଷା କୌଶଳ ବି ରହିଛି, ଯାହା ପ୍ରଯୁକ୍ତିକୁ ବ୍ୟବହାର କରି ଖୁସି ରହିବାର ସୂଚାଇ ଦିଏ, ଯାହା ଅନେକ ସମୟରେ ଗ୍ରାମା ଳରେ ଦାରିଦ୍ର୍ୟର ବାସ୍ତବ କ୍ରନ୍ଦନକୁ ଅବହେଳା କରେ । ତେଣୁ ଭବିଷ୍ୟତର ଆଶାକୁ ଦୃଷ୍ଟିରେ ରଖି ପ୍ରକୃତ ସାଂସ୍କୃତିକ ପରିଚୟ ଏବଂ ସଂସ୍କୃତି ସଂରକ୍ଷଣର ଆବଶ୍ୟକତାକୁ ବୁଝିବା ପାଇଁ ଅନେକ ଜ୍ଞାନ ଓ ସହାନୁଭୂତିଶୀଳ ହୃଦୟ ନିହାତି ଆବଶ୍ୟକ ।

**୨.୨.୧: ଭାରତରେ ସାମାଜିକ ପରିବର୍ତ୍ତନ**

ଭାରତୀୟ ଉପମହାଦେଶରେ ଏକ ପୁରାତନ ସଭ୍ୟତା ଅଛି, ଯାହା ସମାଜରେ ଗଭୀର ଭାବରେ ଚେର ବିସ୍ତାର କରିଛି । ଭାରତ ଅନେକ ସଂସ୍କୃତି ଓ ପରମ୍ପରାକୁ ଗ୍ରହଣ କରିଥିଲେ ବି ଏହାର ଆଧାର ଦୃଢ଼ ଅଟେ । ଏହାର ଏକ ବିବିଧତାପୂର୍ଣ୍ଣ ସାଂସ୍କୃତିକ ଐତିହ୍ୟ ଏବଂ ଗଭୀର ମୂଳ ପରମ୍ପରା ରହିଛି । କେତୋଟି ଅଭ୍ୟାସ ଥିଲା ଯାହା ଅବଶ୍ୟ ଭାରତରେ ଦୃଢ଼ତାପୂର୍ବକ ଅନୁସରଣ କରାଯାଇ ନାହିଁ, ଯେମିତିକି ଜାତି ପ୍ରଥା ଏବଂ ଜାତି ନାମରେ ଭେଦଭାବ । ସାମାଜିକ ବୈଷମ୍ୟକୁ ଆଧାର କରି ଅନ୍ୟାନ୍ୟ ମନ୍ଦ ଘଟଣାମାନ ଘଟୁଥିଲା ଏବଂ ଏହା ସର୍ବଦା ଭାରତକୁ ନିଜ ଦୃଷ୍ଟିରେ ଦେଖିବା ପାଇଁ ଅନ୍ୟାନ୍ୟ ଆଧୁନିକ ଦେଶଗୁଡ଼ିକୁ ପ୍ରେରିତ କରୁଥିଲା । ତେବେ ଭାରତ ବର୍ତ୍ତମାନ ଧୀରେ ଧୀରେ ଆଧୁନିକୀକରଣ ଦିଗରେ ଗତି କରୁଛି ।
ସ୍ୱାଧୀନତା ପରଠାରୁ ପାଶ୍ଚାତ୍ୟ ଶାସନର ପ୍ରଭାବ ଏବଂ ମୁଖ୍ୟତଃ ଦ୍ୱିତୀୟ ବିଶ୍ୱଯୁଦ୍ଧ ହେତୁ, ଭାରତକୁ ସର୍ବଦା ଆଧୁନିକୀକରଣ ଆଡ଼କୁ ଠେଲିବା ଏକ ଜାତୀୟ ରଣନୀତି ରହିଆସିଛି । ଆଧୁନିକୀକରଣ ସହାୟତାରେ ଭାରତରେ ବିକାଶ ଆଣିବା ନିମନ୍ତେ ଶିକ୍ଷା, ରାଜନୀତି, ଅର୍ଥନୀତି ଏବଂ ସାଂସ୍କୃତିକ କ୍ଷେତ୍ରରେ ବି ସଚେତନ ଓ ନିରବଚ୍ଛିନ୍ନ ପ୍ରୟାସ କରାଯାଉଛି । ଭାରତ ସବୁ ସମୟରେ ଅନ୍ୟ ଦେଶର ଚିନ୍ତାଧାରାକୁ ଗ୍ରହଣ କରିଛି ଏବଂ ଆଧୁନିକୀକରଣ ଦିଗରେ ଏହାର ବିବର୍ତ୍ତନ ସର୍ବଦା ମନ୍ଥର ରହିଥିଲେ ବି ତାହା ଏକ ନିରନ୍ତର ପ୍ରକ୍ରିୟା ଅଟେ । ଉନବିଂଶ ଶତାବ୍ଦୀର ଆରମ୍ଭରେ ପାରମ୍ପରିକ ସାମାଜିକ ସଂରଚନା ମଧ୍ୟରେ ଭାରତୀୟମାନେ କେତୋଟି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଇ ଗତି କରିଥିଲେ । ତାହାକୁ ବୁଝିବାକୁ ହେଲେ ଆମକୁ ପ୍ରଥମେ ସଂସ୍କୃତୀକରଣ ଓ ଆଧୁନିକୀକରଣର ପରିକଳ୍ପନାକୁ ବୁଝିବାକୁ ପଡ଼ିବ ।

**୨.୨.୨: ସଂସ୍କୃତୀକରଣ**

ପଣ୍ଡିତମାନଙ୍କ ମତରେ, ସଂସ୍କୃତୀକରଣ ଭାରତର ପାରମ୍ପରିକ ସାମାଜିକ ସଂରଚନାରେ ଏକ ସାଂସ୍କୃତିକ ଗତିଶୀଳତା ଥିଲା; ଯେଉଁଠି ନିମ୍ନ ଜାତିର ଲୋକ ବା ଆଦିବାସୀମାନେ ସେମାନଙ୍କ ରୀତିନୀତି ଓ ପରମ୍ପରା, ପ୍ରଥା ଓ ବିଚାରକୁ ପରିବର୍ତ୍ତନ କରନ୍ତି; ଏମିତିକି ନିଜର ଦୈନନ୍ଦିନ ଜୀବନରେ ଉଚ୍ଚ ଜାତି ସମ୍ପନ୍ନ ଲୋକଙ୍କର ଆଦର୍ଶ ଓ ଗତିବିଧିକୁ ଅନୁସରଣ କରନ୍ତି । କିନ୍ତୁ ଏହି ସାଂସ୍କୃତିକ ଗତିଶୀଳତା ସ୍ଥିତିଗତ ପରିବର୍ତ୍ତନକୁ ବାଦ୍ ଦେଲେ କୌଣସି ମହତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରି ନଥିଲା । ଏହା ସମାଜକୁ କୌଣସି ଗଠନମୂଳକ ପରିବର୍ତ୍ତନ ଦେଇ ନଥିଲା ଏବଂ ଜାତି ନାମରେ ଭେଦଭାବ ରହିଥିଲା । ତା' ସହିତ ସମସାମୟିକ ଭାରତୀୟ ସମାଜରେ ସଂସ୍କୃତୀକରଣ ପରିକଳ୍ପନାର ବ୍ୟବହାର ସେତେ ଦେଖିବାକୁ ମିଳିନି ।

## ୨.୨.୩: ପାଶ୍ଚାତ୍ୟକରଣ

ପାଶ୍ଚାତ୍ୟକରଣ ଶବ୍ଦଟି ଭାରତରେ ଦୀର୍ଘ ଦିନ ପର୍ଯ୍ୟନ୍ତ ଚାଲିଥିବା ବ୍ରିଟିଶ ରାଜ ସମୟରୁ ଆରମ୍ଭ ହୋଇଛି । ନୂତନ ବୈଷୟିକ ଜ୍ଞାନ କୌଶଳର ଅଭ୍ୟୁଦୟ, ବିଜ୍ଞାନ କ୍ଷେତ୍ରରେ ଆସିଥିବା ଉଦ୍ଭାବନ ଏବଂ ପାଶ୍ଚାତ୍ୟ ଦର୍ଶନର ଚିନ୍ତାଧାରା ଇତ୍ୟାଦି ପାଶ୍ଚାତ୍ୟ ଚିନ୍ତନର ଧାରା ବୋଲି ଅଭିହିତ ହେଲା । ବ୍ରିଟିଶ ପାଶ୍ଚାତ୍ୟକରଣ ଧାରଣାଟି ଧୀରେ ଧୀରେ ଭାରତୀୟ ସମାଜରେ ପରିଚିତ ହେଲା ଯେତେବେଳେ ସେମାନେ ଆମକୁ ଶାସନ କରୁଥିଲେ ଏବଂ ଭାରତୀୟମାନଙ୍କୁ ତାଙ୍କର ଦୈନନ୍ଦିନ ଜୀବନରେ କିଛି କାର୍ଯ୍ୟକଳାପକୁ ଆପଣାଇବା ନିମନ୍ତେ ପ୍ରେରିତ କଲା । ଧୀରେ ଧୀରେ ଏହି କାର୍ଯ୍ୟକଳାପ ଭାରତୀୟମାନଙ୍କୁ ଚିନ୍ତାରେ ପକାଇଲା, ସେମାନେ ଭାବିଲେ ସେହି ସମୟରେ ପାଳନ କରାଯାଉଥିବା ପ୍ରାଚୀନ ରୀତିନୀତି ଓ ପ୍ରଥା ପରମ୍ପରା ପ୍ରକୃତରେ ଅର୍ଥପୂର୍ଣ୍ଣ ଏବଂ ଆବଶ୍ୟକ କି? ପାଶ୍ଚାତ୍ୟ ଚିନ୍ତାଧାରା ଓ ବିଚାର ଭାରତୀୟଙ୍କ ନିମନ୍ତେ ବାସ୍ତବ ଆହ୍ୱାନ ଥିଲା, ଯାହା ଶେଷରେ ସେମାନଙ୍କୁ ଜୀବନର ଏକ ନୂତନ ଶୈଳୀ ଆପଣାଇବା ସହିତ ସେଥିରେ ଖାପ ଖୁଆଇବାରେ ସାହାଯ୍ୟ କଲା । ଜୀବନରେ ନୂତନ ଶୈଳୀ ଆସିଲା, ନୂତନ ମୂଲ୍ୟବୋଧ ସୃଷ୍ଟି ହେଲା । ପାରମ୍ପରିକ ଅଭ୍ୟାସ କାରଣରୁ ଗତି କରିଥିବା ସଂକୀର୍ଣ୍ଣ ଚିନ୍ତାଧାରା ବର୍ତ୍ତମାନ ଆଧୁନିକୀକରଣର ନୂତନ ଚିନ୍ତାଧାରା ସହିତ ବ୍ୟାପକ ହେଲା ।

ସ୍ଥାନୀୟ ବ୍ୟତୀତ ଅନ୍ୟାନ୍ୟ ପ୍ରାନ୍ତର ଜ୍ଞାନ ଓ ସାହିତ୍ୟ ସହ ସଂସର୍ଗ ସେମାନଙ୍କୁ ଜୀବନର ଅନ୍ୟାନ୍ୟ ନୀତି ସାଥିରେ ପରିଚିତ କରାଏ । ଲୋକମାନେ ଏକ ମାନବିକ ଉପାୟ ଅବଲମ୍ବନ କରିଥିଲେ ଯାହା ସେମାନଙ୍କୁ ବ୍ୟକ୍ତିଗତ ବିକାଶ ବିଷୟରେ ଚିନ୍ତା କରିବା ପରିବର୍ତ୍ତେ ସମୁଦାୟ ମାନବ ଶ୍ରେଣୀର କଲ୍ୟାଣ ବାବଦରେ ଚିନ୍ତା କରିବାକୁ ପ୍ରବର୍ତ୍ତାଇଥିଲା । ପାଶ୍ଚାତ୍ୟକରଣ ଫଳରେ ଉଚ୍ଚ ବର୍ଗ ତଥା ଆଭିଜାତ୍ୟ ସମ୍ପନ୍ନ ଭାରତୀୟଙ୍କ ମଧ୍ୟରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଲା; ଯାହା ତାଙ୍କର ବ୍ୟବହାର, ପୋଷାକ, ଖାଦ୍ୟ ଅଭ୍ୟାସରେ ପ୍ରତିଫଳିତ ହେଲା ଏବଂ ଆଚରଣ ଓ ନୈତିକ ମୂଲ୍ୟବୋଧରେ ବି କିଛିଟା ପରିବର୍ତ୍ତନ ସାମ୍ନାକୁ ଆସିଲା ଯେମିତିକି ସମସ୍ତଙ୍କୁ ସମ ଦୃଷ୍ଟିରେ ଦେଖିବା ଏବଂ ଧର୍ମ ନିରପେକ୍ଷତାରେ ବିଶ୍ୱାସ କରିବା ।

ଆଧୁନିକୀକରଣ ଏହିପରି ଭାରତରେ ସାମାଜିକ ପରିବର୍ତ୍ତନର ଏକ ମହତ୍ୱପୂର୍ଣ୍ଣ ପରିକଳ୍ପନା ରହି ଆସିଛି । ତେବେ ପରବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ସାମାଜିକ ପରିବର୍ତ୍ତନ ଭାରତୀୟ ସମାଜରେ କେତେ ଦୂର ପର୍ଯ୍ୟନ୍ତ ଯାଇଛି, ତାହାକୁ ବିଚାର କରିବା । ଯେତେବେଳେ ଆମେ ଗଭୀର ଭାବରେ ଭାରତୀୟ ସମାଜରେ ପାଶ୍ଚାତ୍ୟକରଣର ପ୍ରଭାବକୁ ବିଶ୍ଳେଷଣ କରୁ, ଆମେ ଜାଣିପାରୁ ଯେ ଏହି ପ୍ରକ୍ରିୟାଟି ଅଧିକ ଲୋକଙ୍କୁ ପ୍ରଭାବିତ କରି ପାରିନି । ଏହା କେବଳ ଆଭିଜାତ୍ୟ ସମ୍ପନ୍ନ ଭାରତୀୟଙ୍କ ମଧ୍ୟରେ ସୀମିତ ରହି ଯାଇଛି ଏବଂ ସାଧାରଣ ଲୋକଙ୍କ ନିମନ୍ତେ ମୌଳିକ ପରିବର୍ତ୍ତନ ଆଣିବାରେ ବିଫଳ ହୋଇଛି । ସମାଜର ବିଶାଳ ସ୍ତରକୁ ଏହା ବଦଳାଇ ପାରିନି । ସମାଜର ପାରମ୍ପରିକ ମୂଲ୍ୟବୋଧକୁ ଏହା ପରିବର୍ତ୍ତନ କରିପାରିନି । ଆଧୁନିକୀକରଣ ଯାହା ବି ପରିବର୍ତ୍ତନ ଆଣିଛି, ତାହା ଧନୀ ଓ ଗରିବଙ୍କ ମଧ୍ୟରେ ଏକ ପକ୍ଷପାତ ରୂପରେ ନଜର ଆସିଛି । ସାମାଜିକ ସୁବିଧାରୁ ବଞ୍ଚିତ ରହିଥିବା ବିଭାଗ ପାଖରେ ପହଞ୍ଚିବାରେ ଏହା ବିଫଳ ହୋଇଛି ଏବଂ ତୃଣମୂଳ ସ୍ତରରେ ପରିବର୍ତ୍ତନ ଆଣିପାରିନି ।

ଅନ୍ୟତମ ଉଲ୍ଲେଖଯୋଗ୍ୟ ଦିଗଟି ହେଉଛି ପାଶ୍ଚାତ୍ୟକରଣ ଦ୍ୱାରା ଆସିଥିବା ସାମାଜିକ ପରିବର୍ତ୍ତନ କ୍ଷମତା ବା ପ୍ରଶାସନ ଏବଂ ବୈଷୟିକ କ୍ଷେତ୍ରରେ ସାମିଲ ଥିବା ବ୍ୟକ୍ତିବିଶେଷଙ୍କ ନିମନ୍ତେ ଉଦ୍ଦିଷ୍ଟ ରହିଥିଲା । ଜୀବନର ସାଂସ୍କୃତିକ କ୍ଷେତ୍ର ନିମନ୍ତେ ଏହି ପରିକଳ୍ପନାଟି କୌଣସି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣି ନଥିଲା । ତେଣୁ ପାଶ୍ଚାତ୍ୟକରଣ ପରିକଳ୍ପନା, ଯଦିଓ ବିଶାଳ ମାନସିକ ଚିନ୍ତନକୁ ଧରି ରଖିଥିଲା, ଜଟିଳ ସଂସ୍କୃତିଯୁକ୍ତ ଏକ ବିକାଶମୂଖୀ ରାଷ୍ଟ୍ର ନିମନ୍ତେ ତାହା ଅତି ସଂକୀର୍ଣ୍ଣ ରହି ଆସିଛି ।

### ୨.୨.୪: ଆଧୁନିକୀକରଣ

ସଂସ୍କୃତୀକରଣ ଓ ପାଶ୍ଚାତ୍ୟକରଣ ପ୍ରକ୍ରିୟା ସହ ତୁଳନା କରାଗଲେ, ଆଧୁନିକୀକରଣ ପରିକଳ୍ପନା ସାମାଜିକ ପରିବର୍ତ୍ତନ ଆଣିବାରେ ଉନ୍ନତ ରହିଛି । ଅନ୍ୟ ଦୁଇଟି ପ୍ରକ୍ରିୟା ଅପେକ୍ଷା ଏହା ଅଧିକ ବ୍ୟାପକ ଥିଲା ଏବଂ ସହଜରେ ବୁଝି ହେଉଥିଲା । ସମାଜ ବାବଦରେ ନିଦାନଯୁକ୍ତ ଏବଂ ବିସ୍ତୃତ ଜ୍ଞାନ ସହିତ ସମାଜ ନିମନ୍ତେ ଏହାର ଅନ୍ତର୍ଦୃଷ୍ଟି ମଧ୍ୟ ଉତ୍ତମ ଥିଲା । ସମସାମୟିକ ମାନବ ସମାଜରେ ଆଧୁନିକୀକରଣ ପ୍ରକ୍ରିୟାକୁ ବ୍ୟାଖ୍ୟା କଲେ ଏହା ଉଭୟ ଗୁଣାତ୍ମକ ଓ ସଂଖ୍ୟାତ୍ମକ ପରିବର୍ତ୍ତନ ଆଣି ପାରିଛି ।

ଏହି ଆଧୁନିକୀକରଣ ପ୍ରକ୍ରିୟାଟି ଜଟିଳ ରୂପରେ ପରସ୍ପର ପ୍ରତି ନିର୍ଭରଶୀଳ ଏବଂ ଅନ୍ତର୍ବନ୍ଧନ ଯୁକ୍ତ ରୂପାନ୍ତରକୁ ସାମିଲ କରିଛି । ଆମେ ଯେତେବେଳେ ଆଧୁନିକୀକରଣ ବିଷୟରେ କହୁ, ଏହା କେବଳ ବାହାରକୁ ଦେଖା ଯାଉଥିବା ପରିବର୍ତ୍ତନ ନୁହେଁ, ବରଂ ଏହା ମଧ୍ୟ ଆନ୍ତରିକ ଭାବରେ ବ୍ୟକ୍ତିତ୍ୱରେ ଆସିଥିବା ପରିବର୍ତ୍ତନ ଅଟେ । ମାନବିକ ବ୍ୟକ୍ତିତ୍ୱ ବିକାଶ ସହିତ ଏହା ସମନ୍ୱିତ ରହିଥାଏ । ମାନବିକ ବିକାଶ ଓ ଜାତୀୟ ବିକାଶର ପରିକଳ୍ପନା ଏକତ୍ରିତ ଭାବରେ କାର୍ଯ୍ୟ କରନ୍ତି, ଗୋଟିଏ ବିନା ଅନ୍ୟଟି ସଂଘଟିତ ହୋଇ ପାରିବ ନାହିଁ । ବିକାଶ ପ୍ରକ୍ରିୟାରେ ସଦା ସର୍ବଦା ଏକ ଶୂନ୍ୟତା ରହିଯିବ, ଯଦି ଜଣେ ବ୍ୟକ୍ତି ଆଧୁନିକୀକରଣର ନୂତନ କୌଶଳକୁ ଆପଣାଇବା ନିମନ୍ତେ ଅନ୍ତରରୁ ଓ ବାହାରୁ ନିଜକୁ ବଦଳାଇବାକୁ ଚାହିଁବେନି ।

ତେଣୁ ଆଧୁନିକୀକରଣ ପ୍ରକ୍ରିୟା ସକାରାତ୍ମକ ମନୋଭାବ ଓ ମୂଲ୍ୟବୋଧକୁ ସାମିଲ କରେ; ଯେମିତିକି- ଆଦର୍ଶ, ନିର୍ଦ୍ଦିଷ୍ଟ ଭୂମିକା ଓ ସଂପର୍କ, ମାନସିକତା ଓ ଚିନ୍ତାଧାରାରେ ସମାନତା, ଯୁକ୍ତିଯୁକ୍ତ ଚିନ୍ତନ ଏବଂ ଧର୍ମ ନିରପେକ୍ଷତାରେ ବିଶ୍ୱାସ । ଏସବୁ ମାନବ ବିକାଶ ପ୍ରକ୍ରିୟାରେ ଲକ୍ଷ୍ୟ ହାସଲ ନିମନ୍ତେ ସାହାଯ୍ୟ କରିପାରିବ ଏବଂ ଜଣେ ଦାୟିତ୍ୱବାନ ନାଗରିକ ହୁଅନ୍ତୁ । ଜଣେ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିକୁ ନେଇ ଯାହା ଭାବୁଛନ୍ତି ଏବଂ ସର୍ବସାଧାରଣ ପ୍ରସଙ୍ଗରେ ଯାହା ମତାମତ ରଖୁଛନ୍ତି, ତାହାକୁ ଏହା ପ୍ରଭାବିତ କରିପାରେ । ଏହା ମଧ୍ୟ ନୂତନ ସଂପର୍କ ଏବଂ ଅନ୍ୟାନ୍ୟ ବିଷୟ ଜନିତ ନୂତନ ଭୂମିକା ଗ୍ରହଣ କରିବାରେ ସାହାଯ୍ୟ କରିଥାଏ ।

ଯେଉଁଠି ପାରମ୍ପରିକ ମୂଲ୍ୟବୋଧରୁ ଅଧିକ ଯୁକ୍ତିଯୁକ୍ତ ନିଦର୍ଶନର ରୂପାନ୍ତର ନିମନ୍ତେ ଆବଶ୍ୟକ, ଆଧୁନିକୀକରଣ ସେହି ମହତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଆଲୋଚନା କରେ । ଲର୍ନର୍ ବିଶ୍ୱାସ କରୁଥିଲେ ଯେ- ଯୁକ୍ତିଯୁକ୍ତ ଏବଂ ସକାରାତ୍ମକ ବିଚାରରୁ ଆଧୁନିକୀକରଣ ଆରମ୍ଭ ହୋଇଛି । ୱେନର୍‌ଙ୍କ ମତରେ, ଆଧୁନିକୀକରଣ ହେଉଛି ଧର୍ମ ନିରପେକ୍ଷତା ଓ ଯୁକ୍ତିଯୁକ୍ତ ଚିନ୍ତନର ପ୍ରକ୍ରିୟା, ଯାହା କୌଣସି ଅନ୍ଧବିଶ୍ୱାସ ଉପରେ ଆଧାରିତ ନୁହେଁ । ଆଧୁନିକୀକରଣ ବିକାଶର ଅନ୍ୟାନ୍ୟ ପ୍ରକ୍ରିୟା ପରି ନୁହେଁ, ଏହା ମୌଳିକ

ବିଶ୍ୱାସରେ ପରିବର୍ତ୍ତନ ଆଣିବାକୁ ପ୍ରୟାସ କରେ, ଯେଉଁ ପାରମ୍ପରିକ ପୁରାତନ ବିଶ୍ୱାସ ବର୍ତ୍ତମାନ ସମୟ ପାଇଁ ଉପଯୁକ୍ତ ନୁହେଁ । ଏହା ଲୋକଙ୍କ ମନୋଭାବ ଓ ମୂଲ୍ୟବୋଧରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରେ ଏବଂ ସମାନ ସମୟରେ ସେମାନଙ୍କୁ ଉତ୍ସାହିତ ମଧ୍ୟ କରିଥାଏ । ଏହି ଆଧୁନିକୀକରଣ ପ୍ରତିଜ୍ଞା କରିଛି ଯେ ଉନ୍ନତ ଜୀବନଯାପନ ନିମନ୍ତେ ସାମାଜିକ ପରିବର୍ତ୍ତନ ସ୍ଥାପନ କରିବ ଏବଂ ଏଥିପାଇଁ ଏହାର ଆବଶ୍ୟକତା ରହିଛି । ଏ ସମସ୍ତ ସକାରାତ୍ମକ ଉଲ୍ଲେଖ ସହିତ ଏ କଥା ମନେ ରଖିବାକୁ ପଡ଼ିବ ଯେ ଆଧୁନିକୀକରଣ ତଥାପି ସମାଜର ସବୁ ବିଭାଗ ପାଖରେ ପହଞ୍ଚି ପାରିନି । କାରଣଟି ହେଲା- ଯୋଗାଯୋଗର ଶାରୀରିକ ଏବଂ ଅର୍ଥଗତ ପ୍ରତିବନ୍ଧକ, ଯେହେତୁ ସବୁ ସମାଜ ରୂପାନ୍ତରିତ ହେବାକୁ ଚାହାଁନ୍ତି ନାହିଁ । ଏମିତି ବି ଲୋକ ଅଛନ୍ତି, ଯିଏ ପୁରାତନ ବିଶ୍ୱାସ ଓ ରୀତିନୀତି ସହ ଯୋଡ଼ି ହୋଇ ରହିବାକୁ ପସନ୍ଦ କରନ୍ତି ଏବଂ ନୂତନ ଚିନ୍ତନ ପ୍ରକ୍ରିୟା ଉପରେ ପ୍ରଶ୍ନ କରିପାରନ୍ତି । ଫଳପ୍ରଦ ଭାବରେ କାର୍ଯ୍ୟ କରିବାକୁ ହେଲେ, ଆଧୁନିକୀକରଣକୁ ସମାଜର ବ୍ୟାପକ ବିଭାଗରେ ପହଞ୍ଚିବାକୁ ପଡ଼ିବ ।

## ୨.୩: ବିରୋଧାଭାସ

ଆଜି ଆମେ ଏକ ଅତ୍ୟାଧୁନିକ ସମାଜର ସଂସ୍ପର୍ଶରେ ଆସିଛନ୍ତି । ଏହି ଆଧୁନିକୀକରଣ ବିଭିନ୍ନ କାରଣରୁ ଆସିଛି ଯେମିତିକି- ପ୍ରାଚୀନ କାଳରେ ବିଦେଶୀ ରାଷ୍ଟ୍ରଗୁଡ଼ିକର ଆକ୍ରମଣ ବର୍ତ୍ତମାନ ସମୟରେ ଜଗତୀକରଣର ପ୍ରଭାବକୁ ଅନୁଭୂତ କରାଉଛି । ଖୁସିରେ ଆମେ ବିଶ୍ୱାସ କରୁଛନ୍ତି ଯେ- ଆମେ ଏକ ଆଧୁନିକ ସମାଜରେ ଅଛନ୍ତି, ଯାହା ସଦ୍ୟତମ ବୈଷୟିକ ବିକାଶ ହାସଲ କରିଛି ଏବଂ କୌଣସି ନିର୍ଦ୍ଦିଷ୍ଟ ସଂପ୍ରଦାୟ ଜନିତ ଭେଦଭାବକୁ ଦେଖାଉନି । ସାଂପ୍ରତିକ ବୈଷୟିକ ଉଦ୍ଭାବନ ଏବଂ ଇଣ୍ଟରନେଟ୍ ଓ ଟେଲି ଯୋଗାଯୋଗ କ୍ଷେତ୍ରରେ ଆସିଥିବା ଅଗ୍ରଗତି ଦେଶ ଦେଶ ମଧ୍ୟରେ ଥିବା ସୀମାକୁ ସଂକୀର୍ଣ୍ଣ କରିବାରେ ଲାଗିଛି । ଜଣେ ବ୍ୟକ୍ତିଙ୍କଠାରୁ ଅନ୍ୟ ଜଣଙ୍କୁ ସୂଚନା ଏବଂ ସାଂସ୍କୃତିକ ପ୍ରକ୍ରିୟା ଜନିତ ଆଦାନ-ପ୍ରଦାନର ସମ୍ଭାବନା ଅନେକ ଗୁଣରେ ବଢ଼ିଛି । ଜଗତୀକରଣ ଯୁଗରେ ଯେତେବେଳେ ସଂସ୍କୃତିର ବ୍ୟବହାର ସଂପର୍କରେ ବିତର୍କ ଓ ଆଲୋଚନା ହୁଏ, ଆଧୁନିକ ବୋଲାଉ ନଥିବା କୌଣସି ବିଷୟକୁ ବିଶ୍ୱାସ ଓ ଗ୍ରହଣ କରିବାରେ ଆମେ ଇଚ୍ଛୁକ ନୁହଁନ୍ତି । ଯାହା ଆଧୁନିକ ନୁହେଁ, ତାହାକୁ ଆମେ ଖୋଜନ୍ତି ନାହିଁ ଏବଂ ପାରମ୍ପରିକ ସଂସ୍କୃତିକୁ ସଂପୂର୍ଣ୍ଣ ଭାବରେ ଅଣଦେଖା କରନ୍ତି । ଧାବମାନ ବିଶ୍ୱ ସହ ଗତିଶୀଳ ହେବାକୁ ଆମେ ପସନ୍ଦ କରନ୍ତି । ସମସାମୟିକ ବା ପାରମ୍ପରିକ ବିଶ୍ୱ ଅପେକ୍ଷା ଆଧୁନିକ ବିଶ୍ୱ ସହ ଯୋଡ଼ି ହୋଇ ରହିବାକୁ ଆମେ ଇଚ୍ଛା କରନ୍ତି । ଭିତରୁ ହେଉ କି ବାହାରୁ, ଆମେ ସବୁବେଳେ ଆଧୁନିକ ସ୍ପର୍ଶ ପାଇବାକୁ ପସନ୍ଦ କରିବୁ । ଆମର ଦାର୍ଶନିକ ଚିନ୍ତନରେ ବି ଆଧୁନିକ ଦୃଶ୍ୟପଟ୍ଟ ମିଶାଇବାରେ ଚାହୁଁ । ଯୋଗ ଏବଂ ଧ୍ୟାନ କରିବାରେ ଆମେ ଖୁସି ଅନୁଭବ କରୁ କାରଣ ଏହା ଆମ ସଂସ୍କୃତି ଓ ପରମ୍ପରାର ଅଂଶ ବିଶେଷ । ସମାନ ସମୟରେ କୌଣସି ପୁରାତନ ପ୍ରଥା ବା ରୀତିନିତିକୁ ଆମେ ପ୍ରତ୍ୟାଖ୍ୟାନ କରନ୍ତି, ଯାହା ପ୍ରାଚୀନ ସମୟରୁ ପାଳିତ ହୋଇ ଆସୁଛି । ଏପରି କରିବାର କାରଣଟି ହେଲା- ଆମେ ସେଗୁଡ଼ିକୁ ଆଧୁନିକ ବୋଲି ଭାବନ୍ତି ନାହିଁ ।

ତେଣୁ ଆଧୁନିକ ହେବାର ଅର୍ଥ କ'ଣ, ସେ ବାବଦରେ ଏକ ସ୍ପଷ୍ଟ ଧାରଣା ପାଇବା ଭଲ । ଏହି ଆଧୁନିକ ଚିନ୍ତନ କିପରି ଆମକୁ ପ୍ରଭାବିତ କରେ ? ଆଧୁନିକତାର ଲକ୍ଷ୍ୟଗୁଡ଼ିକ କ'ଣ ଏବଂ ଏହିସବୁ ଲକ୍ଷ୍ୟ ହାସଲ

ହୋଇ ପାରିଛି କି ? ଭାରତରେ ପ୍ରଚଳିତ ସାଂପ୍ରତିକ ସଂସ୍କୃତି ଏହି ଆଧୁନିକତା ସହ କିପରି ମେଳ ଖାଇବ ? ଆମେ ଯେତେବେଳେ ଆଧୁନିକ ହେବାର କୁହନ୍ତି, ପାରମ୍ପରିକ ଓ ଆଧୁନିକ ମୂଲ୍ୟବୋଧ ମଧ୍ୟରେ ନିଶ୍ଚିତ ରୂପେ ଏକ ସୀମାରେଖା ରହିଥାଏ । ଏହାକୁ ବୁଝିବାକୁ ହେଲେ ପ୍ରଥମେ ଜାଣିବାକୁ ପଡ଼ିବ ଯେ କେଉଁସବୁ ଆଧୁନିକ ମୂଲ୍ୟବୋଧକୁ ଆମେ ଅନୁସରଣ କରୁଛନ୍ତି ଏବଂ କେଉଁସବୁ ସାଂସ୍କୃତିକ/ପାରମ୍ପରିକ ମୂଲ୍ୟବୋଧକୁ ଆମେ ପଛରେ ଛାଡ଼ି ଦେଇଛନ୍ତି ।

**୨.୩.୧ : ଆଧୁନିକତାର ବ୍ୟାଖ୍ୟା**

ପୁରୁଣା ବିଚାରକୁ ଫିଙ୍ଗିଦେଇ ନୂଆ ବିଚାର ଆପଣାଇବାକୁ ଆଧୁନିକତା କୁହାଯାଇପାରେ । 'ମଡର୍ଣ୍ଣ୍' ଶବ୍ଦଟି ଇତିହାସରେ ପ୍ରଥମ ଥର ପାଇଁ ୧୫୮୫ ମସିହାରେ ସ୍ଥାନ ପାଇଥିଲା । ଆମେରିକାନ୍ ହେରିଟେଜ୍ ଡିକ୍ସନାରୀ ମତରେ, ଶବ୍ଦଟି ପ୍ରଥମେ 'ସାଂପ୍ରତିକ ବା ନିକଟତମ ସମୟ'ର ଅର୍ଥକୁ ବହନ କରୁଥିଲା । ଲାଟିନ୍ ଶବ୍ଦ 'ମଡର୍ଣ୍ଣସ୍'ରୁ 'ମଡର୍ଣ୍ଣ୍' ଶବ୍ଦ ଉଦ୍ଭୃତ, ଯାହାର ଅର୍ଥ ହେଲା 'ବର୍ତ୍ତମାନ' । ଇଂରାଜୀ ଶବ୍ଦ ମଡର୍ଣ୍ଣ୍‌ର ଅର୍ଥ ହେଉଛି ନୂତନ ଶୈଳୀ ସହିତ ଯେକୌଣସି କାମ କରିବା ଏବଂ ତାହା ପୁରୁଣା ହୋଇନଥିବ ।

ଏହା ସଂପୂର୍ଣ୍ଣ ସ୍ପଷ୍ଟ ଯେ- ପୁରୁଣା ରୀତିନୀତି ଓ ପରମ୍ପରାକୁ ବାଦ୍ ଦେଇ ନୂତନ ବିଚାର ଓ ବିଶ୍ୱାସକୁ ସୂଚାଇବା ନିମନ୍ତେ ଆଧୁନିକତା ବ୍ୟବହୃତ ହୁଏ । ସାମାଜିକ ମୂଲ୍ୟବୋଧ ଏବଂ ସମାଜର ବିକାଶ ପ୍ରସଙ୍ଗରେ ଆମେ ଯେତେବେଳେ ଆଧୁନିକତା ବିଷୟରେ କଥା ହେଉ, ସାଧାରଣ ଭାବରେ ବୁଝିହୁଏ ଯେ ଆଧୁନିକତା ଶବ୍ଦର ଅର୍ଥ ହେଲା- ସମାନତାର ମୂଲ୍ୟବୋଧ, ସ୍ୱାଧୀନତା, ମହିଳା ସଶକ୍ତିକରଣ ଏବଂ ପ୍ରକୃତ ଗଣତନ୍ତ୍ର । ପୁରୁଣା ପରମ୍ପରାକୁ ଏହା ଫିଙ୍ଗି ଦିଏ ଯେଉଁଠି ସମାନତା ନଥାଏ ଏବଂ ନାନା ଅବାଞ୍ଛିତ ଅନ୍ଧବିଶ୍ୱାସମାନ ପ୍ରଚଳିତ ରହିଥାଏ । ଊନବିଂଶ ଓ ବିଂଶ ଶତାବ୍ଦୀରେ ଆଧୁନିକତା ମୁଖ୍ୟତଃ ବିଜ୍ଞାନ ଓ ପ୍ରଯୁକ୍ତି ଉପରେ ଧ୍ୟାନ ଦେଇ ବୈଜ୍ଞାନିକ ଓ ଶିଳ୍ପ ପ୍ରଗତିକୁ ଆଲୋକିତ କରିଥିଲା । ଅନ୍ଧବିଶ୍ୱାସ ଅପେକ୍ଷା ବିଜ୍ଞାନ ଉପରେ ଏହି ଧ୍ୟାନ ସମାଜରେ ସମାନତା ପ୍ରତିଷ୍ଠା କରିବାକୁ ବାଟ କଢ଼ାଇଲା । ସମାଜରେ ମହିଳା ଓ ଶିଶୁମାନଙ୍କୁ ଏହା ଅଧିକ ସ୍ୱାଧୀନତା ଦେଇଥିଲା । ସାମାଜିକ ସୁବିଧାରୁ ବଞ୍ଚିତ ରହିଥିବା ଦଳିତ ବର୍ଗଙ୍କୁ ଏହା ସମର୍ଥନ କରିଥିଲା ।

ଗଣତନ୍ତ୍ର ଶବ୍ଦ ନିଜେ ହିଁ ଏକ ଆଧୁନିକ ଚିନ୍ତାଧାରା କାରଣ ଦେଶରେ ଥିବା ମୁକୁଟ ମଣ୍ଡିତ ଶାସନକୁ ଏହା ବିରୋଧ କରେ । ପ୍ରାଚୀନ ସମୟରେ ପ୍ରଚଳିତ ଥିବା ରାଜତନ୍ତ୍ର ବ୍ୟବସ୍ଥାରେ ଏହା ଯବନିକା ପକାଇଛି ଏବଂ ଆଧୁନିକ ପରିକଳ୍ପନା ଗଣତନ୍ତ୍ରକୁ ଉତ୍ଥାନ ଯୋଗାଇଛି, ଯାହା ପୁରାତନ ଶାସନ ବ୍ୟବସ୍ଥାକୁ ବିରୋଧ କରିଥାଏ। ତେଣୁ ଶାସନ ପ୍ରସଙ୍ଗରେ ଆଧୁନିକତା ଜାତୀୟ ଚେତନାକୁ ପ୍ରୋତ୍ସାହିତ କରିବା ସହିତ ଧର୍ମ ଓ ତାହାର ମିଥ୍ୟା ବିଶ୍ୱାସକୁ କମାଇବା ଦିଗରେ ବି ମହତ୍ୱପୂର୍ଣ୍ଣ ଭୂମିକା ନେଇଛି । ଆଧୁନିକ ମୂଲ୍ୟବୋଧର ଉପାଦାନଗୁଡ଼ିକ ନିମ୍ନରେ ଆଲୋଚନା କରାଯାଇଛି ।

**ଆଧୁନିକ ମୂଲ୍ୟବୋଧ :**

ନିମ୍ନରେ କେତୋଟି ଆଧୁନିକ ମୂଲ୍ୟବୋଧ ଉପାଦାନଗୁଡ଼ିକ ବିଷୟରେ ସୂଚନା ଦିଆଯାଇଛି, ଯାହା ବିକାଶ ନିମନ୍ତେ ଅବଦାନ ରଖେ ।

**ସାମାଜିକ ସମାନତା :**

ସମସ୍ତେ ସାଧାରଣତଃ ଅନୁଭବ କରନ୍ତି ଯେ ଆଧୁନିକତା ପ୍ରକ୍ରିୟା ସମାଜରେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖେ । ବିଶ୍ୱାସ ରହିଛି ଯେ ଆଧୁନିକତା ସମାଜର ଦଳିତ ବର୍ଗଙ୍କୁ ସମାନ ସ୍ଥିତି ପ୍ରଦାନ କରିଥିଲା । ପ୍ରାଚୀନ କାଳରେ, ଯେତେବେଳେ ଆଧୁନିକତା ପରିକଳ୍ପନାଟି ଲୋକପ୍ରିୟ ହୋଇନଥିଲା, ସମାଜର ଦଳିତ ବା ଦୁର୍ବଳ ବର୍ଗ ସବୁବେଳେ ଉଚ୍ଚ ବର୍ଗଙ୍କ ଦ୍ୱାରା ଅତ୍ୟାଚାରିତ ହେଉଥିଲେ । ଟଙ୍କା ଥିଲା ଶାସନ ବା ନିୟନ୍ତ୍ରଣର ମାନକ, ଅନ୍ୟମାନଙ୍କ ଅପେକ୍ଷା କିଏ ଅଧିକ ଶକ୍ତିଶାଳୀ ତାହା ସ୍ଥିର କରୁଥିଲା । ସେହି ସମୟରେ ଧର୍ମ ବି ଥିଲା ସମାଜର ଅନ୍ୟତମ ନିୟନ୍ତ୍ରଣ କାରକ । ତେଣୁ ଧନୀ ଜମିଦାର ଓ ଧାର୍ମିକ ନେତାମାନେ ସମାଜର ଦୁର୍ବଳ ବର୍ଗଙ୍କ ମଧ୍ୟରେ ନିଜର ଶକ୍ତି ପ୍ରୟୋଗ କରୁଥିଲେ । ଆଧୁନିକତା ଏବଂ ଆଧୁନିକ ଚିନ୍ତାଧାରାର ଆଗମନ ସହିତ, ଜାତି ବା ଟଙ୍କାର ଆଧାରରେ ଜଣେ ମଣିଷ ଅନ୍ୟଜଣେ ମଣିଷଙ୍କୁ ଶାସନ କରିବା ନକାରାତ୍ମକ ମନେ ହେଲା । ଏ କଥା ଉପରେ ଗୁରୁତ୍ୱ ଦିଆଯାଇଥିଲା ଯେ- ସମାଜରେ ସମସ୍ତ ବର୍ଗଙ୍କର ସମାନ ଅଧିକାର ରହିଛି ଏବଂ କେହି ବି ସମାଜର ଅନ୍ୟ ଗୋଷ୍ଠୀ, ସଂପ୍ରଦାୟ ବା ବର୍ଗର ଦାସ ନୁହଁନ୍ତି ।

ଏହାର ଅର୍ଥ ହେଉଛି ପ୍ରାଚୀନ ଭାରତ ବିଭିନ୍ନ ବିଭାଗର ଲୋକମାନଙ୍କୁ ଭିନ୍ନ ଭିନ୍ନ ବ୍ୟବହାର କରିଥିଲା କି ? ଏହା କ'ଣ ଧନୀ ଓ ଗରିବଙ୍କ ମଧ୍ୟରେ ପାର୍ଥକ୍ୟ ଦେଖାଇଥିଲା କି ? ସମାଜର ଦୁର୍ବଳ ବର୍ଗ କ'ଣ ଉଚ୍ଚ ଜାତିଙ୍କ ଦୁର୍ବ୍ୟବହାରର ଶିକାର ହୋଇଥିଲେ କି ? ଆମେ ଯେତେବେଳେ ପ୍ରାଚୀନ ଭାରତର ଇତିହାସକୁ ଦେଖିବା, ଏହା ଆଶ୍ଚର୍ଯ୍ୟଜନକ ଯେ ଆଇନ ପୂର୍ବରୁ ସମାନତା ପ୍ରାଚୀନ ସମୟରେ ବିଦ୍ୟମାନ ଥିଲା । ପ୍ରଫେସର ଅରବିନ୍ଦ ଶର୍ମାଙ୍କ ମତରେ, ପ୍ରାଚୀନ ସମୟର ଅପରାଧିକ ନିୟମ ପ୍ରକୃତରେ କଠୋର ଥିଲା ଯାହା ସମାନତା ଉପରେ ଗୁରୁତ୍ୱ ଦେଇଥିଲା । ପାଲି ଭାଷାରେ ଲିଖିତ ପ୍ରାଚୀନ ଗ୍ରନ୍ଥଗୁଡ଼ିକ ବି ସମାନତାକୁ ସମର୍ଥନ କରିଥିଲେ ଏବଂ ନିବନ୍ଧ, ଯାହାକି ଆଇନ ବ୍ୟବସ୍ଥାର କ୍ଷୁଦ୍ର କ୍ୟାପସୁଲ୍ ଅଟେ, ଦ୍ୱାଦଶ ଶତାବ୍ଦୀରେ ଏହା ମଧ୍ୟ ଆଇନ ପୂର୍ବରୁ ସମାନତାକୁ ଧ୍ୟାନ ଦେଇଥିଲା । ଆଇନ ବ୍ୟବସ୍ଥାରୁ ଏହା ସେ ସମସ୍ତ ଦଣ୍ଡକୁ ହଟାଇ ଦେଇଛି, ଯାହା ସମାଜର ଭିନ୍ନ ଭିନ୍ନ ବର୍ଗଙ୍କ ନିମନ୍ତେ ବିଷମ ଲାଗୁଥିଲା । ଜାତି ନିର୍ବିଶେଷରେ ଧନୀ ଓ ଗରିବଙ୍କ ନିମନ୍ତେ ସମାନ ଦଣ୍ଡ ବିଧାନର ବ୍ୟବସ୍ଥା ରହିଥିଲା । ଆମେ ମଧ୍ୟ ଜାଣିବାକୁ ପାଉ ଯେ ସମ୍ରାଟ ଅଶୋକ ଗ୍ରନ୍ଥ ପାଠ କରି ଆଇନ ପୂର୍ବରୁ ସମାନତାକୁ କାର୍ଯ୍ୟକାରୀ କରୁଥିଲେ । ଅନ୍ୟାନ୍ୟ ଶାସ୍ତ୍ର ମଧ୍ୟ ରହିଛି ଯେପରି, ସ୍କନ୍ଦପୁରାଣର ନେପାଳ-ମାହାତ୍ମ୍ୟ, ଯାହା ଆଇନ ଦୃଷ୍ଟିକୋଣରୁ ସମସ୍ତଙ୍କ ମଧ୍ୟରେ ସମାନତାକୁ ପ୍ରୋତ୍ସାହିତ କରିଥାଏ ।

ବର୍ତ୍ତମାନ ଆଧୁନିକ ଭାରତରେ, ଏକବିଂଶ ଶତାବ୍ଦୀରେ, ବିଭିନ୍ନ ଗତିବିଧି ଅଛି ଯାହା ଆତ୍ମ ହୃଦୟଙ୍ଗମ ଏବଂ ସର୍ବ ସମାନତା ନିମନ୍ତେ ବ୍ୟବହୃତ ହୋଇ ଆସୁଛି । ଉଦାହରଣ ସ୍ୱରୂପ- ସ୍ୱଧ୍ୟାୟ ପରିବାର ଆନ୍ଦୋଳନ

ଅନେକ ସୃଜନଶୀଳ ଗତିବିଧି ଓ ପ୍ରକଳ୍ପକୁ ରୂପାୟିତ କରିଛି, ସମସ୍ତଙ୍କ ପାଇଁ ସାମାଜିକ ସମାନତା ମହଜୁଦ ଅଛି ବୋଲି ଏହା ସୁନିଶ୍ଚିତ କରିଛି । ସ୍ୱାଧ୍ୟାୟର ଏକ ସ୍ୱତନ୍ତ୍ର ବ୍ୟବହାର ହେଲା- ଅମୃତାଳୟମ୍ ପରିକଳ୍ପନା, ଯେଉଁଥିରେ ପୂରା ଗ୍ରାମ ଏକ ବଡ଼ ପରିବାର ଭଳି ଏକତ୍ରିତ ହୁଅନ୍ତି ଏବଂ ଆଧ୍ୟାତ୍ମିକ ବିକାଶ ଲାଭ କରନ୍ତି। ଅମୃତାଳୟର ଅର୍ଥ ହେଉଛି ଅମୃତର ଘର ଏବଂ ଏହା ଏକ କ୍ଷୁଦ୍ର ଗ୍ରାମ ମନ୍ଦିର ଅଟେ, ଏହାକୁ ବାଦ୍ ଦେଲେ ପୁରୋହିତମାନେ  ସମାଜର ବିଭିନ୍ନ ସ୍ଥାନରୁ ଆସନ୍ତି, ସେମାନେ ଗ୍ରାମର ଭିନ୍ନ ଭିନ୍ନ ଜାତିରୁ ହୋଇଥା'ନ୍ତି, ପ୍ରତ୍ୟହ ସଂଧ୍ୟାରେ ସେମାନେ ଆସି ସମସ୍ତ ରୀତିନୀତିକୁ ପାଳନ କରନ୍ତି । ସଂପୂର୍ଣ୍ଣ ଗ୍ରାମ ଏକ ବଡ଼ ପରିବାର ପରି ଏକତ୍ର ହୋଇ ସାମାଜିକ, ଅର୍ଥନୈତିକ ଏବଂ ଆଧ୍ୟାତ୍ମିକ ଅଭିବୃଦ୍ଧି ଲାଭ କରନ୍ତି । ଆଧୁନିକ ଭାରତରେ ସମାନତା କିପରି ବ୍ୟବହୃତ ହେଉଛି. ଏ ହେଉଛି ତା'ର ନମୂନା ମାତ୍ର ।

ଶେଷରେ ଆମେ କହି ପାରିବା ଯେ ଉଭୟ ପ୍ରାଚୀନ ଓ ଆଧୁନିକ ଭାରତୀୟମାନେ ସମସ୍ତଙ୍କୁ ସମାନତା ପୂର୍ବକ ବ୍ୟବହାର କରିବାକୁ ଭଲ ପାଆନ୍ତି । ଯଦି ଏକ ଦେଶ କୌଣସି ସ୍ୱାର୍ଥ ଉଦ୍ଦେଶ୍ୟ ବିନା ଉତ୍ତମ ଶାସନ ଦ୍ୱାରା ପରିଚାଳିତ ହୁଏ, ସମସ୍ତଙ୍କୁ ଅଖଣ୍ଡ ରଖି ସମ୍ମାନ ପ୍ରଦର୍ଶନ କରେ, ଆମେ ପ୍ରକୃତରେ ବିକାଶ ହାସଲ କରି ପାରିବା ।

**ଗଣତନ୍ତ୍ର :**

ଏ ହେଉଛି ଅନ୍ୟତମ ଆକର୍ଷଣୀୟ ପରିକଳ୍ପନା, ଯାହା ଭାରତର ସମୃଦ୍ଧ ଓ ଦୀର୍ଘ ସମ୍ବିଧାନକୁ ଆଧାର କରି ଆମକୁ ଗର୍ବିତ କରି ପାରିଛି। ଗଣତନ୍ତ୍ରର ଧାରଣା ରାଜତନ୍ତ୍ର ଶାସନର ଅବସାନ ଘଟାଇ ଏମିତି ଏକ ଶାସନକୁ ସମ୍ଭବ କରିଛି ଯାହା ଲୋକଙ୍କ ପାଇଁ, ଲୋକଙ୍କ ଦ୍ୱାରା ଏବଂ ଲୋକଙ୍କର ଅଟେ । ଏହି ଧାରଣାଟି ଲୋକଙ୍କୁ ସେମାନଙ୍କ ପସନ୍ଦ ମୁତାବକ ବ୍ୟକ୍ତିଙ୍କୁ ଶାସନ ଚଳାଇବା ନିମନ୍ତେ ଚୟନ କରି ପାରିବେ ଏବଂ ଯାହାକୁ ସେମାନେ ପସନ୍ଦ କରୁ ନାହାନ୍ତି, ତାଙ୍କୁ ପ୍ରତ୍ୟାଖ୍ୟାନ କରି ପାରିବାର କ୍ଷମତା ଦେଇଛି । ଏହା ଅନ୍ୟ ଏକ ଉପାୟ ଯାହା ମାଧ୍ୟମରେ ରାଜତନ୍ତ୍ର ଶାସନର ଅତ୍ୟାଚାର ସମାପ୍ତ ହୁଏ ଏବଂ ସମାନତା ସହିତ ଗଣତନ୍ତ୍ର ଶାସନ ପାଇଁ ବାଟ କଢ଼ାଏ । ଆମେ ଯେତେବେଳେ ଇତିହାସକୁ ପୁନର୍ବାର ଦେଖିବା, ଧାରଣା କରିପାରିବା ଯେ କେବଳ ଆଧୁନିକତାକୁ ଜରିଆ କରି ଗଣତନ୍ତ୍ର ସୃଷ୍ଟି ହୋଇପାରିବ ଅଥବା ଆଧୁନିକତା ଗଣତନ୍ତ୍ରକୁ ବିସ୍ତାର କରିଛି । ପ୍ରାଚୀନ ଶାସ୍ତ୍ରଗୁଡ଼ିକରୁ ଆମେ ଜାଣି ପାରିବା ଯେ- ପ୍ରାଚୀନ କାଳରେ ଭାରତ ନିଜର ଗଣତନ୍ତ୍ର ରୂପକୁ ବ୍ୟବହାର କରିବା ସହିତ ଅନୁସରଣ ମଧ୍ୟ କରିଥିଲା ।

ଏହି ଗଣତାନ୍ତ୍ରିକ ନିୟମର ଅଳ୍ପ କିଛି ଉଦାହରଣ ଉତ୍ତିରମେରୁରରେ ଥିବା ସୁନ୍ଦରାବଲ୍ଲୀ ମନ୍ଦିରର ଶିଳାଲେଖରୁ ମିଳି ପାରିବ । କାଞ୍ଚିପୁରମ ନିକଟସ୍ଥ ମନ୍ଦିରରେ ଥିବା ଶିଳାଲେଖ ମଧ୍ୟ ପ୍ରମାଣ ଦିଏ ଯେ ହଜାର ହଜାର ବର୍ଷ ପୂର୍ବେ ପ୍ରାଚୀନ ଭାରତରେ ଗଣତନ୍ତ୍ରର ବ୍ୟବହାର ହୋଇଥିଲା । ଐତିହାସକ ଏବଂ ଇତିହାସ ପ୍ରଫେସରମାନେ ଅତୀତ ଓ ବର୍ତ୍ତମାନର ତଥ୍ୟକୁ ଅନୁସନ୍ଧାନ କରି ଆମ ସମ୍ମୁଖରେ ଉପସ୍ଥାପନ କରିଛନ୍ତି, ଯାହା ବ୍ୟକ୍ତ କରେ ଯେ- କୌଣସି ଆଧୁନିକତା ବିନା ପ୍ରାଚୀନ ଭାରତ ଏକ ଶକ୍ତିଶାଳୀ ଗଣତନ୍ତ୍ରକୁ ବ୍ୟବହାର କରିଥିଲା ।

ପ୍ରମାଣ ଏହା ମଧ୍ୟ ଦର୍ଶାଏ ଯେ ରାଜତନ୍ତ୍ର ବ୍ୟବସ୍ଥା ପରି ପ୍ରଶାସନର ଗଣତନ୍ତ୍ର ରୂପ ବି ପ୍ରାଚୀନ ଭାରତରେ ଖୁବ୍ ପ୍ରସିଦ୍ଧ ରହିଥିଲା, ଯାହାକୁ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଭାରତରେ ଅନୁସରଣ କରାଯାଉଥିଲା ।

ସେହି ସମୟରେ ଅନେକ ସାମ୍ରାଜ୍ୟ ଏପରି ଗଣତନ୍ତ୍ର ଉପରେ ପ୍ରତିଷ୍ଠା ପାଇଥିଲା । ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ଯେତେବେଳେ ଆଲେକ୍‌ଜାଣ୍ଡର୍ ଦ ଗ୍ରେଟ୍ ଭାରତ ଆକ୍ରମଣ କଲେ, ପଞ୍ଜାବ ଯିବା ବାଟରେ ଅନେକ ଗଣତାନ୍ତ୍ରିକ ସାମ୍ରାଜ୍ୟ ବିରୁଦ୍ଧରେ ସେ ଯୁଦ୍ଧ କରିଥିଲେ । ପ୍ରଖ୍ୟାତ ବ୍ୟାକରଣ ବିଶାରଦ ପାଣିନୀ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀ କିମ୍ବା ତା'ର ବହୁ ପୂର୍ବରୁ ସମାଜରେ ପ୍ରଚଳିତ ୪ଟି ବିଭାଗ ସଂପର୍କରେ ସ୍ପଷ୍ଟ ପ୍ରମାଣ ଦେଇଛନ୍ତି । ତାହା ଥିଲା- ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୁଦ୍ର ଗଣରାଜ୍ୟ । ଯୁଦ୍ଧ ସମୟରେ ଆଲେକ୍‌ଜାଣ୍ଡର୍ ସାମ୍ରାଜ୍ୟ ଅକ୍ତିଆର କରିବାକୁ ଯାଇ ଜଣେ ବ୍ରାହ୍ମଣ ଓ ସୂଦ୍ରଙ୍କୁ ପରାସ୍ତ କରିଥିଲେ ।

କେବଳ ଗଣତନ୍ତ୍ର ସମାଜ ନୁହେଁ, ବରଂ ପ୍ରାଚୀନ ଭାରତରେ ଆହୁରି ଅନେକ ଜିନିଷକୁ ଅନୁସରଣ କରାଯାଇଥିଲା । ସାଧାରଣ ଆଇନ, ଆଞ୍ଚଳିକ ଆଇନ ଏବଂ ଏମିତିକି ସଂଘୀୟ ଆଇନ ଅଧୀନରେ ବି ସମାଜରେ ପ୍ରଚଳିତ ଅନେକ ଆଇନ ବ୍ୟବସ୍ଥାରେ ଗଣତନ୍ତ୍ର କାର୍ଯ୍ୟକାରୀ ହୋଇଥିଲା । ସଂଘୀୟ ଆଇନ ବାସ୍ତବରେ ବଣିକ ବା କାରିଗରଙ୍କ ଦ୍ୱାରା ପଣୟନ କରାଯାଇଥିଲା, ଯେଉଁମାନେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ତାଙ୍କର ହସ୍ତଶିଳ୍ପକୁ ତଦାରଖ କରନ୍ତି । ବାଣିଜ୍ୟ ଚଳାଇବା ନିମନ୍ତେ ଅନେକ ସମୟରେ ସେମାନେ ରାଜତନ୍ତ୍ରର ଅନୁଦାନ ଉପରେ ନିର୍ଭର କରିଥା'ନ୍ତି । କେବଳ ଏହିସବୁ ଆଇନ ନୁହେଁ, ବରଂ କାଶ୍ମିର ଇତିହାସରୁ ଉଦ୍ଧୃତ କାହାଣୀରେ ବି କିଛି ମାମଲା ଆମେ ଦେଖି ପାରିବା, ଏହାକୁ 'ରାଜତରଙ୍ଗିଣୀ' ଆଖ୍ୟା ଦିଆଯାଇଛି, ଯେଉଁଠି ରାଜାଙ୍କ ନିଷ୍ପତ୍ତିକୁ ମଧ୍ୟ ପ୍ରତ୍ୟାହାର କରାଯାଉଥିଲା କିମ୍ବା ସ୍ୱୟଂ ରାଜ ପରିଷଦ ଏହାକୁ ଅଗ୍ରାହ୍ୟ କରି ଦେଉଥିଲେ ।

ଅନ୍ୟ ଏକ କୌତୁହଳପୂର୍ଣ୍ଣ ତଥ୍ୟ ହେଉଛି ପାଶ୍ଚାତ୍ୟ କ୍ଷତ୍ରପାସ ରାଜବଂଶର ଶାକ ଶାସକ ରୁଦ୍ରଦମନ ସୌରାଷ୍ଟ୍ର ଜିଲ୍ଲାରେ ଥିବା ସୁଦର୍ଶନ ହ୍ରଦର ମରାମତି ପାଇଁ ନିଜ ସମ୍ପତ୍ତିରୁ କିଛି ଅର୍ଥରାଶି ଖର୍ଚ୍ଚ କରିଥିଲେ । ଏହି ଉଦ୍ଦେଶ୍ୟ ନିମନ୍ତେ ନିଜ ପରିଷଦ ତରଫରୁ ଜନସାଧାରଣ ପାଣ୍ଠିକୁ ବ୍ୟବହାର କରିବାର ଅନୁମତି ତାଙ୍କୁ ମିଳିନଥିଲା ।

ଗଣତନ୍ତ୍ର ବିଷୟ କେବଳ ରାଜତନ୍ତ୍ର ଶାସନରେ ବିଦ୍ୟମାନ ନଥିଲା, ବରଂ ଧର୍ମତନ୍ତ୍ର ସମୟରେ ବି ଏହା ରହିଥିଲା ଯେଉଁଠି ଜଣେ ପୁରୋହିତ ଈଶ୍ୱରଙ୍କ ନାମରେ ଶାସନ କରନ୍ତି । ଏହା ମଧ୍ୟ ବିଶ୍ୱାସ କରାଯାଉଥିଲା ଯେ କେବଳ ଆଧୁନିକତା ଧର୍ମତନ୍ତ୍ରର ଅବସାନ ଘଟାଇଛି । କିନ୍ତୁ ସତ୍ୟ ହେଉଛି ଧର୍ମତନ୍ତ୍ର ଶାସନ ଶହେ ବର୍ଷ ପୂର୍ବରୁ ହିଁ ଲୋପ ପାଇଛି । ସମାଜର ପ୍ରତ୍ୟେକ ବିଭାଗ ଭିନ୍ନ ଭିନ୍ନ ଭୂମିକା ତୁଲାଉଥିଲେ ଏବଂ ନିଜର କାର୍ଯ୍ୟକୁ ସଂପୂର୍ଣ୍ଣ କରୁଥିଲେ । ଇତିହାସରେ କେଉଁଠି ବି ଜଣେ ଧାର୍ମିକ ନେତା ଦେଶକୁ ଶାସନ କରିବା କିମ୍ବା ଜଣେ ରାଜାଙ୍କୁ ଧାର୍ମିକ ନେତାରେ ପରିଣତ ହେବାର ଆମେ ଜାଣିବାକୁ ପାଇବା ନାହିଁ । ତେଣୁ ପ୍ରାଚୀନ ଭାରତରେ ଧର୍ମକୁ ଶାସନଠାରୁ ଅଲଗା ରଖାଯାଇଥିଲା ଯଦିଓ ରାଜ ଦରବାରରେ ଧାର୍ମିକ ନେତାମାନଙ୍କୁ ଯଥୋଚିତ ସମ୍ମାନ ଦିଆଯାଉଥିଲା ।

**ବିଜ୍ଞାନ, ପ୍ରଯୁକ୍ତି ଓ ତର୍କ :**

ଦାର୍ଶନିକ ଚିନ୍ତାଧାରାକୁ ଦବାଇ, ଏହା ପଛରେ କୌଣସି କାରଣ ନଥିବା ଦର୍ଶାଇ ଆଧୁନିକତା ଯୁକ୍ତିଯୁକ୍ତ ଚିନ୍ତାଧାରା ଉପରେ ଅଧିକ ଗୁରୁତ୍ୱ ଦେଇଛି । ଦାର୍ଶନିକ ଚିନ୍ତାଧାରା ବିଜ୍ଞାନ ପରି ପ୍ରମାଣ ଯୋଗାଏ ନାହିଁ । ତେଣୁ ବିଶ୍ୱାସ କରାଯାଏ ଯେ ଆଧୁନିକତା ଅଧିକ ଅର୍ଥପୂର୍ଣ୍ଣ ଏବଂ ବାସ୍ତବ କାରଣ ଏହା ବିଜ୍ଞାନ ଓ ପ୍ରଯୁକ୍ତି ଉପରେ ଆଧାରିତ । ଆଧୁନିକତା ସାରା ବିଶ୍ୱର ଉଦ୍ଭାବନ ଓ ଆବିଷ୍କାରଗୁଡ଼ିକୁ ଆମର ଆଖି ସାମ୍ନାକୁ ନେଇ ଆସିଛି । ଏହା ଆମକୁ ମାନବ ଶରୀର ବାବଦରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଛି ।

କୌତୁହଳର ବିଷୟ ହେଉଛି ବିଜ୍ଞାନ ଓ ପ୍ରଯୁକ୍ତିର ପରିକଳ୍ପନା ଭାରତ ବା ତମାମ ବିଶ୍ୱ ପାଇଁ ଆଦୌ ନୂଆ କଥା ନୁହେଁ । ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ଭାରତୀୟ, ଚିନୀୟ ଏବଂ ଆରବୀୟମାନଙ୍କର ଉଲ୍ଲେଖନୀୟ ଅବଦାନ ରହିଛି । ସେତେବେଳର ଅନେକ ବୈଜ୍ଞାନିକ ପରିକଳ୍ପନାକୁ ବର୍ତ୍ତମାନ ବିଶ୍ୱର ଅନେକ ସ୍ଥାନରେ ଗ୍ରହଣ କରାଯାଉଛି । ବାସ୍ତବରେ ସେମାନେ ଖୁବ୍ ଆଧୁନିକ ଥିଲେ ଏବଂ ଆଧୁନିକ ବିଜ୍ଞାନ ତୁଳନାରେ କୌଣସି ଅତ୍ୟାଧୁନିକ ଜ୍ଞାନ କୌଶଳ ବିନା ବିଜ୍ଞାନକୁ ଭଲ ଭାବରେ ବୁଝିଥିଲେ । ଜ୍ୟୋତିର୍ବିଜ୍ଞାନ, ଗଣିତ, ଭାଷା ବିଜ୍ଞାନ, ଧାତବ ବିଦ୍ୟା, ସାମୁଦ୍ରିକ ଏବଂ ପ୍ରାଚୀନ କାଳର ଆହୁରି ଅନେକ ବିଜ୍ଞାନସମ୍ମତ କ୍ଷେତ୍ରରେ ଲୋକମାନେ ବିଶେଷଜ୍ଞ ରହିଥିଲେ ।  ଇଂରେଜମାନେ ଭାରତ ସାମ୍ରାଜ୍ୟକୁ ଶାସନ କରିବା ପୂର୍ବରୁ ଅଷ୍ଟାଦଶ ଶତାବ୍ଦୀରେ ପାରମ୍ପରିକ ଜ୍ଞାନ କୌଶଳ ବିଷୟରେ ପ୍ରମାଣ ମିଳେ ।

ଏହା ନୁହେଁ ଯେ ଅନେକ ନୂତନ ଉଦ୍ଭାବନ ଏବଂ ସଠିକ୍ ଭାବରେ ରୂପାୟିତ ହୋଇଥିବା ଯନ୍ତ୍ର ସହିତ ଆଧୁନିକ ବିଜ୍ଞାନ ଓ ପ୍ରଯୁକ୍ତିକୁ ଆଧୁନିକ ଭାବରେ ବିବେଚନା କରିବା ଅନୁଚିତ୍ ।  ତଥ୍ୟ ହେଉଛି- ପ୍ରାଚୀନ ସମୟରେ ବି ଭାରତ ଓ ବିଶ୍ୱର ଅନେକ ସ୍ଥାନରେ ପାଳନ କରାଯାଉଥିବା ପରମ୍ପରା ବା ସଂସ୍କୃତି ବିଜ୍ଞାନସମ୍ମତ ଥିଲା । ବିଶ୍ୱର ସମସ୍ତ ସ୍ଥାନରେ ପାଳିତ ହେଉଥିବା ରୀତିନୀତି ବା ପରମ୍ପରା ପଛରେ ବୈଜ୍ଞାନିକ କାରଣ ଲୁଚି ରହିଥିଲା । ଆଧୁନିକ ବିଜ୍ଞାନ ପ୍ରଭାବରେ ସେହି ଅଭ୍ୟାସଗୁଡ଼ିକୁ କେବଳ ଅନ୍ଧବିଶ୍ୱାସପୂର୍ଣ୍ଣ ପୁରୁଣା ପ୍ରଥା ଭାବରେ ଗ୍ରହଣ କରିବା ବିଭ୍ରାନ୍ତିକର ହେବ ।

**ପରିବେଶର ସୁରକ୍ଷା :**

ସାଧାରଣତଃ ଏହା ବିଶ୍ୱାସ କରାଯାଏ ଯେ ଆଧୁନିକ ଚିନ୍ତାଧାରା ଓ କାର୍ଯ୍ୟ ଆମେ ରହୁଥିବା ପରିବେଶ ବାବଦରେ ଆମକୁ ଅନେକ ସଚେତନତା ଯୋଗାଇଛି । ଆମେ ମଧ୍ୟ ବିଶ୍ୱାସ କରୁ ଏହା ଆମକୁ ପରିବେଶର ଭୟାବହତା ଏବଂ ଏଥିରେ ବସବାସ କରୁଥିବା ପ୍ରଜାତିଙ୍କ ବିଷୟରେ ଶିଖାଇଛି । ତେବେ ଆମେ ଯେତେବେଳେ ଏହି ବିଷୟକୁ ଗଭୀର ଭାବରେ ବିଶ୍ଳେଷଣ କରୁ, ଜାଣିବାକୁ ପାଉ ଯେ ଏଇ ଆଧୁନିକତା ହିଁ ପ୍ରାକୃତିକ ସଂପଦକୁ କମାଇ ଦେଇଛି, ତାହାର ଶୋଷଣ କରିଛି । ଇତିହାସ ଉପରେ ସଂକ୍ଷେପରେ ଦୃଷ୍ଟି ପକାଇଲେ ଆମେ ଜାଣି ପାରିବା ଆମର ପୂର୍ବ ପୁରୁଷମାନେ ପ୍ରକୃତିକୁ ପୂଜା କରୁଥିଲେ । ପ୍ରାଚୀନ ସଂସ୍କୃତି ପ୍ରକୃତିର ଶକ୍ତିକୁ ବିଶ୍ୱାସ କରୁଥିଲା ଏବଂ ଯଥା ସମ୍ଭବ ତାହାର ସଂରକ୍ଷଣ ନିମନ୍ତେ ଚେଷ୍ଟା କରୁଥିଲା । ଏମିତିକି ସେମାନେ ପ୍ରକୃତିର ଉପାସନା କରୁଥିଲେ ।

ପ୍ରକୃତି ଏବଂ ଜୀବଜନ୍ତୁଙ୍କ ସଂରକ୍ଷଣ ଜନିତ ଲୋକପ୍ରିୟ ଧାରଣାମାନ ପୁରୁଣା ଦିନରେ ବିଦ୍ୟମାନ ଥିଲା ଏବଂ ଆମେ ଆଧୁନିକତା ନାମରେ ପ୍ରକୃତିକୁ ଅଧିକରୁ ଅଧିକ ଶୋଷଣ କରିଛନ୍ତି ।

ତେଣୁ କେବଳ ଆଧୁନିକ ଚିନ୍ତନ ଓ ବିଚାର ବିକାଶ ଦିଗରେ ବାଟ କଢ଼ାଇଛି ବୋଲି ସଂପୂର୍ଣ୍ଣ ଭାବରେ ବିଶ୍ୱାସଯୋଗ୍ୟ ହୋଇପାରୁନି । ବିକାଶ, ସମାଜ ପ୍ରତି ଯତ୍ନଶୀଳତା ଏବଂ ଏହାର ସଦସ୍ୟମାନେ ଆମ ସମାଜର ଅଖଣ୍ଡ ଅଂଶ ଅଟନ୍ତି । ଆଧୁନିକତାର ପରିକଳ୍ପନାକୁ ଆମେ ଏହାର ପ୍ରକୃତ ଅର୍ଥରେ ବୁଝିବା ଉଚିତ୍ ଏବଂ ବିଶ୍ୱର ବିକାଶ ନିମନ୍ତେ ଏହାକୁ ବ୍ୟବହାର କରିବା ଉଚିତ୍ ।

## ୨.୪: ବୀପରିତ ଆଧୁନିକୀକରଣ (ନବ-ପାରମ୍ପରିକକରଣ)

ନବ ପାରମ୍ପରିକତା ସଂସ୍କୃତି ଓ ସ୍ମୃତି ଉପରେ ଯୁକ୍ତି ଆବଶ୍ୟକ କରେ । ଏହା ସମାଜର ଦୁଇଟି ଭିନ୍ନ ଭିନ୍ନ ବିଭାଗ ଉଚ୍ଚ ଶ୍ରେଣୀ ଓ ନିମ୍ନ ଶ୍ରେଣୀ ଦ୍ୱାରା ବିଭିନ୍ନ ଉପାୟରେ ବୁଝା ଯାଇଛି ଏବଂ କାର୍ଯ୍ୟକାରୀ ହୋଇଛି । ସମାନ ପରମ୍ପରା ନିମନ୍ତେ, ଉଭୟ ଉଚ୍ଚ ଓ ନିମ୍ନ ଶ୍ରେଣୀ ଅନୁସରଣ କରୁଥିବା ରୀତିନୀତିଗୁଡ଼ିକ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ହୋଇପାରେ । ନବ ପାରମ୍ପରିକତା ବିଶେଷ ଭାବରେ ଦେଖିବାକୁ ମିଳେ ଯେତେବେଳେ ଲୋକମାନେ ସାମାଜିକ ପରିବର୍ତ୍ତନକୁ ଆପଣାଇବା ଆରମ୍ଭ କରନ୍ତି । ଏହା ମଧ୍ୟ ଦୃଶ୍ୟମାନ ହୋଇପାରେ ଯେତେବେଳେ ଲୋକମାନେ ସେମାନଙ୍କୁ ପ୍ରଦର୍ଶିତ ହୋଇଥିବା ସଂସ୍କୃତିର ନୂତନ ରୂପ ଉପରେ ପ୍ରଶ୍ନ କରନ୍ତି; ଯେମିତିକି ବିକାଶର ସମ୍ଭାବ୍ୟ ଲାଭ କିମ୍ବା ଆଧୁନିକ ହେବା ଭଳି ପ୍ରସଙ୍ଗ । ନବ ପାରମ୍ପରିକତା ବିଶ୍ୱାସ କରେ ଯେ କୌଣସି ପ୍ରାକୃତିକ ପରିବର୍ତ୍ତନ କିମ୍ବା ମାନବକୃତ ପରିବର୍ତ୍ତନ ସମାଜରେ ମହଜୁଦ ରହିଥିବା ସଂସ୍କୃତିର ସ୍ମୃତି ସହ ଯୋଡ଼ି ହେବା ଉଚିତ୍ ଏବଂ ନୂତନ ସଂସ୍କୃତିର ପ୍ରାମାଣିକତା ମଧ୍ୟ ପ୍ରଦାନ କରିବା ଆବଶ୍ୟକ ।

ଯେତେବେଳେ ଆମେ ନବ ପାରମ୍ପରିକତାକୁ ଦେଖିବା, ଏହା ଗଭୀର ମୂଳ ସଂସ୍କୃତି ବା ସ୍ଥିର ଅଣ ଆଧୁନିକ ପରମ୍ପରା ସହ ମେଳ ଖାଏନି । ନବ ପାରମ୍ପରିକତାର ଏ ପରିକଳ୍ପନା ଅନୁଭବ କରେ ଯେ ଐତିହାସିକ ବ୍ୟବହାର, ଅନୁଷ୍ଠାନ ଏବଂ ଚିନ୍ତନ ଓ ମୂଲ୍ୟବୋଧର ବିଦ୍ୟାଳୟଗୁଡ଼ିକ ସମ୍ବଳ ଅଟେ; ଯାହା ସାମାଜିକ ଏବଂ ରାଜନୈତିକ ପ୍ରତିଯୋଗିତାର ପ୍ରବାହରେ ପରିବର୍ତ୍ତନକୁ ନିଜର କରିଥାଏ । ଏଠାରେ ନବ ପାରମ୍ପରିକତା କାରଣରୁ ଆସିଥିବା ସାମାଜିକ ପରିବର୍ତ୍ତନ ପ୍ରସଙ୍ଗ ଗଣତାନ୍ତ୍ରିକ ଅଂଶଗ୍ରହଣ ପରି ଅନୁସରଣ କରାଯାଉଥିବା ଅସମାହିତ ପରମ୍ପରା ବିଷୟରେ ସୂଚାଏ ନାହିଁ । ବରଂ ସଂସ୍କୃତିର ଅଭୁଲା ପରିବର୍ତ୍ତିତ ସଂସ୍କରଣ ଏବଂ ଅନୁଷ୍ଠାନର ପ୍ରତିନିଧିତ୍ୱ କରୁଥିବା ସଂସ୍କୃତି ଉପରେ ଏହା ଧ୍ୟାନ ଦେଇଛି ।

ନବ ପରମ୍ପରାର ରାଜନୈତିକ ଲକ୍ଷ୍ୟ ରହିଛି । ଐତିହାସିକ ସ୍ମୃତି ଏବଂ ସଂସ୍କୃତିର ପ୍ରାମାଣିକତା ବିଷୟରେ ସେମାନେ ଯୁକ୍ତି କରନ୍ତି । ଏପରି ରୂପାନ୍ତର ସ୍ଥାନ ପାଏ ଯେତେବେଳେ ଇତିହାସରେ ଘଟିଥିବା ପରିବର୍ତ୍ତନଗୁଡ଼ିକ ଦ୍ରୁତ ଗତିରେ ପୁନର୍ବାର ସ୍ଥାପିତ ହୁଏ । ଏପରି ରୂପାନ୍ତର ସାଧାରଣତଃ ଏକ ଶକ୍ତ ସଂସ୍କୃତିକୁ ଆଣିଥାଏ, ଯାହା ସୃଷ୍ଟି ହୋଇଥିବା ନୂତନ ଚାହିଦାକୁ ଆପଣାଇବା ଓ ବୁଝିବା ନିମନ୍ତେ

ଲୋକମାନଙ୍କୁ ପ୍ରେରିତ କରେ । ଏହା ମଧ୍ୟ ସମାଜରେ ନୂତନ ନିୟମ ଏବଂ ନିୟମାବଳୀ ସୃଷ୍ଟି କରିବା ନିମନ୍ତେ ଆଗେଇ ଆସିଛି ଏବଂ ଶକ୍ତି କେନ୍ଦ୍ରଗୁଡ଼ିକୁ ପୁରୁଷଙ୍କଠାରୁ ମହିଳାଙ୍କ ପର୍ଯ୍ୟନ୍ତ ସ୍ଥାନାନ୍ତର କରିଛି । ରାଜନୈତିକ ବୈଧକରଣରେ ନବ ପାରମ୍ପରିକତା ମଧ୍ୟ ଏକ ଶକ୍ତିଶାଳୀ ସାଧନ ରୂପରେ ବ୍ୟବହୃତ ହୁଏ । ଏହି ନୂତନ ସଂରଚନା ସମାଜରେ କାହାଣୀ, ବ୍ୟବହାର ଏବଂ ଅନୌପଚାରିକ ଅନୁଷ୍ଠାନଗୁଡ଼ିକର ପୁରୁଣା ରୂପ ସହ ଏକମତ ହୁଏ ଓ ତାହାକୁ ଗ୍ରହଣ କରେ । ପ୍ରକୃତରେ ସେମାନେ ମାନବ ଜାତି ବିଜ୍ଞାନ ଏବଂ ଐତିହାସିକ ବାସ୍ତବତାର ପ୍ରତିନିଧି ଅଟନ୍ତି । ନବ ପାରମ୍ପରିକ ସଂସ୍କୃତି ଅନୁଭବ କରେ ଯେ କୌଣସି ସ୍ଥାନ ବା ଦେଶରେ ପାଳନ କରାଯାଉଥିବା 'ପରମ୍ପରା' କିଛି ନୁହେଁ, କିନ୍ତୁ କ୍ଷମତାରେ ଥିବା ଏକ ନିର୍ଦ୍ଦିଷ୍ଟ ରାଜନୈତିକ ପ୍ରକ୍ରିୟା ଯାହା ରହିଛି, ତାହାକୁ ମୁଖ୍ୟତଃ କେନ୍ଦ୍ରୀୟ ବା ଗୁରୁତ୍ୱପୂର୍ଣ୍ଣ ସଂଜ୍ଞା ଭାବରେ ଗ୍ରହଣ କରାଯାଇଛି । ଆଧୁନିକୀକରଣ ଏବଂ ଦ୍ରୁତ ଜଗତୀକରଣ ଯୁଗରେ ଯେଉଁଠି ସାମଗ୍ରୀ ଆମଦାନୀ ଓ ରପ୍ତାନୀ ସଂସ୍କୃତି, ପରମ୍ପରା ଏବଂ ଗଣତାନ୍ତ୍ରିକ ନୀତିର ଜନିତ ଅନ୍ୟାନ୍ୟ ମାନକର ସ୍ଥାନାନ୍ତର ସହ ଘଟୁଛି; ମୁକ୍ତ-ବଜାର ଅର୍ଥନୀତି, ନବ ପାରମ୍ପରିକତା ବାହାର ଆଧିପତ୍ୟକୁ ପ୍ରତିରୋଧ କରି ଆଶା କରାଯାଉଥିବା ଅଥବା ସାଂସ୍କୃତିକ ସମନ୍ୱୟ ବଜାୟ ରଖୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ଧାରାର ପ୍ରତିନିଧିତ୍ୱ କରିଥାଏ । ରାଜନୈତିକ ସଂଚାଳନ ପାଇଁ ନବ ପାରମ୍ପରିକତା ଏହିପରି ଭାଷା ଓ ଆଧାର ପ୍ରଦାନ କରି ଆଧୁନିକୀକରଣ ସିଦ୍ଧାନ୍ତରେ ଅନେକ ପ୍ରକାର ସମାଲୋଚନାକୁ ସ୍ଥାନ ଦେଇଥାଏ ।

## ୨.୫: ବିକାଶର ବାହକ ରୂପରେ ସଂସ୍କୃତି

ସାମାଜିକ ମୂଲ୍ୟବୋଧ, ଲୋକଙ୍କ ମନୋଭାବ ଏବଂ ଏମିତିକି ସେମାନଙ୍କ ଜୀବନଶୈଳୀକୁ ପରିବର୍ତ୍ତନ କରି ଆଧୁନିକୀକରଣ ଏକ ସ୍ଥାନର ଅର୍ଥନୀତିକୁ ବଦଳାଇ ଦେବ । ଏହା ଏକ ଦେଶରେ ବିକାଶର କାରଣ ହୋଇପାରେ । ଏହା ସ୍ପଷ୍ଟ ଯେ ଗୋଟିଏ ଦେଶର ସଂସ୍କୃତି ଓ ସାମାଜିକ ପରିବର୍ତ୍ତନ ପରସ୍ପର ସହ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ସଂସ୍କୃତିର ନିହିତାର୍ଥକୁ ଯଥେଷ୍ଟ ଗୁରୁତ୍ୱର ସହିତ ଅଧ୍ୟୟନ କରାଯିବା ଉଚିତ୍, କାରଣ ସମାଜ ଓ ଇତିହାସରେ ଏ ହେଉଛି ଏକ ପ୍ରଭାବଶାଳୀ ପରିକଳ୍ପନା । ତେଣୁ ସାମାଜିକ ପରିବର୍ତ୍ତନର ସାଂସ୍କୃତିକ ପ୍ରଭାବକୁ ବିଚାର କରିବାକୁ ପଡ଼ିବ । ଗ୍ରାମୀଣ ସଂପ୍ରଦାୟକୁ ବୁଝିବାକୁ ହେଲେ ସାମାଜିକ ପରିବର୍ତ୍ତନ ବାବଦରେ ଧାରଣା ଜରୁରୀ ଅଟେ ।

ଯେତେବେଳେ ଆମେ ସାମାଜିକ ପରିବର୍ତ୍ତନ ବିଷୟରେ କଥା ହେବା, ଆମକୁ ପ୍ରଥମେ ସାମାଜିକ ପରିବର୍ତ୍ତନର ଅର୍ଥକୁ ବୁଝିବାକୁ ପଡ଼ିବ । ସାମାଜିକ ପରିବର୍ତ୍ତନର ପରିକଳ୍ପନାକୁ ଅଳ୍ପ ଶବ୍ଦରେ ବୁଝାଇବା କି ବର୍ଣ୍ଣନା କରିବା ଅସମ୍ଭବ ଅଟେ । ସାମାଜିକ ପରିବର୍ତ୍ତନ ପଛରେ ଉଭୟ ପ୍ରାକୃତିକ ଓ କୃତ୍ରିମ କାରଣ ରହିଛି। ସମାଜରେ ପରିବର୍ତ୍ତନ ଆଣିବା ନିମନ୍ତେ ପ୍ରାକୃତିକ ଏବଂ ମନୁଷ୍ୟକୃତ ଜିନିଷ ହିଁ ଦାୟୀ । କାରଣ ଯାହା ବି ହେଉ, ସେମାନେ କୌଣସି ନା କୌଣସି ପ୍ରକାରରେ ଏକ ସମାଜର ସଂସ୍କୃତି ସହ ଯୋଡ଼ି ହୋଇଛନ୍ତି । ସାମାଜିକ ପରିବର୍ତ୍ତନର ବ୍ୟାପ୍ତି, କାରଣ ଓ ସବୁକିଛି ସମାଜର ସଂସ୍କୃତି ସହ ଜଡ଼ିତ ଏବଂ ସମସ୍ତ ପ୍ରକାର ସାମାଜିକ ପରିବର୍ତ୍ତନ ସମାଜର ସଂସ୍କୃତି ଉପରେ କିଛି ପ୍ରଭାବ ପକାଏ । ପ୍ରତ୍ୟେକ ସମାଜରେ ସାମାଜିକ ପରିବର୍ତ୍ତନକୁ ବୁଝିବାକୁ ହେଲେ ସଂସ୍କୃତି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡ ବୋଲି ଏହା ସୂଚିତ କରେ।

ପରବର୍ତ୍ତୀ ମହତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ଏକ ସମାଜର ସଂସ୍କୃତି । ନୃତତ୍ତ୍ୱବିଜ୍ଞାନୀ ଏବଂ ସମାଜବିଜ୍ଞାନୀଙ୍କ ଦ୍ୱାରା ଦିଆଯାଇଥିବା କଠିନ ଓ ଅତ୍ୟାଧୁନିକ ସଂଜ୍ଞାକୁ ବାଦ୍ ଦେଲେ, ସାଧାରଣ ଶବ୍ଦରେ ସଂସ୍କୃତିର ଅର୍ଥ ହେଲା- ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟ ବା ସମାଜର ଜୀବନଯାପନ । ଏହା ହେଉଛି ସମାଜର ଏକ ମିଶ୍ରଣ ଏବଂ ଗୋଟିଏ ବିନା ଅନ୍ୟଟି ରହି ପାରିବନି । ଯଦି ଏକ ସମାଜ ଅଛି, କିଛି ସଂସ୍କୃତିକୁ ବି ତାହା ପାଳନ କରିବ । ସଂସ୍କୃତି ହେଉଛି ସମାଜର ସଦସ୍ୟ ବା ସଂପ୍ରଦାୟଙ୍କ ଦ୍ୱାରା ଅନୁସରଣ କରାଯାଉଥିବା ଜୀବନଶୈଳୀ । ତେବେ ସଂସ୍କୃତି ସବୁ ସମୟରେ ସମାନ ରହେ ନାହିଁ । ଏହା ଅନେକ ସମୟରେ ସମାଜର ସଦସ୍ୟଙ୍କ ଦ୍ୱାରା ଉଦ୍ଭାବିତ ହେଉଥିବା ବସ୍ତୁ ବା ଅଣବସ୍ତୁର ମିଶ୍ରଣ ଅଟେ । ଏହା ମଧ୍ୟ ଅନ୍ୟାନ୍ୟ ସଂସ୍କୃତିରୁ ବିଚାର ଗ୍ରହଣ କରେ ଏବଂ ନିଜ ଭିତରେ ମିଶିଯାଏ । ତେଣୁ ସାଂସ୍କୃତିକ ପ୍ରତିନିଧିତ୍ୱ ଏବଂ ସମନ୍ୱୟ ସମାଜ ପାଇଁ ଅନେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ । ଏକ ସମାଜକୁ ରୂପାନ୍ତରିତ କରିବାକୁ ଯାଇ ଅନ୍ୟାନ୍ୟ ସଂସ୍କୃତିରୁ ଧାରଣାଗତ ପ୍ରସାର ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାରକଗୁଡ଼ିକ ମହତ୍ୱପୂର୍ଣ୍ଣୟ ଭୂମିକା ନିଭାଇ ଥାଆନ୍ତି । ଏଗୁଡ଼ିକ କେବଳ ସାମାଜିକ ପରିବର୍ତ୍ତନର କାରକ ନୁହଁନ୍ତି, ବରଂ ସାଂସ୍କୃତିକ ପରିବର୍ତ୍ତନର ବି କାରକ ଅଟନ୍ତି । ଏହା ସାମାଜିକ ପରିବର୍ତ୍ତନର ଛାୟାରୂପ ଯେଉଁଠି ସାଂସ୍କୃତିକ ପରିବର୍ତ୍ତନ ଏବଂ ସାମାଜିକ ପରିବର୍ତ୍ତନ ମଧ୍ୟରେ କିଛି ବ୍ୟାଘାତ ସୃଷ୍ଟି ହୋଇଥାଏ ।

ସଂସ୍କୃତି ବିକାଶର ବାହକ ରୂପରେ କେବଳ ସେହି ସମାଜଗୁଡ଼ିକରେ କାର୍ଯ୍ୟ କରିଥାଏ ଯାହା ପରସ୍ପର ସହ ଯୋଡ଼ି ହୋଇ ରୁହନ୍ତି । ଅଲଗା ରହୁଥିବା ସମାଜରେ ଏହା ପରିବର୍ତ୍ତନ ଆଣିପାରେ ନାହିଁ । ସେହି ସମାଜ ଓ ସଂପ୍ରଦାୟକୁ ଏହା ଆବଶ୍ୟକ କରେ ଯାହା ପରସ୍ପର ସହ ଜଡ଼ିତ, ଯେଉଁଠି ସମାଜଗୁଡ଼ିକ ବ୍ୟାପକ ସାମାଜିକ କ୍ଷେତ୍ର ସହ ସଂଲଗ୍ନ ହୋଇ ରହିଥା'ନ୍ତି । ବିକାଶ ଦିଗରେ ସଂସ୍କୃତିର ବାହକଗୁଡ଼ିକ ଧାରଣାର ପ୍ରସାର ପ୍ରକ୍ରିୟା ମାଧ୍ୟମରେ କାର୍ଯ୍ୟ କରନ୍ତି, ସେହି ଧାରଣାକୁ ଅନୁକୂଳ କରନ୍ତି ଏବଂ ତା'ପରେ ଉଭୟ ଭିତରେ ଓ ବାହାରେ ଦ୍ୱନ୍ଦ୍ୱ ମଧ୍ୟରେ ବି କାର୍ଯ୍ୟ ସମାପନ କରନ୍ତି । ଉପରୋକ୍ତ ସାମାଜିକ ପରିବର୍ତ୍ତନ ଏବଂ ସାଂସ୍କୃତିକ ପରିବର୍ତ୍ତନ କାରକଗୁଡ଼ିକୁ ଦୁଇଟି ଧାରାରେ ବିଭକ୍ତ କରାଯାଇପାରେ । ସେଗୁଡ଼ିକ ହେଲା- ପାଶ୍ଚାତ୍ୟକରଣ ଓ ସଂସ୍କୃତିକରଣ ପରିକଳ୍ପନା, ଯାହା ଏହି ଅଧ୍ୟାୟରେ ପୂର୍ବରୁ ଆଲୋଚନା କରାଯାଇଛି ।

## ୨.୬: ଆସ ପ୍ରଗତି ମାପିବା

୧) ପାଶ୍ଚାତ୍ୟକରଣ ବନାମ ଆଧୁନିକୀକରଣ ବିଷୟରେ ଏକ ଟିପ୍ପଣୀ ଲେଖନ୍ତୁ ।

--------------------------------------------------------------------------------

--------------------------------------------------------------------------------

-------------------------

୨) ସଂସ୍କୃତିକୁ ବ୍ୟାଖ୍ୟା କରନ୍ତୁ ।

--------------------------------------------------------------------------------

--------------------------------------------------------------------------------

-------------------------

୩) ସାମାଜିକ ପରିବର୍ତ୍ତନରେ ସଂସ୍କୃତି କିପରି ସାହାଯ୍ୟ କରିପାରେ ?

--------------------------------------------------------------------------------

--------------------------------------------------------------------------------

-------------------------

# ୟୁନିଟ୍- ୩: ତୃତୀୟ କ୍ଷେତ୍ର ରୂପରେ ବେସରକାରୀ ସଂଗଠନ


୩.୦: ବିଷୟର ଗଠନ

୩.୧ : ପଠନର ଉଦ୍ଦେଶ୍ୟ

୩.୨ : ତୃତୀୟ କ୍ଷେତ୍ର ରୂପରେ ବେସରକାରୀ ସଂଗଠନ

୩.୨.୧ : ଭାରତରେ ଥିବା ବେସରକାରୀ ସଂଗଠନ

୩.୩: ବେସରକାରୀ ସଂଗଠନର ପ୍ରକୃତି ଓ କାର୍ଯ୍ୟକାରିତା

୩.୪: ଗ୍ରାମୀଣ ବିକାଶରେ ବେସରକାରୀ ସଂଗଠନର ଯୋଗାଯୋଗ କୌଶଳ

୩.୫: ଜ୍ଞାନ ସଂଚରଣ ନମୁନା

୩.୬: ଆସ ପ୍ରଗତି ମାପିବା


## ୩.୧ : ପଠନର ଉଦ୍ଦେଶ୍ୟ

ଏହି ୟୁନିଟ୍ ଧ୍ୟାନ ଦେଇଥାଏ-

- ବିକାଶର ତୃତୀୟ କ୍ଷେତ୍ର ରୂପରେ ବେସରକାରୀ ସଂଗଠନ ଏବଂ ବେସରକାରୀ ସଂଗଠନର ପ୍ରକୃତି ଓ କାର୍ଯ୍ୟକାରିତା
- ଭାରତରେ ବେସରକାରୀ ସଂଗଠନର ପ୍ରକୃତି ଓ କାର୍ଯ୍ୟକାରିତା ଏବଂ ସେମାନେ କିପରି ଗ୍ରାମୀଣ ବିକାଶରେ ସହାୟକ ହୋଇଛନ୍ତି, ତା' ସଂପର୍କରେ ବି ଏହି ୟୁନିଟ୍ ଆଲୋଚନା କରିଛି
- ଅଧିକନ୍ତୁ ଜ୍ଞାନ ସଂଚରଣ ନମୂନା ଏବଂ ବିକାଶ ପ୍ରକ୍ରିୟାରେ ତା'ର ସହଯୋଗ ସଂପର୍କରେ ବି ଏହି ୟୁନିଟ୍ ଆଲୋଚନା କରିଛି । ବିକାଶ ନିମନ୍ତେ ଯୋଗାଯୋଗ କୌଶଳ କିପରି ପ୍ରଭାବପୂର୍ଣ୍ଣ ଭାବରେ ବ୍ୟବହୃତ ହୋଇପାରିବ ସାମାଜିକ ପରିବର୍ତ୍ତନ ଆଣିବାରେ ବେସରକାରୀ ସଂଗଠନର ଭୂମିକା ଓ କାର୍ଯ୍ୟକାରିତା ବି ଏଠାରେ ଆଲୋଚିତ ହୋଇଛି ।

## ୩.୨ : ତୃତୀୟ କ୍ଷେତ୍ର ରୂପରେ ବେସରକାରୀ ସଂଗଠନ

ବିଭିନ୍ନ କ୍ଷେତ୍ରରେ ବ୍ୟାପକ ବିକାଶ ପାଇଁ ଭାରତ ଏକ ବିକାଶମୁଖୀ ରାଷ୍ଟ୍ର, ଯେଉଁଥିରେ ଜୀବନ ଶୈଳୀରେ ଉନ୍ନତି, ନାରୀଶିକ୍ଷା, ମହିଳା ଓ ଶିଶୁ ବିକାଶ, ସର୍ବଶିକ୍ଷା, ସାମାଜିକ ସଶକ୍ତିକରଣ, ସ୍ୱାଧୀକାର ଭାବନା ଓ ଜନ ସଚେତନତା ସୃଷ୍ଟି କରିବା ସାମିଲ ରହିଛି । ପରିବର୍ତ୍ତନ ସହିତ ଏସବୁରେ ବିକାଶ ଆଣିବା ନିମନ୍ତେ ସରକାରୀ ଯୋଜନାକୁ କେବଳ ରଦ୍ଦ କରିବା ଯଥେଷ୍ଟ ନୁହେଁ । ପ୍ରକୃତ ବିକାଶ ହାସଲ କରିବାକୁ ସରକାରୀ ନୀତି ଓ ଯୋଜନା ବାହାରେ ବି କିଛି କରିବାକୁ ପଡ଼ିବ । ଏଠାରେ ହିଁ ବେସରକାରୀ ସଂଗଠନ ଏବଂ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ସଂଗଠନ ଏକ ସଂପୂର୍ଣ୍ଣ ମିଶନ୍ ସହିତ ସକ୍ରିୟ ରହି କାର୍ଯ୍ୟ କରନ୍ତି ।

ଭାରତରେ ଥିବା ବେସରକାରୀ ସଂଗଠନଗୁଡ଼ିକ ବିକାଶମୂଳକ ଯୋଗାଯୋଗ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇଛନ୍ତି ଏବଂ ଏହି ଦୃଷ୍ଟିକୋଣ ହିଁ ଭାରତରେ ୩୦ହଜାରରୁ ଅଧିକ ବେସରକାରୀ ସଂଗଠନଗୁଡ଼ିକୁ ସଫଳତାର ସହ କାର୍ଯ୍ୟକ୍ଷମ କରାଇପାରିଛି ।

ଗ୍ରାମୀଣ ବିକାଶ ଯେପରି ଶୁଣାଯାଏ, ସେତେ ସରଳ ଓ ସହଜ କାର୍ଯ୍ୟ ନୁହେଁ । ପଞ୍ଚବାର୍ଷିକ ଯୋଜନାର ରୂପରେଖ ବିଶେଷ କରି ଭାରତ ସ୍ୱାଧୀନ ହେବା ପରେ ଗ୍ରାମାଞ୍ଚଳର ବିକାଶ ନିମନ୍ତେ ପ୍ରସ୍ତୁତ କରାଯାଇଛି, ୧୯୫୦ ମସିହାରେ ସ୍ଥାପିତ ହୋଇଥିବା ଯୋଜନା ପରିଷଦ ଏ ନେଇ ପ୍ରସ୍ତାବ ଦେଇଥିଲେ । ଦେଶରୁ ଦାରିଦ୍ର୍ୟ ଦୂର କରିବା, ମୌଳିକ ଆବଶ୍ୟକତା ପାଇଁ ଅନ୍ୟ ଦେଶ ଉପରେ ନିର୍ଭର ନକରି ଲୋକମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଏବଂ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉପରେ ଯୋଜନା ପରିଷଦ ଗୁରୁତ୍ୱ ଦେଇଥିଲେ ।  ମହଜୁଦ ସମ୍ବଳକୁ କିପରି ସର୍ବାଧିକ ବ୍ୟବହାର କରିହେବ, ତା' ଉପରେ ବି ଏହା ଧ୍ୟାନ ଦେଇଥିଲା । ତୃଣମୂଳ ସ୍ତରରେ ଗଣତନ୍ତ୍ରକୁ ଶକ୍ତିଶାଳୀ କରିବା ନିମନ୍ତେ ସରକାରଙ୍କ ଦ୍ୱାରା ପଞ୍ଚାୟତିରାଜ ବ୍ୟବସ୍ଥା ଆରମ୍ଭ ହେଲା ।

ଗ୍ରାମୀଣ ବିକାଶ ପ୍ରକ୍ରିୟାରେ ସରକାର ଏତେସବୁ ପଦକ୍ଷେପ ନେଲା ପରେ ବି ସମସ୍ୟାର ସମାଧାନ ଏ ପର୍ଯ୍ୟନ୍ତ ହୋଇପାରିନି । ଦେଶରେ ଏବେ ବି ଦାରିଦ୍ର୍ୟ, ବେକାରୀ ଓ କମ୍ ଉତ୍ପାଦନ ଲାଗି ରହିଛି । ଏମିତିକି ମୌଳିକ ସୁବିଧା ପାଇଁ ଲୋକମାନଙ୍କୁ ଅନ୍ୟାନ୍ୟ ଦେଶ ଏବଂ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି । ଗ୍ରାମଗୁଡ଼ିକରେ ଉପଯୁକ୍ତ ପରିମଳ ସୁବିଧା ନାହିଁ, ଯାହା ଅସ୍ୱାସ୍ଥ୍ୟକର ଜୀବନାବସ୍ଥା ନେଇ ଆସିଛି । ମହିଳା ଓ ଶିଶୁ ଅପପୁଷ୍ଟିର ଶିକାର ହୋଇଛନ୍ତି ଏବଂ ଅନେକ ଗରିବ ଗ୍ରାମୀଣ ଶିଶୁଙ୍କ ପାଇଁ ଶିକ୍ଷା ଏବେ ବି ସ୍ୱପ୍ନ ହୋଇ ରହିଯାଇଛି । ଗ୍ରାମାଞ୍ଚଳରେ ଜୀବନଯାପନ ସୁରକ୍ଷିତ ରହିନି ଏବଂ ଉପଯୁକ୍ତ ରାସ୍ତା ବା ସ୍ୱାସ୍ଥ୍ୟ ସୁବିଧା ନାହିଁ । ଯଦିଓ ଆମେ ସମାନତା ବିଷୟରେ କହୁଛନ୍ତି, ସହର ଓ ଗ୍ରାମାଞ୍ଚଳରେ ଥିବା ସୁବିଧା ମଧ୍ୟରେ ଏକ ବିରାଟ ବ୍ୟବଧାନ ରହିଯାଉଛି । ବିକାଶ ସଂପର୍କରେ କଥା ପଡ଼ିଲେ ଗ୍ରାମଗୁଡ଼ିକର ମୌଳିକ ବିକାଶ ମଧ୍ୟରେ ବଡ଼ ବଡ଼ ସମସ୍ୟା ବ୍ୟତୀତ ଏହିସବୁ ମୌଳିକ ସୁବିଧାଗୁଡ଼ିକୁ ସାମିଲ କରାଯିବା ଉଚିତ୍; ଯେମିତିକି- ବେକାରୀ, ଜଳ ଅଭାବ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ।

ସରକାରୀ ସଂଗଠନ ସହ ତୁଳନା କଲେ ଏନ୍‌ଜିଓ ବା ବେସରକାରୀ ସଂଗଠନଗୁଡ଼ିକ ଅଧିକ ନମନୀୟ ଅଟନ୍ତି। ତେଣୁ ସରକାରୀ ସଂଗଠନ ଅପେକ୍ଷା ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା ବେସରକାରୀ ସଂଗଠନ ଅଧିକ ଲାଭ ଯୋଗାଏ ।  ସେମାନେ ଲକ୍ଷ୍ୟ ଭିତ୍ତିକ, ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର ଉପରେ ଧ୍ୟାନ ଦେଇଥା'ନ୍ତି ଏବଂ ସମାନ ସମୟରେ ସଂପୂର୍ଣ୍ଣ ସଂପଦାୟର ସେବା କରିଥା'ନ୍ତି । ଯେହେତୁ ବିକାଶର କାର୍ଯ୍ୟଟି ବିଶାଳ ଅଟେ, ଅନେକ ବେସରକାରୀ ସଂଗଠନ ଗ୍ରାମୀଣ ବିକାଶ ନିମନ୍ତେ ସରକାରଙ୍କ ସହ ଯୋଡ଼ି ହୋଇ ମହତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଥାଆନ୍ତି ।

### ୩.୨.୧: ଭାରତରେ ଥିବା ବେସରକାରୀ ସଂଗଠନ

ପ୍ରାଚୀନ ସଭ୍ୟତା ସମୟରୁ ହିଁ ସମାଜ ସେବା ଭାରତୀୟ ସଂସ୍କୃତିର ଅଂଶ ରହିଛି । ସ୍ୱାଧୀନତା ପରେ ପରେ ବେସରକାରୀ ସଂଗଠନଗୁଡ଼ିକର ସଂଖ୍ୟା ଦ୍ରୁତ ଗତିରେ ବଢ଼ିଛି । ଏହି ସଂଖ୍ୟା ଏତେ ଅଧିକ

ଥିଲା ଯେ, ଆମର ଜାତୀୟ ପିତା ମହାତ୍ମା ଗାନ୍ଧୀ ଭାରତୀୟ ଜାତୀୟ କଂଗ୍ରେସକୁ ଭଙ୍ଗ କରି ଲୋକ ସେବା ସଂଘ ନାମରେ ପରିବର୍ତ୍ତନ କରାଯାଉ ବୋଲି ଅନୁରୋଧ କରିଥିଲେ । ମହାତ୍ମା ଗାନ୍ଧୀଙ୍କ ଅନୁଗାମୀମାନେ ଅନେକ ସ୍ୱେଚ୍ଛାସେବୀ ସଂଗଠନ ଗଢ଼ିବା ସହିତ ଦେଶ ସେବାରେ ଲାଗି ପଡ଼ିଥିଲେ । ଅନେକ ସାମାଜିକ ପ୍ରସଙ୍ଗରେ ସେମାନେ କାର୍ଯ୍ୟ କରିଥିଲେ ଏବଂ ଦେଶର ଅର୍ଥନୈତିକ ବିକାଶରେ ମହତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ । ଯଦିଓ ଭାରତୀୟ ଜାତୀୟ କଂଗ୍ରେସକୁ ଭାଙ୍ଗି ଲୋକ ସେବା ସଂଘ ନାମ ଦେବା ପାଇଁ ଗାନ୍ଧୀଙ୍କର ବିଚାର ବା ଅନୁରୋଧକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା, ବେସରକାରୀ ସଂଗଠନଗୁଡ଼ିକର ସେବା ସମାନ ରୀତିରେ ଆଗେଇ ଚାଲିଲା ।

ଏହା ଭାରତରେ ବେସରକାରୀ ସଂଗଠନର ବିକାଶ ଜନିତ ପ୍ରଥମ ପର୍ଯ୍ୟାୟକୁ ଚିହ୍ନିତ କରିଥିଲା। ବେସରକାରୀ ସଂଗଠନର ବିକାଶ ଜନିତ ଦ୍ୱିତୀୟ ପର୍ଯ୍ୟାୟ ୧୯୬୦ ମସିହାରେ ଆରମ୍ଭ ହେଲା। ସରକାର ଅନୁଭବ କଲେ ଯେ ସ୍ୱୟଂ ଆରମ୍ଭ କରିଥିବା ନୂତନ ନୀତି ବା ଯୋଜନା ମାଧ୍ୟମରେ ସେ କଦାପି ଗ୍ରାମୀଣ ବିକାଶର କାର୍ଯ୍ୟକୁ ସଂପୂର୍ଣ୍ଣ କରି ପାରିବେନି । ବିକାଶର ମୂଳ କ୍ଷେତ୍ରଗୁଡ଼ିକରେ ସେବାକୁ ବିସ୍ତାର କରିବା ନିମନ୍ତେ ବେସରକାରୀ ସଂଗଠନଗୁଡ଼ିକର ହସ୍ତକ୍ଷେପ ଆବଶ୍ୟକ ହେଲା, ଯାହାକୁ ବାଧ୍ୟତାମୂଳକ ଭାବରେ ଦେଶ ପାଇଁ ବିକାଶ ଆଣିବାରେ ପ୍ରୟୋଗ କରାଗଲା । ଏହାକୁ ମନରେ ରଖି, ବିଭିନ୍ନ ବେସରକାରୀ ସଂଗଠନ ଗୋଷ୍ଠୀମାନ ଗଢ଼ାଯାଇଥିଲା ଯାହା ତୃଣମୂଳ ସ୍ତରରୁ କାର୍ଯ୍ୟ କରିବାକୁ ଉଦ୍ଦିଷ୍ଟ ରହିଥିଲା ।

ଅନେକଗୁଡ଼ିଏ ବେସରକାରୀ ସଂଗଠନ ଭାରତ ସରକାରଙ୍କ ଅନୁକୂଳ ନୀତି ସୁହାଇଥିଲା ଏବଂ ବିକାଶରେ ସେମାନଙ୍କ ଭୂମିକା ବୃଦ୍ଧି ପାଇବାରେ ଲାଗିଲା । ବର୍ଷ ବର୍ଷ ଧରି ଗ୍ରାମୀଣ ବିକାଶ ତଥା ସମଗ୍ର ସଂପ୍ରଦାୟ ପାଇଁ ସେମାନଙ୍କ ସେବା ବଢ଼ି ଚାଲିଛି । ଏବେ ମଧ୍ୟ ଏହିସବୁ ସେବା ସଂଗଠନ ବିଭିନ୍ନ ସରକାରୀ ଯୋଜନାକୁ ମାଧ୍ୟମ କରି ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି ।

୧୯୮୦ରୁ ୧୯୮୫ ମସିହା ମଧ୍ୟରେ ବେସରକାରୀ ସଂଗଠନଗୁଡ଼ିକ ନୂତନ ଭୂମିକାକୁ ନିଜର କଲେ, ଯାହା ଷଷ୍ଠ ପଞ୍ଚବାର୍ଷିକୀ ଯୋଜନାରେ ଅନ୍ତର୍ଭୁକ୍ତ ହେଲା । ଭାରତ ସରକାର ବେସରକାରୀ ସଂଗଠନଗୁଡ଼ିକୁ ବିଭିନ୍ନ ସଂପ୍ରଦାୟ ସହ ସକ୍ରିୟ ଭାବରେ ସାମିଲ ହେବା ପାଇଁ ପ୍ରେରିତ କଲେ, ଯାହାଦ୍ୱାରା ଲୋକମାନେ ଆତ୍ମନିର୍ଭରଶୀଳ ହୋଇପାରିବେ । ଭିନ୍ନ ଭିନ୍ନ କୌଶଳରେ ଲୋକଙ୍କ ମଧ୍ୟରେ ଆତ୍ମ ବିଶ୍ୱାସ ସୃଷ୍ଟି କରି, ତାହାକୁ ଯୋଜନାଗତ ଭାବରେ କାର୍ଯ୍ୟକାରୀ କରିବାକୁ ସେମାନେ ଚାହୁଁଥିଲେ । ସରକାର ଚାହିଁଲେ ବେସରକାରୀ ସଂଗଠନମାନେ ଗ୍ରାମବାସୀଙ୍କୁ ଦେଖନ୍ତୁ ଏବଂ ସମ୍ବଳଗୁଡ଼ିକର କିପରି ଉପଯୁକ୍ତ ବିନିଯୋଗ ହୋଇପାରିବ, ସେ ନେଇ ଗ୍ରାମବାସୀଙ୍କୁ ଶିକ୍ଷା ଦିଅନ୍ତୁ । ସେମାନେ ନିଜ ନିଜ ଗାଁର ବିକାଶ ଏବଂ ନିଜସ୍ୱ ବିକାଶ ପାଇଁ ମାନବ ସମ୍ବଳର ଉପଯୁକ୍ତ ଉପଯୋଗ ଉପରେ ଗୁରୁତ୍ୱ ଦେବାକୁ ଚାହୁଁଥିଲେ ।

ଗ୍ରାମବାସୀଙ୍କୁ ସେମାନଙ୍କ ସ୍ଥାନୀୟ ଜ୍ଞାନକୁ ବୁଝିବା, ତାହାକୁ ସୁଧାରିବା, ତାଙ୍କ ପାଖରେ ଯାହା ଅଛି ତାହାର ସର୍ବାଧିକ ବିନିଯୋଗ କରିବା ଏବଂ ବିକାଶ ନିମନ୍ତେ ଅନ୍ୟ କାହା ଉପରେ ନିର୍ଭର ନକରି ଆତ୍ମନିର୍ଭରଶୀଳ ହେବାରେ ବେସରକାରୀ ସଂଗଠନଗୁଡ଼ିକ ଅନେକ ସାହାଯ୍ୟ କରିଛି । ବେସରକାରୀ ସଂଗଠନଗୁଡ଼ିକ ସରକାରୀ ସଂଗଠନ ପରି ନୁହଁନ୍ତି, ସେମାନେ ଲୋକଙ୍କ ସହ ଅତି ଘନିଷ୍ଠ ଭାବରେ ମିଶି କାର୍ଯ୍ୟ କରନ୍ତି,

ତେଣୁ ଚାହୁଁଥିବା ପରିବର୍ତ୍ତନକୁ ଆଣିବା ସେମାନଙ୍କ ପକ୍ଷରେ କାଠିକର ପାଠ ନୁହେଁ । ଏହି କାରଣରୁ ବିକାଶମୂଳକ ଯୋଗାଯୋଗ ନିମନ୍ତେ ବେସରକାରୀ ସଂଗଠନ ସହ କାର୍ଯ୍ୟ କରିବା ସବୁବେଳେ ଅଧିକ ସହଜ ମନେ ହୋଇଛି ।

ବେସରକାରୀ ସଂଗଠନଗୁଡ଼ିକର ମହତ୍ୱକୁ ବୁଝିପାରି, ସରକାରୀ ଅଙ୍ଗ ସମୂହ ସେମାନଙ୍କୁ ଢେର୍ ଗୁରୁତ୍ୱ ଦେଇଛନ୍ତି । ବିଶେଷ କରି ଅଷ୍ଟମ ପଞ୍ଚବାର୍ଷିକୀ ଯୋଜନାରେ ବେସରକାରୀ ସଂଗଠନଗୁଡ଼ିକୁ ଗ୍ରାମୀଣ ବିକାଶ ନିମନ୍ତେ ବାସ୍ତବରେ ସ୍ୱତନ୍ତ୍ର ପ୍ରାଧାନ୍ୟ ଦିଆଯାଇଛି । ତେଣୁ ଦେଶବ୍ୟାପୀ ବେସରକାରୀ ସଂଗଠନ ବ୍ୟବସ୍ଥା ଅଷ୍ଟମ ପଞ୍ଚବାର୍ଷିକୀ ଯୋଜନାର ଏକ ଅଂଶ ରୂପରେ ଗଢ଼ି ଉଠିଲା, ଯାହାର ପ୍ରାଥମିକ ଲକ୍ଷ୍ୟ ରହିଥିଲା ପ୍ରଭାବପୂର୍ଣ୍ଣ ଭାବରେ ଗ୍ରାମୀଣ ବିକାଶ ନିମନ୍ତେ କାର୍ଯ୍ୟ କରିବା ।

ଅଷ୍ଟମ ପଞ୍ଚବାର୍ଷିକୀ ଯୋଜନାରେ ବେସରକାରୀ ସଂଗଠନଗୁଡ଼ିକର ସଫଳ ଅଭିବୃଦ୍ଧି ଦେଖିବା ପରେ, ନବମ ପଞ୍ଚବାର୍ଷିକୀ ଯୋଜନାରେ ପ୍ରସ୍ତାବ ଦିଆଗଲା ବେସରକାରୀ ସଂଗଠନଗୁଡ଼ିକୁ ଆହୁରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱମାନ ଦିଆଯାଉ। ନବମ ପଞ୍ଚବାର୍ଷିକୀ ଯୋଜନା ଅନୁସାରେ- ଘରୋଇ ଓ ସରକାରୀ କ୍ଷେତ୍ର ମଧ୍ୟରେ ଥିବା ସଂପର୍କକୁ ସୁଧାରିବା ନିମନ୍ତେ ବେସରକାରୀ ସଂଗଠନ ଏକ ମହତ୍ୱପୂର୍ଣ୍ଣ ଭୂମିକା ବହନ କରିବ। ସେମାନେ ଏକ ଘରୋଇ ସରକାରୀ ସହଭାଗିତା ନମୂନା ଉପରେ ଗୁରୁତ୍ୱ ଦେଲେ, ଯେଉଁଥିରେ ଗ୍ରାମୀଣ ବିକାଶ ପାଇଁ ଅଧିକ ସୁଯୋଗ ରହିଥିଲା । ପ୍ରତ୍ୟେକ ପଞ୍ଚବାର୍ଷିକ ଯୋଜନା ସହିତ ଭାରତରେ ବେସରକାରୀ ସଂଗଠନର ଭୂମିକା ବଢୁଥିବାର ଲକ୍ଷ୍ୟ କରାଗଲା । ତେଣୁ ବିକାଶର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିବାକୁ ବେସରକାରୀ ସଂଗଠନ ଅଧିକରୁ ଅଧିକ ପେଶାଦାର କର୍ମଚାରୀ ଆବଶ୍ୟକ କଲା, ଯିଏ ବିକାଶ ପାଇଁ ଯୋଜନା କରିପାରିବେ ଏବଂ ଭାରତରେ ତାହାକୁ କାର୍ଯ୍ୟକାରୀ କରିବେ । ବେସରକାରୀ ସଂଗଠନଗୁଡ଼ିକର ପ୍ରମୁଖ ଭୂମିକା ଥିଲା ମହଜୁଦ ସ୍ଥାନୀୟ ସମ୍ବଳକୁ ବ୍ୟବହାର କରି ବିକାଶ ନିମନ୍ତେ ବାଟ କଢ଼ାଇବା । ଉପଲବ୍ଧ ସ୍ଥାନୀୟ ସମ୍ବଳର ବ୍ୟବହାର ଲୋକଙ୍କ ଆତ୍ମବିଶ୍ୱାସ ବଢ଼ାଇବାରେ ଅନେକ ସାହାଯ୍ୟ କରିଛି । ଏକ ଦୀର୍ଘସ୍ଥାୟୀ ସମାଜ ଗଠନ କରିବା ଉପରେ ଅଧିକ ଗୁରୁତ୍ୱ ଦିଆଗଲା, ଯେଉଁଥିପାଇଁ ବେସରକାରୀ ସଂଗଠନଗୁଡ଼ିକ ଖୁବ୍ ସହାୟତା ଯୋଗାଇଲେ । ବିକାଶର ବାହକ ରୂପରେ ସେମାନେ କାର୍ଯ୍ୟ କରିଥିଲେ ।

## ୩.୩: ବେସରକାରୀ ସଂଗଠନର ପ୍ରକୃତି ଓ କାର୍ଯ୍ୟକାରିତା

ଭାରତରେ ଥିବା ବେସରକାରୀ ସଂଗଠନଗୁଡ଼ିକର ଗୋଟିଏ ପ୍ରତିକୂଳ ଦିଗ ହେଉଛି ସେବା ଯୋଗାଇବା ନିମନ୍ତେ ସେମାନେ ସରକାରଙ୍କ ନିକଟରୁ ଆର୍ଥିକ ସହାୟତା ଆବଶ୍ୟକ କରନ୍ତି । ପାଣ୍ଠି ଯୋଗାଡ଼ କରିବାକୁ ସରକାର ବା ଅନ୍ୟାନ୍ୟ ବାହ୍ୟ ସୂତ୍ର ଉପରେ ସେମାନଙ୍କୁ ନିର୍ଭର କରିବାକୁ ପଡ଼ିବ, ଯାହା ଫଳରେ ବିକାଶ ଜନିତ ଯୋଜନା ପାଇଁ ସେମାନେ ପଦକ୍ଷେପ ନେଇପାରିବେ । ଗ୍ରାମୀଣ ବିକାଶରେ ବେସରକାରୀ ସଂଗଠନର ଯୋଗଦାନକୁ ନେଇ ଏ ହେଉଛି ଏକ ପ୍ରମୁଖ ସମସ୍ୟା । ଅନ୍ୟତମ ପ୍ରତିକୂଳ ଦିଗ ହେଲା ବେସରକାରୀ ସଂଗଠନ ସଂରଚନାର କ୍ଷମତାବାଦୀ ପ୍ରକୃତି, ଯାହା କୌଣସି ବିକାଶମୂଳକ ଯୋଜନାକୁ ମନ୍ଥର କରିଦିଏ ଅଥବା ସାମଗ୍ରିକ ବିକାଶର ପ୍ରଭାବକୁ କମାଇ ଦିଏ ।

ଏତଦ୍ ବ୍ୟତୀତ ଲୋକଙ୍କ ମଧ୍ୟରେ ଥିବା ଭେଦଭାବକୁ ଆଧାର କରି ଅନ୍ୟାନ୍ୟ ସମସ୍ୟା ବି ରହିଛି । ଗ୍ରାମବାସୀମାନେ ପାରମ୍ପରିକ ଧାରାରେ ଚିନ୍ତା କରନ୍ତି, ଯେଉଁଥିରେ ବ୍ୟାଘାତ ଆଣିବାକୁ ସେମାନେ ଚାହାଁନ୍ତି ନାହିଁ । ଏମିତିକି ମିଥ୍ୟା ଧାରଣା ଉପରେ ସେମାନଙ୍କୁ ଶିକ୍ଷା ଦିଆଗଲେ ବି ସତ୍ୟରେ ବିଶ୍ୱାସ କରିବାକୁ ସେମାନେ ରାଜି ହୁଅନ୍ତିନି ଏବଂ ପୁରୁଣା ପ୍ରଥା ଓ ପରମ୍ପରାକୁ ପରିତ୍ୟାଗ କରିବା ନିମନ୍ତେ ସେମାନେ ଅନିଚ୍ଛୁକ ରୁହନ୍ତି । ସେମାନଙ୍କ ଅଳ୍ପ ବିଦ୍ୟା ପ୍ରକୃତରେ ବିକାଶ ଦିଗରେ ବାଧା ପହଞ୍ଚାଏ । ତେଣୁ ବାସ୍ତବିକ କଥା, ବିକାଶର ପ୍ରକୃତ ପ୍ରସଙ୍ଗ ବାବଦରେ ସେମାନଙ୍କୁ ବୁଝାଇବାକୁ ଯାଇ ବେସରକାରୀ ସଂଗଠନଗୁଡ଼ିକ ଅନେକ ଆହ୍ୱାନର ସାମ୍ନା କରନ୍ତି । ପ୍ରଯୁକ୍ତିର ବ୍ୟବହାର ବିଷୟରେ ସେମାନଙ୍କୁ ଅବଗତ କରାଇବା କଷ୍ଟକର ଅଟେ । ଏସବୁକୁ ବାଦ୍ ଦେଲେ କିଛି ଗ୍ରାମ ବି ମୌଳିକ ସୁବିଧାରୁ ବଞ୍ଚିତ; ଯେମିତିକି- ପାଣି, ବିଦ୍ୟୁତ, ସ୍ୱାସ୍ଥ୍ୟ ସୁବିଧା, ରାସ୍ତା ସୁବିଧା, ଉତ୍ତମ ଶିକ୍ଷା ପ୍ରଭୃତି । ଏପରି ଗୋଷ୍ଠୀଙ୍କୁ ପ୍ରଯୁକ୍ତି ବିଷୟରେ ଶିଖାଇବା କାଠିକର ପାଠ ।

ଅନ୍ୟାନ୍ୟ ପ୍ରମୁଖ ସମସ୍ୟା ବି ରହିଛି, ଏଇ ଯେମିତି ଗ୍ରାମର ଆର୍ଥିକ ଅବସ୍ଥା ଏବଂ ପ୍ରଯୁକ୍ତି ଜନିତ ଅଧିକରୁ ଅଧିକ ଖର୍ଚ୍ଚ, ଶିଳ୍ପ ପ୍ରତିଷ୍ଠା କରିବାକୁ ଯାଇ ବହୁ ପରିମାଣର ଉତ୍ପାଦନ ଖର୍ଚ୍ଚ ଆବଶ୍ୟକ ହୁଏ । ସାଧାରଣତଃ କର୍ପୋରେଟ୍ କମ୍ପାନୀଗୁଡ଼ିକ ଅଳ୍ପ ଲୋକଥିବା ଗ୍ରାମରେ ଅଧିକରୁ ଅଧିକ ଖର୍ଚ୍ଚ କରି ବୈଷୟିକ ବିକାଶ ଆଣିବାକୁ ଚାହାଁନ୍ତି ନାହିଁ, ଯେହେତୁ ଗ୍ରାମୀଣ ସଂପ୍ରଦାୟ ମୌଳିକ ସୁବିଧା ବି ପାଇ ନାହାନ୍ତି । ସହର ଓ ଗ୍ରାମର ଲୋକମାନଙ୍କ ମଧ୍ୟରେ ଅନେକ ମତଭେଦ ଲକ୍ଷ୍ୟ କରାଯାଏ, କାରଣ ଗ୍ରାମବାସୀମାନେ ପ୍ରଯୁକ୍ତି ଓ ଯୋଗାଯୋଗର ସଂସ୍ପର୍ଶରେ ସେତେ ଆସି ପାରିନାହାନ୍ତି । ଏଥିପାଇଁ ଉଭୟ ପକ୍ଷରୁ ବିକାଶ ଦିଗରେ କାର୍ଯ୍ୟ କରିବାର ଆତ୍ମବିଶ୍ୱାସ, ଉତ୍ସାହ ଏବଂ ଆଗ୍ରହ କମିଯାଏ । ଏସବୁ ହେଉଛି ଭାରତରେ ଗ୍ରାମୀଣ ବିକାଶର କେତୋଟି ପ୍ରମୁଖ ପ୍ରତିବନ୍ଧକ ।

ଏତେସବୁ ସମସ୍ୟା ରହିଛି ସତ, କିନ୍ତୁ ଭାରତରେ ଥିବା ବେସରକାରୀ ସଂଗଠନଗୁଡ଼ିକ ବିକାଶ ଦିଗରେ ଉତ୍ତମ ରୂପରେ କାର୍ଯ୍ୟ କରିଆସିଛନ୍ତି । ଏପରି କରିବାରେ ସେମାନେ ସକ୍ଷମ, କାରଣ ଲୋକଙ୍କ ସହିତ ସେମାନେ ଭଲରେ ମିଶନ୍ତି ଏବଂ ସେମାନଙ୍କ ପ୍ରତିଭାକୁ ଚିହ୍ନନ୍ତି । ପ୍ରତିଭାବାନ ବ୍ୟକ୍ତିଙ୍କୁ ସେମାନେ ତାଲିମ୍ ଯୋଗାଇ ଦିଅନ୍ତି ଏବଂ ଏହାକୁ ଗ୍ରାମୀଣ ବିକାଶ ନିମନ୍ତେ ବ୍ୟବହାର କରନ୍ତି । ଗ୍ରାମୀଣ ବିକାଶର ସଂପୂର୍ଣ୍ଣ ସଫଳତା ବହୁ ପରିମାଣରେ ବେସରକାରୀ ସଂଗଠନ ଉପରେ ନିର୍ଭରଶୀଳ, କାରଣ ସେମାନଙ୍କ ନିକଟରେ ଲୋକଙ୍କୁ ସେବା କରିବାର ଇଚ୍ଛାଶକ୍ତି ରହିଛି ଏବଂ ଏଥିରେ ଅଂଶଗ୍ରହଣ କରିବାକୁ ଗ୍ରାମବାସୀଙ୍କ ଇଚ୍ଛାଶକ୍ତି ବି ଖୁବ୍ ମାନ୍ୟତା ରଖେ, ଯାହା ନିଶ୍ଚିତରୂପେ ବିରାଟ ପରିବର୍ତ୍ତନ ଆଣିପାରିଛି ।

## ୩.୪: ଗ୍ରାମୀଣ ବିକାଶରେ ବେସରକାରୀ ସଂଗଠନର ଯୋଗାଯୋଗ କୌଶଳ

ସ୍ୱାଧୀନତା ପରଠାରୁ ଭାରତରେ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ ଭାରତ ସରକାରଙ୍କର ଏକ ପ୍ରୟାସ ରହିଥିଲା । ଆମେ ଯେପରି ଜାଣିଛନ୍ତି ଏବଂ ପୂର୍ବରୁ ପଢ଼ିଛନ୍ତି, ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ସଂପୂର୍ଣ୍ଣ ଭାବରେ ଦେଶ ପାଇଁ ବିକାଶ ଆଣି ପାରିନି । ଦାରିଦ୍ର୍ୟ ଦୂରୀକରଣ ଏବଂ ସମାନତା ଆଣିବାରେ

ଏହା ବିଫଳ ରହିଛି । ଦୁର୍ଭିକ୍ଷ, ଅପପୁଷ୍ଟି. ବେକାରୀ, ଲିଙ୍ଗଗତ ଅସମାନତା, ନିରକ୍ଷରତା ପ୍ରଭୃତି ସମସ୍ୟା ଏବେ ବି ବଳବତ୍ତର ଅଛି । କିନ୍ତୁ ମାନିବାକୁ ପଡ଼ିବ ଯେ ସମସ୍ୟାଗୁଡ଼ିକର ତୀବ୍ରତା ନିକଟ ଅତୀତରେ ହ୍ରାସ ପାଇଛି । ସରକାରୀ ଯୋଜନା ବା ପ୍ରଣାଳୀଗୁଡ଼ିକ ଆବଶ୍ୟକୀୟ ପରିବର୍ତ୍ତନ ଆଣି ପାରି ନଥିଲେ, କାରଣ-କାର୍ଯ୍ୟକ୍ରମ କାହିଁକି ପ୍ରସ୍ତୁତ ହୋଇଛି, ଏ ସଂପର୍କରେ ଲୋକଙ୍କୁ ବୁଝାଇବାରେ ସେମାନେ ଅସମର୍ଥ ରହିଥିଲେ। ଲୋକଙ୍କୁ ସେମାନେ ବୁଝାଇ ପାରିନଥିଲେ ଯେ ସରକାରଙ୍କ ତରଫରୁ ଏହିସବୁ ପରିବର୍ତ୍ତନ ଲୋକଙ୍କ ଭଲ ପାଇଁ ହେଉଛି । ଲୋକଙ୍କ ସହ ସେମାନେ ଘନିଷ୍ଠ ହୋଇ ପାରିଲେନି, ଯେଉଁ କାରଣରୁ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ଲୋକମାନେ ଅଣଦେଖା କଲେ, ଯାହା ପ୍ରକୃତରେ ଲୋକଙ୍କ ଉଦ୍ଦେଶ୍ୟରେ ହୋଇଥିଲା । ତେଣୁ ଗ୍ରାମୀଣ ଚାଷୀ ଏବଂ ଅନୁନ୍ନତ ସମାଜର ଅନ୍ୟାନ୍ୟ ବର୍ଗ ଏହିସବୁ ବିକାଶମୂଳକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିନଥିଲେ ।

ବିକାଶ ପ୍ରକ୍ରିୟାରେ ଲୋକଙ୍କୁ ଯୋଡ଼ିବା ପାଇଁ ମାଇକ୍ରୋସ୍ତରୀୟ ଆନୁଷ୍ଠାନିକ ବ୍ୟବସ୍ଥାର ଆବଶ୍ୟକତା ସରକାର ଅନୁଭବ କଲେ । ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ତୃଣମୂଳ ସ୍ତରରେ ଆରମ୍ଭ ଓ କାର୍ଯ୍ୟକାରୀ କରିବା ନିମନ୍ତେ ଏହା ଲୋକବଳ ଆବଶ୍ୟକ କଲା । ଗ୍ରାମୀଣ ବିକାଶର ଏକ ପ୍ରମୁଖ ଶକ୍ତି ରୂପରେ ଏହି ବିଷୟକୁ ଗୁରୁତ୍ୱ ଦିଆଗଲା । ବିକାଶ କର୍ମୀ ଓ ସରକାରୀ ଅଧିକାରୀ ଅନୁଭବ କଲେ ଯେ ବେସରକାରୀ ସଂଗଠନଗୁଡ଼ିକ ତାଙ୍କର କର୍ମ ପ୍ରକୃତିକୁ ଆଧାର କରି ବିକାଶ ଦିଗରେ ପ୍ରମୁଖ ଭୂମିକା ନେଇପାରିବେ । ଲୋକମାନଙ୍କ ପାଖରେ ପହଞ୍ଚିବା ପାଇଁ ସେମାନଙ୍କର ନମନୀୟ, ଅଭିନବ ଏବଂ ଅଂଶଗ୍ରହଣକାରୀ ପଦ୍ଧତି ସରକାରୀ ଯୋଜନା ଓ ପ୍ରଣାଳୀ ତୁଳନାରେ ଉତ୍ତମ ଥିଲା, ବିକାଶ ଦିଗରେ ପ୍ରଭାବଶାଳୀ ରହିଥିଲା । ସେମାନଙ୍କ ସଫଳତାର ଫଳ ସ୍ୱରୂପ ଭାରତରେ ବହୁ ସଂଖ୍ୟାରେ ବେସରକାରୀ ସଂଗଠନ ଗଢ଼ି ଉଠିଲା ଏବଂ ଲୋକ ଓ ସରକାରଙ୍କ ମଧ୍ୟରେ ବେସରକାରୀ ସଂଗଠନ ପ୍ରତି ବିଶ୍ୱସନୀୟତା ବୃଦ୍ଧି ପାଇଲା ।

ଏହି ପ୍ରସଙ୍ଗରେ ବେସରକାରୀ ସଂଗଠନଗୁଡ଼ିକର ଗ୍ରାମୀଣ ବିକାଶ କୌଶଳକୁ ଅଧ୍ୟୟନ କରିବା ଆବଶ୍ୟକ ଓ ଗୁରୁତ୍ୱପୂର୍ଣ୍ଣ ଅଟେ । ବେସରକାରୀ ସଂଗଠନ କାହିଁକି କୌଶଳଗୁଡ଼ିକୁ ଅନୁସରଣ କରିଛନ୍ତି, ତା'ର କାରଣକୁ ବିଚାର କରିବା ଉଚିତ୍ । ପ୍ରଥମେ, ଆମେ ଜାଣିବାକୁ ପାଇବା ଯେ ବେସରକାରୀ ସଂଗଠନଗୁଡ଼ିକର ଧ୍ୟାନ ଦାନ ଓ କଲ୍ୟାଣରୁ ଦୀର୍ଘସ୍ଥାୟୀ ବିକାଶ ଆଡ଼କୁ ସ୍ଥାନାନ୍ତର ହୋଇଛି । ପୁନର୍ବାର ଏହା ସଶକ୍ତିକରଣ ଆଡ଼କୁ ଯାଇଛି । ପରେ ପରେ ବେସରକାରୀ ସଂଗଠନର ଭୂମିକାରେ ସିଧାସଳଖ କାର୍ଯ୍ୟ ନକରି ତୃଣମୂଳ ସଂଗଠନକୁ ସମର୍ଥନ କରିବା ଜନିତ ପରିବର୍ତ୍ତନକୁ ଆମେ ଠଉରାଇ ପାରିବା । ତୃତୀୟତଃ, ବେସରକାରୀ ସଂଗଠନର କାର୍ଯ୍ୟଶୈଳୀ ଏପରି ବଦଳି ଯାଇଛି ଯେ ସେମାନେ ସରକାରଙ୍କ ସହ ମିଶି କାର୍ଯ୍ୟ କରୁଛନ୍ତି, କେତେକ କ୍ଷେତ୍ରରେ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତିକୁ ବିରୋଧ ମଧ୍ୟ କରୁଛନ୍ତି । ସେମାନେ ସ୍ୱୟଂଚାଳିତ ରୂପରେ କାର୍ଯ୍ୟ କଲେ ଏପରି ହୋଇପାରେ ।

ଏହି ପ୍ରସଙ୍ଗରେ ବେସରକାରୀ ସଂଗଠନଗୁଡ଼ିକ ଗ୍ରାମାଞ୍ଚଳରେ ବିକାଶ ଆଣିବା ପାଇଁ ଏକ ନିର୍ଦ୍ଦିଷ୍ଟ ଶୈଳୀରେ କାର୍ଯ୍ୟ କରନ୍ତି, ଯାହା ଏଠାରେ ଆଲୋଚନା କରାଯାଇଛି । ବେସରକାରୀ ସଂଗଠନର ବିକାଶ କୌଶଳ ଓ ନୀତି କେତୋଟି କାରକ ଉପରେ ନିର୍ଭର କରେ । ଦୁଇଟି ଦୃଷ୍ଟିକୋଣ ରହିଛି, ଯାହା ମାଧ୍ୟମରେ ଲୋକଙ୍କ

ବିକାଶ ପାଇଁ ସେମାନେ ଆଗେଇ ଆସନ୍ତି । ସେଗୁଡ଼ିକ ହେଉଛି- ଯୋଗାଯୋଗକାରୀଙ୍କ ଦୃଷ୍ଟିକୋଣ ବା ଆବଶ୍ୟକତା ଏବଂ ହିତାଧିକାରୀ/ଦର୍ଶକଙ୍କ ଦୃଷ୍ଟିକୋଣ ବା ଆବଶ୍ୟକତା । ଲୋକମାନଙ୍କୁ ସୂଚନା, ଶିକ୍ଷା ଏବଂ ଉତ୍ସାହ ଯୋଗାଇ ଯୋଗାଯୋଗକାରୀ ଯୋଗାଯୋଗ କରି ପାରନ୍ତି । ବିକାଶ ଜନିତ ସୂଚନା ପାଇବାକୁ, ବିକାଶ ନିମନ୍ତେ ଦାବି କରି ଏବଂ ବିକାଶ ସଂପର୍କିତ ସମସ୍ୟା ଉପରେ ପ୍ରଶ୍ନ ପଚାରି ସମାଧାନ ହାସଲ କରିବାକୁ ଦର୍ଶକମାନେ ଯୋଗାଯୋଗ କରି ପାରନ୍ତି । ବିକାଶମୂଳକ ଦୃଷ୍ଟିକୋଣ ପାଇଁ ଏହି ଦୁଇଟି ଦୃଷ୍ଟିକୋଣ କେତୋଟି ପୂର୍ବ ଆବଶ୍ୟକତା ବିଷୟରେ ପରାମର୍ଶ ଦେଇଛି । ସେଗୁଡ଼ିକ ହେଲା: (କ) ଯୋଗାଯୋଗ ନିମନ୍ତେ ବିସ୍ତୃତ ଏବଂ କେନ୍ଦ୍ରୀଭୂତ ଧାରା ଅପେକ୍ଷା ମାନବିକ ଓ ସ୍ଥାନୀୟ ଆଭିମୁଖ୍ୟ, (ଖ) ବିକାଶ ନିମନ୍ତେ ଯୋଗାଯୋଗ ସଂପର୍କଗୁଡ଼ିକର ବିଶ୍ୱସନୀୟତା ଓ ଭୂମିକା- ଯାହା ଉଭୟ ଗଣମାଧ୍ୟମ ଓ ପାରସ୍ପରିକ ସଂପର୍କକୁ ସୂଚିତ କରେ, ଏବଂ (ଗ) ଯୋଗାଯୋଗ ପାଇଁ ପ୍ରବେଶ ।

ମାନବିକ ଏବଂ ସ୍ଥାନୀୟ ଆଭିମୁଖ୍ୟ ସୂଚିତ କରେ ଯେ ଯୋଗାଯୋଗ ପ୍ରୟାସ ଲୋକମାନଙ୍କର ମାନସିକ ସ୍ୱଭାବ ଏବଂ ବିକାଶ ଦ୍ୱାରକୁ ଅନୁକୂଳ କରିଥାଏ । ଅଧିକ ଆଶାୟୀ ବିକାଶ ତତ୍ତ୍ୱବାଦୀ ଏବଂ ଅଭ୍ୟାସକାରୀମାନେ ନିଶ୍ଚିତ କରିଛନ୍ତି ଯେ ବିକାଶ ଯୋଗାଯୋଗ ପାଇଁ ବିକାଶ ଦ୍ୱାର ମହତ୍ୱପୂର୍ଣ୍ଣ ଅଟେ । ଗ୍ରାମୀଣ ଏବଂ ସହରାଞ୍ଚଳ ସମାଜର ବିକାଶ ଦ୍ୱାର ମଧ୍ୟରେ ପାର୍ଥକ୍ୟ ରହିଛି । ଅଭିଜାତ ବର୍ଗ ଓ ସାଧାରଣ ଜନତାଙ୍କ ମଧ୍ୟରେ, ପୁରୁଷ ଓ ମହିଳାଙ୍କ ମଧ୍ୟରେ ଏବଂ ସହରୀ ଓ ଗ୍ରାମୀଣ ସମାଜ ମଧ୍ୟରେ ବି ପାର୍ଥକ୍ୟ ରହିଛି । ବିକାଶ ଦ୍ୱାରରେ ଥିବା ଏହିସବୁ ପାର୍ଥକ୍ୟକୁ ବିକାଶ ଫାଙ୍କ ବୋଲି କୁହାଯାଏ । ବେସରକାରୀ ସଂଗଠନ ଏହି ଫାଙ୍କଗୁଡ଼ିକୁ ଚିହ୍ନଟ କରେ, ଯାହା ସାମାଜିକ ଅର୍ଥନୈତିକ ଫାଙ୍କ, ଜ୍ଞାନ ଜନିତ ଫାଙ୍କ, ଯୋଗାଯୋଗ ଫାଙ୍କ ସହ ଜଡ଼ିତ ଏବଂ ନିଜର ଯୋଗାଯୋଗ କୌଶଳକୁ ଏପରି ଯୋଜନା କରେ ଯେ ତାହା ସହଜରେ ଫାଙ୍କଗୁଡ଼ିକୁ ଚିହ୍ନି ପାରିବ ଏବଂ ପୂରଣ କରି ପାରିବ ।

ଯୋଗାଯୋଗ କୌଶଳରେ ସାମିଲ ହେବା ପାଇଁ ଲୋକମାନେ ଭିନ୍ନ ଭିନ୍ନ ରୂପ ଓ ଧାରାକୁ ପାଳନ କରନ୍ତି, ଯାହା ବେସରକାରୀ ସଂଗଠନ ଦ୍ୱାରା ଅନୁସରଣ କରାଯାଇଥାଏ । ଏହା ଗୋଟିଏ ସମାଜରୁ ଅନ୍ୟ ସମାଜରେ ଏବଂ ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳରେ ଅଲଗା ଅଲଗା ରହିଥାଏ । ଭିନ୍ନ ଭିନ୍ନ ସମାଜରେ ଅଂଶଗ୍ରହଣ ବି ଅଲଗା ଅଲଗା ଦେଖାଯାଏ । ଆଞ୍ଚଳିକ, ଅର୍ଥନୈତିକ, ରାଜନୈତିକ ଏବଂ ସାମାଜିକ ପରିବର୍ତ୍ତନଶୀଳ ଉପାଦାନଗୁଡ଼ିକୁ ସେମାନେ ପ୍ରତିଫଳିତ କରନ୍ତି । ନିଜର ସାମାଜିକ ବା ବିକାଶମୂଳକ ଆବଶ୍ୟକତାକୁ ବ୍ୟକ୍ତ କରି ଲୋକମାନେ ଅଂଶଗ୍ରହଣ କରିପାରିବେ । ଏମିତିକି ଆବଶ୍ୟକତାର ସମାଧାନ ପାଇଁ ସେମାନେ ଦାବି କରିପାରିବେ । ମହଜୁଦ ଥିବା ଯୋଗାଯୋଗ ଓ ବିକାଶ କୌଶଳ ବାବଦରେ ସେମାନେ ଅସନ୍ତୋଷ ମଧ୍ୟ ବ୍ୟକ୍ତ କରିପାରିବେ । କେତେକ ସମାଜରେ ଅଂଶଗ୍ରହଣ ସକ୍ରିୟ ରହିଥାଏ । ଅନ୍ୟ କେତେକ ସମାଜରେ ଏହା ଅପେକ୍ଷାକୃତ ମନ୍ଥର ବା ନିଷ୍କ୍ରିୟ ହୋଇପାରେ । କେତେକାଂଶରେ ଲୋକମାନେ ଅଂଶଗ୍ରହଣ କରି ନିଜର ଅସନ୍ତୋଷ ଜାହିର କରନ୍ତି ଏବଂ ସମସ୍ୟାର ସମାଧାନ ପାଇଁ ଦାବି କରନ୍ତି ।

ଅଂଶଗ୍ରହଣର ପରିମାଣ କାର୍ଯ୍ୟକ୍ଷମ ବା ଲୋକପ୍ରିୟ ହୋଇପାରେ । ବେସରକାରୀ ସଂଗଠନଗୁଡ଼ିକ ବିକାଶ ନିମନ୍ତେ ଜନତା ଓ ପ୍ରଶାସନର ଅଂଶଗ୍ରହଣ ଉପରେ ଗୁରୁତ୍ୱ ଦିଅନ୍ତି ।

ଏ ପ୍ରକାର କୌଶଳ ଦୁଇଟି ଦିଗକୁ ସାମିଲ କରେ । ସେଗୁଡ଼ିକ ହେଲା: ଆତ୍ମ ବିକାଶରେ ଅଂଶଗ୍ରହଣ ଯାହାକି ବିକାଶ ଜନିତ କାର୍ଯ୍ୟକ୍ରମ ବିଷୟରେ ସଚେତନତା ସୃଷ୍ଟି କରେ, ସମାଜର ସଦସ୍ୟ ତଥା ପ୍ରଶାସକଙ୍କ ମଧ୍ୟରେ ତାହାର ଅନୁଭବ ଏବଂ ଆବଶ୍ୟକତାକୁ ଦର୍ଶାଏ । ପରବର୍ତ୍ତୀ ଦିଗଟି ହେଲା ବିକାଶମୂଳକ ଅଂଶଗ୍ରହଣରେ ଆତ୍ମନିର୍ଭରଶୀଳତା । ବିକାଶ ପାଣ୍ଠି ବା ବିକାଶ ସଂପର୍କିତ କାର୍ଯ୍ୟ ପାଇଁ ସରକାରଙ୍କ ଉପରେ ନିର୍ଭର ନକରି, ଗ୍ରାମବାସୀମାନେ ଅଧିକ ଆତ୍ମନିର୍ଭରଶୀଳ ହେବା ଉଚିତ୍ ଏବଂ ଉପଲବ୍ଧ ସମ୍ବଳ ସହିତ ବିକାଶର ସୁଯୋଗ ସୃଷ୍ଟି କରିବା ଉଚିତ୍ । ସମାଧାନ ଏବଂ ମାର୍ଗଦର୍ଶନ ପାଇଁ ସରକାରଙ୍କ ଉପରେ ନିର୍ଭର ନକରି, ନିଜର ସ୍ଥାନୀୟ ଆବଶ୍ୟକତା ପୂରଣ କରିବାକୁ ଲୋକମାନେ ସ୍ଥାନୀୟ ସମ୍ବଳ ଉପରେ ନିର୍ଭର କରିବା ଉଚିତ୍ ।

ବେସରକାରୀ ସଂଗଠନ ଦ୍ୱାରା ଅନୁସରଣ କରାଯାଉଥିବା ଅନ୍ୟତମ କୌଶଳ ହେଉଛି- ବିକାଶରେ ପ୍ରଶାସନର ଅଂଶଗ୍ରହଣ। ଏହା ଯୋଗାଯୋଗ ଓ ପ୍ରତିକ୍ରିୟା ବ୍ୟକ୍ତ କରିବାକୁ; ଲୋକଙ୍କର ଆତ୍ମ ବିକାଶ ଏବଂ ଆତ୍ମନିର୍ଭରଶୀଳତା  ନିମନ୍ତେ ଏକ ସଂଗଠନ ରହିଛି, ଯାହା ପ୍ରଶାସନିକ ଦକ୍ଷତା ସହିତ ପରିଚାଳିତ ବୋଲି ସୂଚାଏ। । କାର୍ଯ୍ୟକ୍ରମରେ ସୁଧାର ଆଣିବା ସହିତ ବିକାଶର ପ୍ରଚାର ଏବଂ ପ୍ରଶାସନର ଉପଯୁକ୍ତ ଆଭିମୁଖ୍ୟ ପାଇଁ ବିଭିନ୍ନ ସଂସ୍ଥା ସହିତ ସମନ୍ୱୟ ରଖି ସେମାନେ କାର୍ଯ୍ୟ କରନ୍ତି ।

ଗଣ ଅଂଶଗ୍ରହଣ କିପରି ମାନବ ବିକାଶର ଚାବିକାଠି ହୋଇ ପାରିବ ଏବଂ ଲୋକଙ୍କର ଆବଶ୍ୟକତାକୁ ଭିତ୍ତି କରି ଗଢ଼ି ଉଠୁଥିବା ସମାଜକୁ କିପରି ପ୍ରୋତ୍ସାହନ ଯୋଗାଯାଇପାରିବ ତାହା ଉପରେ ମାନବ ବିକାଶ ରିପୋର୍ଟ ଧ୍ୟାନ ଦେଇଥାଏ । ଏହା ଲୋକମାନଙ୍କୁ ନେଇ ପଞ୍ଚମ ସ୍ତମ୍ଭ ଗ୍ରହଣ କରବାକୁ ଆହ୍ୱାନ ଦିଏ, ଯାହାକି ବିକାଶର ନୂତନ ଧାରଣାକୁ ସୂଚିତ କରିପାରିବ । ଗୋଟିଏ ହେଉଛି ବିକାଶ ପ୍ରକ୍ରିୟାରେ ବେସରକାରୀ ସଂଗଠନଗୁଡ଼ିକ ସାମିଲ ହେବା । ମାନବ ସମ୍ବଳ ମନ୍ତ୍ରାଳୟ ଅନୁଭବ କରନ୍ତି ଯେ ବିକେନ୍ଦ୍ରୀକରଣ ମାଧ୍ୟମରେ ଜନ ସଶକ୍ତିକରଣ ଏବଂ ବେସରକାରୀ ସଂଗଠନର ଅଧିକ ଯୋଗଦାନ ବିକାଶ ଆଣିପାରିବ । ଶାସନରେ ଲୋକଙ୍କ ଅଂଶଗ୍ରହଣ ନିମନ୍ତେ କ୍ଷମତାର ବିଚ୍ଛେଦ ଅପରିହାର୍ଯ୍ୟ । ବେସରକାରୀ ସଂଗଠନଗୁଡ଼ିକ ଏହି କୌଶଳକୁ ବୁଝନ୍ତି ଏବଂ ଲୋକଙ୍କ ସହ ଘନିଷ୍ଠ ହୋଇପାରନ୍ତି । ଏହି କୌଶଳଟି ସେମାନଙ୍କୁ ସ୍ଥାନୀୟ ସଂପ୍ରଦାୟ ସହ ଅଙ୍ଗାଙ୍ଗୀ  ଭାବରେ ଯୋଡ଼ିପାରେ ଏବଂ ସେମାନଙ୍କ ବିଶ୍ୱାସ ହାସଲ କରିବାରେ ସାହାଯ୍ୟ କରେ । ପରବର୍ତ୍ତୀ ସମୟରେ ଯୋଜନା ପ୍ରତି ଲୋକଙ୍କର ବିଶ୍ୱାସ ବନାଇବାରେ, ବିକାଶ ପାଇଁ ନୂତନ ବିଚାର ବ୍ୟକ୍ତ କରିବାରେ ଏହା ସହାୟକ ହୋଇଥାଏ ।

ଗ୍ରାମବାସୀଙ୍କୁ ବିକାଶ ବାବଦରେ କହିବା ବେଳେ ଟେକ୍ନିକାଲ୍ ଜାର୍ଗନ୍ ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ କୌଶଳ ଦ୍ୱାରା ଭାଷାକୁ ବ୍ୟବହାର କରିବା ଏକ ବଡ଼ ବିଫଳତା ହେବ । ବିକାଶର ବାସ୍ତବ ପରିକଳ୍ପନା ବୁଝିବାକୁ ଏବଂ ସେମାନଙ୍କ ଜୀବନଯାପନକୁ ପୂର୍ବ ଅପେକ୍ଷା ଉନ୍ନତ କରିବା ନିମନ୍ତେ ସରକାରୀ ନୀତିଗୁଡ଼ିକ ତାଙ୍କ ପାଖରେ ପହଞ୍ଚିବାକୁ ପଡ଼ିବ, ଯେଉଁଥିପାଇଁ ପ୍ରଥମେ ତାଙ୍କୁ ଜାଣିବାକୁ ହେବ ଏପରି ନୀତି ସମାଜରେ ଅଛି ଯାହା ସରକାରଙ୍କ ତରଫରୁ ପ୍ରଦାନ କରାଯାଇଛି । ସବୁବେଳେ ସରକାରଙ୍କୁ ସନ୍ଦେହ ଦୃଷ୍ଟିରେ ନଦେଖି ସେମାନେ ବିଶ୍ୱାସ କରିବା ଉଚିତ୍ ଯେ ସରକାର ତାଙ୍କର ଭଲ ପାଇଁ କାମ କରୁଛନ୍ତି ।

ଗ୍ରାମବାସୀମାନେ ପ୍ରଯୁକ୍ତି ବା ଉଦ୍ଭାବନ ସଂସ୍ପର୍ଶରେ ସେତେ ଆସିସ ନଥା'ନ୍ତି, ତେଣୁ ପ୍ରଯୁକ୍ତିର ପ୍ରକୃତ ବ୍ୟବହାର ସଂପର୍କରେ ସେମାନଙ୍କୁ ବୁଝାଇବା କଠିନ କାମ ଅଟେ । ଯଦିଓ ସେମାନେ ଜାଣିଛନ୍ତି ନୂତନ ବୈଷୟିକ କୌଶଳ ସେମାନଙ୍କର ସମୟ ଓ ପଇସା ବଞ୍ଚାଏ, ଚାଷବାସର ପାରମ୍ପରିକ ପଦ୍ଧତି ସେମାନଙ୍କୁ ସହଜ ଓ ବୋଧଗମ୍ୟ ଲାଗେ । ବେକାର ହେବାର ଭୟରେ ବୈଷୟିକ ପରିବର୍ତ୍ତନକୁ ନିଜର କରିବା ପାଇଁ ସେମାନେ ହୁଏତ ଇଚ୍ଛା କରନ୍ତି ନାହିଁ । ମେସିନ୍ ସେମାନଙ୍କ ଚାକିରି ନେଇଯିବ ଏବଂ ତାଙ୍କର ଜୀବନଯାପନକୁ ନଷ୍ଟ କରିଦେବାର ଭୟ ସେମାନଙ୍କ ମନରେ ଥାଏ । ସେମାନେ ଏହା ମଧ୍ୟ ଭାବନ୍ତି ଯେ, ନୂତନ ଆଧୁନିକ ପଦ୍ଧତି କିଛି ସମୟ ପରେ ସେମାନଙ୍କ ମାଟିକୁ ଖରାପ କରିବ । ଏମିତି ଏକ ଚିନ୍ତାଧାରା ଭିତରେ ପ୍ରଯୁକ୍ତି, ବିଜ୍ଞାନ, ଉଦ୍ଭାବନ ଏବଂ ସମସ୍ତ ନୂତନ ଜ୍ଞାନ କୌଶଳ ଯେ ତାଙ୍କର ଭଲ ପାଇଁ ଆସିଛି; ଏହା ବୁଝାଇବା ବାସ୍ତବରେ କଷ୍ଟକର ଅଟେ ।

ସରକାରୀ ଯୋଜନାଗୁଡ଼ିକୁ ବ୍ୟବହାର କରିବାକୁ ହେଲେ, ସମାଜର ଗ୍ରାମୀଣ ବିଭାଗ ପ୍ରଥମେ ଜାଣିବା ଆବଶ୍ୟକ ଯେ ଏପରି ଯୋଜନା ବା ପାଣ୍ଠି ସେମାନଙ୍କ ବ୍ୟବହାର ପାଇଁ ଏବଂ ସମାଜର ବିକାଶ ପାଇଁ ଆସିଛି। ଆମେ ଯେମିତି ପୂର୍ବ ଅଧ୍ୟାୟଗୁଡ଼ିକରେ ଆଲୋଚନା କରିଛନ୍ତି, କର୍ପୋରେଟ୍ ଶିଳ୍ପଗୁଡ଼ିକ ଗ୍ରାମାଞ୍ଚଳରେ ଖର୍ଚ୍ଚ କରିବାକୁ ଇଚ୍ଛା କରନ୍ତି ନାହିଁ, ଅଳ୍ପ ଜନସଂଖ୍ୟା ଏବଂ ସୁବିଧାର ଅଭାବ ହେଉଛି ଏହାର କାରଣ। ଭାରତର ଉପାନ୍ତ ଗ୍ରାମଗୁଡ଼ିକ ଏମିତିକି ବିଦ୍ୟୁତ, ପାଣି ପରି ମୌଳିକ ସୁବିଧାରୁ ବଞ୍ଚିତ । ଯେତେବେଳେ ବିଦ୍ୟୁତ ନାହିଁ; ଗ୍ରାମବାସୀଙ୍କ ପାଖରେ ଟିଭି, ରେଡିଓ କି ବୈଦ୍ୟୁତିକ ଗଣମାଧ୍ୟମ ପହଞ୍ଚିପାରିନି । ସେମାନେ ସାଧାରଣତଃ ଛାପା ମାଧ୍ୟମ ଉପରେ ଭରସା କରନ୍ତି, ଯାହାକି ସହଜରେ ଉପଲବ୍ଧ ହୁଏ ନାହିଁ ।

ଏମିତି ଏକ କଷ୍ଟକର ପରିସ୍ଥିତିରେ ବେସରକାରୀ ସଂଗଠନ ଗ୍ରାମବାସୀଙ୍କୁ ଯୋଗାଯୋଗ କରିବା, ସେମାନଙ୍କୁ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇବା, ଗ୍ରାମ ଓ ବୃହତ୍ ସମାଜ ପାଇଁ ମହଜୁଦ ଥିବା ବିକାଶ ପାଣ୍ଠି ବିଷୟରେ ସୂଚିତ କରିବା ପ୍ରାୟ ଅସମ୍ଭବ ଅଟେ । ତେଣୁ ସେମାନଙ୍କ ପାଖରେ ପହଞ୍ଚିବାର ସହଜ ଉପାୟ ହେଉଛି ଯେଉଁଠି ସେମାନେ ସହଜରେ ପହଞ୍ଚି ପାରୁଥିବେ । ଗ୍ରାମାଞ୍ଚଳରେ ଗ୍ରାମବାସୀଙ୍କ ସହ ଯୋଗାଯୋଗ ସିଧା ଓ ସରଳ ରହିବା ଉଚିତ୍ । ଏହା ଭରସାଯୋଗ୍ୟ ହେବା ଆବଶ୍ୟକ । ଏହି କାରଣରୁ ବେସରକାରୀ ସଂଗଠନ ଗ୍ରାମବାସୀଙ୍କ ସହିତ ଘନିଷ୍ଠ ଭାବରେ ମିଶନ୍ତି ଏବଂ ସେମାନଙ୍କ ପାଖରେ ପହଞ୍ଚିବାକୁ ପ୍ରଥମେ ସେମାନଙ୍କର ବିଶ୍ୱାସ ଲାଭ କରନ୍ତି । ଅଧିକନ୍ତୁ, ବେସରକାରୀ ସଂଗଠନଗୁଡ଼ିକ ବିକାଶର ସମସ୍ତ ଦିଗକୁ ଧରି ରଖୁଥିବା ବ୍ୟାପକ ବିଷୟ ଉପରେ କାର୍ଯ୍ୟ କରନ୍ତି ନାହିଁ । ନିର୍ଦ୍ଦିଷ୍ଟ ଗୋଷ୍ଠୀ ସହିତ ଘନିଷ୍ଠ ଭାବରେ ସେମାନେ ମିଳାମିଶା କରନ୍ତି, ଯିଏକି ନିର୍ଦ୍ଦିଷ୍ଟ ପ୍ରକାର ଜୀବିକା/କାର୍ଯ୍ୟ/କଳା ଉପରେ ଧ୍ୟାନ ଦେଇଥା'ନ୍ତି ଏବଂ ନିଜର ବିକାଶ ପାଇଁ କାମ କରନ୍ତି । ଯେତେବେଳେ ଆମେ ଗ୍ରାମୀଣ ବିକାଶ ସଂପର୍କରେ କହୁଛନ୍ତି, ଏହା କେବଳ ଚାଷବାସରେ ସୀମିତ ରହିବା ଜରୁରୀ ନୁହେଁ । ଏହି ଗୋଷ୍ଠୀ ମଧ୍ୟରେ ଚାଷବାସ ସହିତ କୁମ୍ଭାର କାମ, ବୁଣାବୁଣି, ଗୋରୁ ପାଳନ ଏବଂ ଗ୍ରାମାଞ୍ଚଳରେ ଦେଖା ଦେଉଥିବା ଆହୁରି ଅନେକ କାର୍ଯ୍ୟ ଆସିପାରେ ।

ଲୋକମାନେ ଯାହା କରୁଛନ୍ତି, ସେଥିପ୍ରତି ବିଶ୍ୱାସ ରଖିବାରେ ଯୋଗାଯୋଗର ଅଂଶଗ୍ରହଣ ପଦ୍ଧତି ବେଶ୍ ଉପଯୋଗୀ । ଗ୍ରାମ ସମାଜର ସଦସ୍ୟମାନଙ୍କ ସହିତ ଘନିଷ୍ଠ ଭାବରେ ମିଶିବା ପାଇଁ ବେସରକାରୀ ସଂଗଠନ ବ୍ୟକ୍ତିଗତ ବା ଜଣଙ୍କ ସହ ଜଣେ ଯୋଗାଯୋଗ କରିବାର କୌଶଳକୁ ବ୍ୟବହାର କରନ୍ତି । ବ୍ୟକ୍ତିଗତ ସଂପର୍କକୁ ସେମାନେ ଯୋଗାଯୋଗର ପ୍ରଭାବଶାଳୀ ସାଧନ ଭାବରେ ବ୍ୟବହାର କରନ୍ତି । ତେବେ ଗ୍ରାମବାସୀଙ୍କ ପାଖରେ ବେସରକାରୀ ସଂଗଠନ ପହଞ୍ଚିବାକୁ ହେଲେ ବ୍ୟକ୍ତିଗତ ଯୋଗାଯୋଗ ଗୋଟିଏ ବାଟ ନୁହେଁ । ଆହୁରି ଅନେକ ବାଟ ବି ରହିଛି । ସେଗୁଡ଼ିକ ହେଉଛି ପାରମ୍ପରିକ ପଦ୍ଧତି ବା ଆଞ୍ଚଳିକ ମାଧ୍ୟମକୁ ବ୍ୟବହାର କରି ସେମାନଙ୍କ ନିଜ ଭାଷାରେ ଯୋଗାଯୋଗ କରିବା । ଆଞ୍ଚଳିକ ମାଧ୍ୟମ ଏମିତି କିଛି ଯାହାର ମୂଳ ବା ଚେର ଗ୍ରାମରେ ହିଁ ରହିଛି । ସେଗୁଡ଼ିକ ହେଉଛି ଯୋଗାଯୋଗର ଭିନ୍ନ ଭିନ୍ନ ରୂପ ଯାହା ମାଧ୍ୟମରେ ଗ୍ରାମବାସୀମାନେ ଏକତ୍ରିତ ହେବାର ସୁଯୋଗ ପାଆନ୍ତି ଏବଂ ଗ୍ରାମରେ କ'ଣ ଘଟୁଛି, ସେ ସଂପର୍କରେ ଜାଣି ପାରନ୍ତି ।

ଆଞ୍ଚଳିକ ମାଧ୍ୟମ ଅଞ୍ଚଳଠାରୁ ଅଞ୍ଚଳ ଏବଂ ଗ୍ରାମରୁ ଗ୍ରାମ ଯାଏଁ ଭିନ୍ନ ଭିନ୍ନ ରହିଥାଏ । ଯୋଗାଯୋଗ ନିମନ୍ତେ ଭିନ୍ନ ଭିନ୍ନ ସଂସ୍କୃତି ଓ ବାଟକୁ ସେମାନେ ଅନୁସରଣ କରନ୍ତି । କେତେକ ଆଞ୍ଚଳିକ ମାଧ୍ୟମ ଗୀତକୁ ଜରିଆ କରି ଯୋଗାଯୋଗ କରୁଥିବା ବେଳେ ଅନ୍ୟଗୁଡ଼ିକ କଣ୍ଠେଇକୁ ଜରିଆ କରନ୍ତି । ଆଞ୍ଚଳିକ ମାଧ୍ୟମରେ ଅନ୍ୟାନ୍ୟ ଯୋଗାଯୋଗ ମାର୍ଗ ବି ରହିଛି ଯାହା ବିଭିନ୍ନ ରାଜ୍ୟର ଭିନ୍ନ ଭିନ୍ନ ନୃତ୍ୟ ଶୈଳୀକୁ ସାମିଲ କରିଥାଏ । ଅନ୍ୟ କିଛି ଗୋଷ୍ଠୀ ଗୀତ ଓ ନାଚ ପାଇଁ ଭିନ୍ନ ଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ବ୍ୟବହାର କରନ୍ତି। କେବଳ ଗାଇବା ଓ ନାଚିବା ନୁହେଁ, ବରଂ ଚିତ୍ରାଙ୍କନ ବି ପାରମ୍ପରିକ ଗ୍ରାମଗୁଡ଼ିକରେ ଲୋକ କଳାର ଏକ ରୂପ ଅଟେ । ତେଣୁ ବେସରକାରୀ ସଂଗଠନ ସର୍ବ ପ୍ରଥମେ ଗ୍ରାମବାସୀଙ୍କ ସହ ନିଜକୁ ପରିଚିତ କରାଇବା ଆବଶ୍ୟକ ଏବଂ ସେମାନଙ୍କର ସଂସ୍କୃତି ଓ ଯେଉଁ ପାରମ୍ପରିକ ମାଧ୍ୟମ ସହିତ ସେମାନେ ସହଜ ରହୁଥିବେ, ତାହାକୁ ବୁଝିବାକୁ ପଡ଼ିବ । ତା'ପରେ ଏହି ପାରମ୍ପରିକ ମାଧ୍ୟମକୁ ବ୍ୟବହାର କରି, ବିଜ୍ଞାନ ଓ ପ୍ରଯୁକ୍ତିର ନୂତନ ଜ୍ଞାନ କୌଶଳ ବାବଦରେ ଲୋକମାନଙ୍କୁ ଅବଗତ କରାଇବାକୁ ପଡ଼ିବ । ସହର ଓ ଗ୍ରାମାଞ୍ଚଳରେ ରହୁଥିବା ଲୋକଙ୍କୁ ତାହା କିପରି ଉପକୃତ କରିପାରେ, ସେ ବିଷୟରେ ସୂଚିତ କରିବାକୁ ପଡ଼ିବ ।

ଯଦିଓ ଟେଲିଭିଜନ, ରେଡିଓ ଏବଂ ଇଣ୍ଟରନେଟ୍‌କୁ ସାମିଲ କରୁଥିବା ଗଣମାଧ୍ୟମ ପରି ଆଞ୍ଚଳିକ ମାଧ୍ୟମ ବ୍ୟାପକ ପ୍ରସାର ଏବଂ ତୁରନ୍ତ ପହଞ୍ଚିବା ନେଇ ଦାବି କରି ପାରିବନି, ତେବେ ସମାଜର ଗ୍ରାମୀଣ ବିଭାଗକୁ ପ୍ରଭାବିତ କରିବାରେ ପାରମ୍ପରିକ ତଥା ଆଞ୍ଚଳିକ ମାଧ୍ୟମ ବେଶ୍ ଉପଯୋଗୀ । ସେମାନେ ଦର୍ଶକ ବା ଗ୍ରାମବାସୀଙ୍କ ମନରେ ଇଚ୍ଛାକୃତ ପରିବର୍ତ୍ତନ ଆଣନ୍ତି, ଯେଉଁମାନେ ଆଞ୍ଚଳିକ ମାଧ୍ୟମକୁ ଜରିଆ କରି ବାର୍ତ୍ତା ଦେଇଥା'ନ୍ତି, କାରଣ ଆଞ୍ଚଳିକ ମାଧ୍ୟମ ସେମାନଙ୍କ ନିକଟତର ଅଟେ ଏବଂ ସେମାନଙ୍କ ଜନ୍ମସ୍ଥାନର ପ୍ରତିନିଧିତ୍ୱ କରିଥାଏ । ଯୋଗାଯୋଗ ଉପରେ ସେମାନେ ଅଧିକ ଧ୍ୟାନ ଦିଅନ୍ତି ଯାହା ସେମାନଙ୍କୁ ମୂଳ ରୂପରେ ଯୋଗାଇ ଦିଆଯାଏ ଏବଂ ଅନ୍ୟ କୌଣସି ମିଡିଆ ବା ଯୋଗାଯୋଗ ଚ୍ୟାନେଲ ତୁଳନାରେ ଅଧିକ ବୋଧଗମ୍ୟ ଓ ପ୍ରତିକ୍ରିୟାଶୀଳ ରହିଥାଏ ।

ତେଣୁ ବେସରକାରୀ ସଂଗଠନ ଅତି ଦକ୍ଷତାର ସହିତ ଯୋଗାଯୋଗର ଏହି କୌଶଳକୁ ବ୍ୟବହାର କରନ୍ତି ଏବଂ ଗ୍ରାମାଞ୍ଚଳରେ ଇଚ୍ଛାକୃତ ପ୍ରଭାବ ଲାଭ କରନ୍ତି । ବିକାଶ ପ୍ରକ୍ରିୟାରେ ଏ ପ୍ରକାର ଯୋଗାଯୋଗ ପ୍ରଗତିର ନିଶ୍ଚିତ ସଙ୍କେତ ଅଟେ ।

## ୩.୫: ଜ୍ଞାନ ସଂଚରଣ ନମୁନା

ଏହି ପଦ୍ଧତିର ମୁଖ୍ୟ ଧ୍ୟାନ ହେଉଛି ନୂତନ ଚିନ୍ତାଧାରା, ସେବା ଏବଂ ଉତ୍ପାଦର ବିସ୍ତାର ମାଧ୍ୟମରେ ବୈଷୟିକ ଓ ସାମାଜିକ ବିଜ୍ଞାନକୁ ଗ୍ରହଣ କରିବା । ବିକାଶ ପାଇଁ ଉଭୟ ବସ୍ତୁ ଏବଂ ସାମାଜିକ ଉଭାବନର ବିଭେଦ ଆବଶ୍ୟକ । ବସ୍ତୁଗତ ଉଭାବନ ଅର୍ଥନୈତିକ ଓ ବୈଷୟିକ ଉଭାବନ ଏବଂ ସାମାଜିକ ଆବଶ୍ୟକତା ଓ ଗଠନମୂଳକ ସାମାଜିକ ଉଭାବନକୁ ସୂଚିତ କରେ । ଜ୍ଞାନ ସ୍ଥାନାନ୍ତର ପ୍ରକ୍ରିୟା ସଂପ୍ରଦାୟର ଆବଶ୍ୟକତା ମୂଲ୍ୟାଙ୍କନ ଏବଂ ଉଭାବନ ମାଧ୍ୟମରେ ଉନ୍ନତ ଉପାୟରେ ସଂପ୍ରଦାୟର ଆବଶ୍ୟକତା ପୂରଣରୁ ଆରମ୍ଭ ହୁଏ। ଉଭାବନକୁ ଗ୍ରହଣ ଓ ପ୍ରତ୍ୟାଖ୍ୟାନ କରିବା ପାଇଁ ବ୍ୟକ୍ତିଗତ ଓ ନିଷ୍ପତ୍ତି ମୁଖ୍ୟତଃ ଆଡାପ୍ଟର ବା ଉପଯୋଜକର ଆବଶ୍ୟକତା ଉପରେ ନିର୍ଭର କରେ, ଏ ହେଉଛି ଉଭାବନ ବିଷୟରେ କି ପ୍ରକାର ଯୋଗାଯୋଗ ଆବଶ୍ୟକ ଏବଂ କିପରି ଯୋଗାଯୋଗ କରିହେବ ।

ଯୋଗାଯୋଗର ଜ୍ଞାନ ସ୍ଥାନାନ୍ତର ନମୁନାରେ ୩ଟି ଗୁରୁତ୍ୱପୂର୍ଣ୍ଣ ସୋପାନ ରହିଛି । ସେଗୁଡ଼ିକ ନିମ୍ନରେ ଦର୍ଶା ଯାଇଛି:

**କ. ପୁନର୍ବିନ୍ୟାସ :** ମୌଳିକ ଉତ୍ପାଦ, ସେବା, ବିଚାରଗୁଡ଼ିକ ପୂର୍ବରୁ ମହଜୁଦ ଅଛି, କିନ୍ତୁ ପରିବର୍ତ୍ତିତ ଉଭାବନ ଉପାଦାନ ହେତୁ ଏହାର ପୁନର୍ବିନ୍ୟାସ ଆବଶ୍ୟକ ହୋଇଥାଏ । ପରିବର୍ତ୍ତିତ ଉପାଦାନଗୁଡ଼ିକ ଉତ୍ପାଦ, ସେବା କିମ୍ବା ବିଚାରକୁ ସଂପୂର୍ଣ୍ଣ ଅଥବା ଆଂଶିକ ପରିବର୍ତ୍ତନ କରିପାରେ ।

**ଖ. ପୁନର୍ବାର ଧ୍ୟାନ:** ନୂତନତା ଉପରେ ବ୍ୟକ୍ତିବିଶେଷ/ସଂପ୍ରଦାୟର ପୁନର୍ବାର ଧ୍ୟାନ କେନ୍ଦ୍ରୀଭୂତ କରିବା ପୁନର୍ବିନ୍ୟାସ ଆବଶ୍ୟକ କରେ । ଏହି ପର୍ଯ୍ୟାୟରେ ସେମାନେ ଅଭିନବ ଉତ୍ପାଦକୁ ପୁରୁଣା ସମାନ ଉତ୍ପାଦ ସହିତ ତୁଳନା କରିବେ ଏବଂ ଭଲମନ୍ଦ ବିଷୟରେ ଆଲୋଚନା କରିବେ, ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କୁ ଉଭାବନ ଜନିତ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ ।

**ଗ. ପୁନଃ ପ୍ରଚଳନ:** ଅଭିନବ ଚିନ୍ତାଧାରାକୁ ଉଭୟ ତୀବ୍ର ଓ ବ୍ୟାପକ ଗଣମାଧ୍ୟମ ଏବଂ ପାରସ୍ପରିକ ଅଭିଯାନ ଦ୍ୱାରା ସୁଦୃଢ଼ ଭାବରେ ପ୍ରଚଳିତ କରିବାକୁ ପଡ଼ିବ ।

ଉପରୋକ୍ତ ତିନୋଟି ପର୍ଯ୍ୟାୟ ପୁନର୍ବିନ୍ୟାସ, ଜ୍ଞାନ ଓ ଆଗ୍ରହ ଉତ୍ପନ୍ନ କରି; ରୂପାନ୍ତରିତ ହେଉଥିବା ଜ୍ଞାନ ଉପରେ ପୁନର୍ବାର ଧ୍ୟାନ କେନ୍ଦ୍ରିତ କରି ସଚେତନତା ସୃଷ୍ଟି କରିଥାଏ ଏବଂ ଆଗକୁ ବି ସଚେତନତା ଓ ଜ୍ଞାନକୁ ସୁଦୃଢ଼ କରେ; ଅର୍ଥନୈତିକ, ବୈଷୟିକ ଓ ସାମାଜିକ ସଂରଚନା ଜନିତ ପ୍ରତିବନ୍ଧକ ହଟାଇଥାଏ, ସନ୍ଦେହକୁ ଦୂର କରିବାରେ ସହାୟକ ହୁଏ । ପୁନଃ ପ୍ରଚଳନ ବା ଦୃଢ଼ୀକରଣ ନିଷ୍ପତ୍ତି ନେବାରେ ଏବଂ ନୂତନତ୍ୱକୁ ଗ୍ରହଣ କରିବାରେ ସାହାଯ୍ୟ କରେ ।

ବିସ୍ତାରର ଫଳାଫଳ ପ୍ରତ୍ୟକ୍ଷ ବା ପରୋକ୍ଷ ହୋଇପାରେ । ଏହା ଲୁକ୍କାୟିତ ବା ପ୍ରକାଶିତ ହୋଇପାରେ । ଏହା କାର୍ଯ୍ୟକ୍ରମ ବା ଅକ୍ଷମ ହୋଇପାରେ । ପୂର୍ବ ଜ୍ଞାନ ସଂଚରଣ ନମୁନାଗୁଡ଼ିକ କେବଳ ବସ୍ତୁଗତ ଅଭିବୃଦ୍ଧି ଉପରେ ଧ୍ୟାନ ଦେଇଥିଲେ । କିନ୍ତୁ ଖୁବ୍ ଶୀଘ୍ର ଏହା ଅନୁଭବ ହେଲା ଯେ ଉତ୍ପାଦ, ବିଚାର ଓ ସେବାର ବିସ୍ତାର ନିମନ୍ତେ ବସ୍ତୁଗତ ଅଭିବୃଦ୍ଧି ସହିତ ସାମାଜିକ ଅଭିବୃଦ୍ଧି ବି ଅପରିହାର୍ଯ୍ୟ । ତେଣୁ ଅର୍ଥନୈତିକ, ବୈଷୟିକ ଓ ସାମାଜିକ ସମସ୍ୟାଗୁଡ଼ିକର ମୁକାବିଲା ଜ୍ଞାନ ସ୍ଥାନାନ୍ତର ନିଷ୍ପତ୍ତି ନିମନ୍ତେ ଜରୁରୀ ହୋଇ ପଡ଼ିଛି । ବିକାଶ ଯୋଗାଯୋଗ ଦୃଷ୍ଟିକୋଣରୁ, ଉଦ୍ଭାବନ ଜନିତ ସଚେତନତା ଓ ଜ୍ଞାନ ଆହରଣ ଉପରେ ଗୁରୁତ୍ୱ ଦିଆଯାଇଛି । ଏଥିପାଇଁ ମୂଳ ଉତ୍ସଠାରୁ ସମ୍ଭାବ୍ୟ ଉପଭୋକ୍ତାଙ୍କ ସହିତ, ଧନୀଠୁ ଆରମ୍ଭ କରି ଗରିବଙ୍କ ସହିତ କୌଣସି ଭେଦଭାବ ବିନା ଯୋଗାଯୋଗ କରାଯାଏ । ନୂତନତ୍ୱକୁ ଗ୍ରହଣ କରାଯାଇପାରେ ଏବଂ ତଦନୁଯାୟୀ ବ୍ୟକ୍ତିଗତ ଯୋଗାଯୋଗ ସାଧନ ଏବଂ ସାମାଜିକ ଯୋଗାଯୋଗ ସାଧନ ମାଧ୍ୟମରେ ବିକାଶ ଆସିଥାଏ ।

ଲୋକଙ୍କୁ ମନାଇବା, ଜ୍ଞାନ ସଂଚରଣ କରିବା, ବ୍ୟକ୍ତିଗତ ଅଭିବ୍ୟକ୍ତି ପାଇଁ ସୂଚନା ଯୋଗାଇବା ଦିଗରେ ଯୋଗାଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ଭାବରେ ବ୍ୟବହୃତ ହୁଏ, ଯାହା ସାମାଜିକ ଓ ରାଜନୈତିକ ପରିବର୍ତ୍ତନ ସହିତ ସମସ୍ତ କ୍ଷେତ୍ରରେ ବିକାଶ ଆଣିଥାଏ । ଏହା ଉପରେ ଗୁରୁତ୍ୱ ଦିଆଯାଇଛି ଯେ ଜ୍ଞାନ ସଂଚରଣ ନମୁନାଗୁଡ଼ିକ କ୍ରମାଗତ ଭାବରେ କ୍ଷେତ୍ରକୁ ବିକଶିତ କରୁଥିବା କାର୍ଯ୍ୟକ୍ରମ ପାଇଁ ଉପଯୁକ୍ତ ସହାୟତା ଓ ପ୍ରେରଣା ଯୋଗାଇବାରେ ଧ୍ୟାନ ଦେବେ । ବିକାଶ ପ୍ରସଙ୍ଗରେ ଯୋଗାଯୋଗ କେବଳ ସୂଚନା ଦେବା ପାଇଁ ନୁହେଁ, ବରଂ ଶିକ୍ଷିତ କରିବାକୁ ଚେଷ୍ଟା କରେ । ଏହା ମଧ୍ୟ ଲୋକଙ୍କୁ ଉତ୍ସାହିତ କରିବା ଏବଂ ଅଭିବୃଦ୍ଧି ପ୍ରକ୍ରିୟାରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ସୁରକ୍ଷିତ ରଖିବାକୁ ଚେଷ୍ଟା କରେ । ବିକାଶ ଯୋଜନାଗୁଡ଼ିକୁ ବିସ୍ତୃତ ଭାବରେ ବୁଝିବା ହେଉଛି ଜାତୀୟ ବିକାଶ ନିମନ୍ତେ ଜନ ସହଯୋଗର ଏକ ମହତ୍ୱପୂର୍ଣ୍ଣ ସୋପାନ । ପ୍ରାଥମିକତାଗୁଡ଼ିକୁ ବୁଝିବା ଏହି ଯୋଜନାଗୁଡ଼ିକୁ ପରିଚାଳିତ କରେ, ଯାହା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଦେଶର ବୃହତ୍ ଉଦ୍ଦେଶ୍ୟ ସହ ଯୋଡ଼ି ହେବା ଦିଗରେ ସକ୍ଷମ କରିଥାଏ ।

ଲୋକଙ୍କୁ ସୂଚନା ଯୋଗାଇବାକୁ ହେଲେ ଯୋଗାଯୋଗ ପଦ୍ଧତିଗୁଡ଼ିକ ସରଳ ଭାଷା ବ୍ୟବହାର କରିବା ଉଚିତ୍, ଯାହା ବୁଝି ହେଉଥିବ । ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଭାଷା ଓ ସଙ୍କେତକୁ ସାଥିରେ ଧରି, ତାହାର ସାଧାରଣ ଆବଶ୍ୟକତା ଓ ସମସ୍ୟାକୁ ବ୍ୟକ୍ତ କରି ବିକାଶ ଯୋଜନା ଘରେ ଘରେ ପହଞ୍ଚିବା ଉଚିତ୍ । ଯଦି କୌଣସି ପ୍ରତିବନ୍ଧକ ଆସେ ଏବଂ କେଉଁଠି ନା କେଉଁଠି ତ୍ରୁଟି ଦେଖିବାକୁ ମିଳେ, ଲୋକମାନେ ଏ ନେଇ ସୂଚିତ ହେବା ଜରୁରୀ, ତଦନୁଯାୟୀ ସେମାନେ ସବୁକିଛି ଠିକ୍ କରିବାକୁ ଆବଶ୍ୟକୀୟ ପଦକ୍ଷେପ ନେଇ ପାରିବେ । ସାଧାରଣ ଲୋକର କ୍ଷମତାକୁ ତୁଚ୍ଛ ମଣିବା ଏକ ତ୍ରୁଟି ଅଟେ, ସେମାନେ ଜାଣନ୍ତି ଉନ୍ନତି ପାଇଁ କ'ଣ ଭଲ ଓ ଗ୍ରହଣଯୋଗ୍ୟ । ଏ ହେଉଛି ଜ୍ଞାନ ସଂଚରଣ ନମୁନାର ଦର୍ଶନ ଯାହାକୁ ଅନେକ ବିକାଶ ଯୋଗାଯୋଗ ବିଦ୍ୱାନ ତଥା ପ୍ରଖ୍ୟାତ ଅର୍ଥନୀତିଜ୍ଞମାନେ ସମର୍ଥନ କରି ଆସିଥିଲେ ।

ଯୋଗାଯୋଗ ଦୃଷ୍ଟିକୋଣରୁ, ଏକାଧିକ ଅଂଶଗ୍ରହଣକାରୀଙ୍କ ଦ୍ୱାରା କରାଯାଇଥିବା ପ୍ରକୃତ ବିକାଶ କାର୍ଯ୍ୟ ବିଶ୍ଳେଷଣର କେନ୍ଦ୍ରବିନ୍ଦୁ ଅଟେ । ପ୍ରତ୍ୟେକ ଅଂଶଗ୍ରହଣକାରୀ ପରସ୍ପର ସହ ମିଳିତ ହୋଇ ସମନ୍ୱୟ ରଖି

କାର୍ଯ୍ୟ ହାସଲ କରିବାକୁ ଚାହାଁନ୍ତି । ଲୋକମାନଙ୍କ ସହିତ, ଅମଲାତନ୍ତ୍ରର ଅନ୍ୟାନ୍ୟ ଉପାଦାନ ସହିତ, ଏବଂ ବିକାଶ ଯୋଜନାକାରୀଙ୍କ ସହିତ ପରିବର୍ତ୍ତନ ପ୍ରତିନିଧିମାନଙ୍କର ବିଚାର-ବିମର୍ଷ ଜନିତ ଗୁଣବତ୍ତା ଓ ପରିମାଣ ବିକାଶର ଉତ୍ସାହ ଓ ବୃତ୍ତିଗତ ପ୍ରଭାବକାରିତାକୁ ଅନେକ ସମୟରେ କ୍ଷତି କରିଛି । ତେବେ ଗବେଷଣାରୁ ପ୍ରମାଣ ମିଳେ ଯେ ବୃତ୍ତିଗତ ଆତ୍ମସମ୍ମାନ, ପ୍ରେରଣା, ମନୋବଳ ଏବଂ ପରିବର୍ତ୍ତନ ପ୍ରତିନିଧିମାନଙ୍କର ପ୍ରତିବଦ୍ଧତା ଏହିପରି ପାରସ୍ପରିକ କ୍ରିୟାରୁ ଉତ୍ପନ୍ନ ହୁଏ । ବିକାଶ କାର୍ଯ୍ୟକର୍ତ୍ତାଙ୍କ ସ୍ୱୀକୃତପ୍ରାପ୍ତ କାର୍ଯ୍ୟକାରିତା ଲୋକମାନଙ୍କ ସହ ଯୋଗାଯୋଗ ଗୁଣରୁ, ସେମାନଙ୍କ ବ୍ୟକ୍ତିଗତ ଓ ବୃତ୍ତିଗତ ଦକ୍ଷତା ବୃଦ୍ଧିରୁ, ବିକାଶ ଅମଲାତନ୍ତ୍ରର ସ୍ଥିତିରୁ ଏବଂ ନିର୍ଦ୍ଦିଷ୍ଟ ବିକାଶ ପ୍ରକଳ୍ପ ପରିଚାଳନାରେ ସେମାନଙ୍କ ସଫଳତାରୁ ଉତ୍ପନ୍ନ ହୋଇଛି।
ପାରସ୍ପରିକ କ୍ରିୟା ମଧ୍ୟ ସୂଚିତ କରେ ଯେ ପରିବର୍ତ୍ତନ ପ୍ରତିନିଧିମାନେ ନିଶ୍ଚିତ ଭାବରେ ପରିବର୍ତ୍ତନଶୀଳ ବିକାଶ ପ୍ରସଙ୍ଗ ଓ ବିକାଶର ପ୍ରଭାବକୁ ଆଧାର କରି ପ୍ରଶାସନିକ ଦକ୍ଷତା ଏବଂ ମୂଲ୍ୟାଙ୍କନ ଗଣନା ଫଳକଗୁଡ଼ିକୁ ବିକଶିତ କରିବେ । ବେଳେବେଳେ ପରିବର୍ତ୍ତନ ପ୍ରତିନିଧିମାନେ ସେମାନଙ୍କର ବୃତ୍ତିଗତ ଆତ୍ମ ଅଭିବ୍ୟକ୍ତି ସୀମିତ ରହି ଯିବାର ଅନୁଭବ କରି ପାରନ୍ତି, ଏହା ସେମାନେ କର୍ମ ବ୍ୟବସ୍ଥା ଏବଂ ସ୍ଥାନୀୟ ସଂରଚନା ଉପରେ ନିର୍ଭର କରେ ।  ପରିବର୍ତ୍ତନ ପ୍ରତିନିଧିଙ୍କ ସହିତ ପାରସ୍ପରିକ କ୍ରିୟା ଆହ୍ୱାନ ସୃଷ୍ଟି କରେ: ବିକାଶ ଅମଲାତନ୍ତ୍ରକୁ ସାଂପ୍ରତିକ ବିକାଶର ଯୁକ୍ତିଯୁକ୍ତତା ଏବଂ ସାମଗ୍ରୀ ସହିତ ଅନୁରୂପ ଭାବରେ ସଂଗଠିତ କରିବା । ବିକାଶ ପ୍ରତିନିଧିଙ୍କ ସହିତ ଲୋକଙ୍କ ପାରସ୍ପରିକ କ୍ରିୟା ବିକାଶର କାର୍ଯ୍ୟକାରିତା ପାଇଁ ଆହ୍ୱାନ ନେଇଆସେ । ଏକ ନିର୍ଦ୍ଦିଷ୍ଟ ଦେଶ କେଉଁ ବିକାଶକୁ ଅନୁସରଣ କରିବ, ତାହା ଏହାର ଜାତୀୟ ନେତୃତ୍ୱ ଏବଂ ଶାସନର ଦୃଷ୍ଟିକୋଣ ଉପରେ ନିର୍ଭର କରେ । ଅନୁନ୍ନତିର କାରଣଗୁଡ଼ିକୁ କିପରି ଫଳପ୍ରଦ ଭାବରେ ପରିଚାଳନା କରିହେବ, ତାହା ଦେଶର ଯୋଜନାକାରୀଙ୍କ ବିଚକ୍ଷଣତା ଉପରେ ନିର୍ଭର କରେ । ବିକାଶ କ୍ଷେତ୍ରରେ କ'ଣ, କାହିଁକି ଓ କିପରି ଇତ୍ୟାଦି ବିକାଶ ପ୍ରତିନିଧିମାନଙ୍କର ପାରସ୍ପରିକ କାର୍ଯ୍ୟ ଉପରେ ନିର୍ଭର କରେ, ଯାହା ଆହ୍ୱାନପୂର୍ଣ୍ଣ ହୋଇଥାଏ ।
ବିକାଶଶୀଳ ସମାଜରେ ୪ଜଣ ପ୍ରତିନିଧିଙ୍କ ମଧ୍ୟରେ ପାରସ୍ପରିକ ସଂପର୍କ ଲୋକଙ୍କ ପାଇଁ ଅବାଞ୍ଛିତ ନିର୍ଭରଶୀଳତା ସୃଷ୍ଟି କରିଛି, ଯାହା ଆତ୍ମନିର୍ଭରଶୀଳ ବିକାଶକୁ ରୋକିଥାଏ । ବିକାଶ ଦଶନ୍ଧିର ଗତି ସହିତ ଲୋକମାନେ ନିଜ ସମାଜରେ ସରକାର ଓ ବେସରକାରୀ ସଂଗଠନ ଉପରେ ଅଧିକ ନିର୍ଭରଶୀଳ ହୋଇ ପାରିଛନ୍ତି, ତେଣୁ ବିକାଶ ଆଣିବା ବେସରକାରୀ ସଂଗଠନର ଚିନ୍ତା, ଦାୟିତ୍ୱ ଏବଂ କର୍ତ୍ତବ୍ୟ ଅଟେ ।
ବିକାଶ ଯୋଗାଯୋଗ ହେଉଛି ସେହି ଲୋକଙ୍କ ପାଇଁ ବିକାଶ ଆଣିବାର ଗତିଶୀଳ ପ୍ରଗତି ଯେଉଁମାନଙ୍କ ଉଦ୍ଦେଶ୍ୟରେ ଏହା ଧାର୍ଯ୍ୟ କରାଯାଇଛି । ସୂଚନା, ଶିକ୍ଷା, ସାଂସ୍କୃତିକ ଶୈଳୀ ମଧ୍ୟରେ ଯୋଗାଯୋଗ ଏବଂ ବିକାଶରେ ଅଂଶଗ୍ରହଣ ପାଇଁ ପ୍ରେରଣାକୁ ଭିତ୍ତି କରି ବିକାଶର ପରିକଳ୍ପନା ହୋଇଥାଏ।  ବିକାଶ ପ୍ରୟାସରେ ଯୋଗାଯୋଗ ଜନିତ ସଂପର୍କ, ବ୍ୟବସ୍ଥା ଓ ପ୍ରବେଶ ଆବଶ୍ୟକ ଅଟେ । ବିକାଶ ପ୍ରୟାସର ଅର୍ଥ ହେଉଛି ବିକାଶ ବିଷୟରେ ସଚେତନତା, ସାଂପ୍ରତିକ ବିକାଶ ପରିସ୍ଥିତିରେ ଅସନ୍ତୁଷ୍ଟ ହେବା, ବିକାଶ ପାଇଁ ଦାବି କରିବା ଏବଂ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିବା ଏବଂ ବିକାଶ ହାସଲ କରିବା ।

ବିବିଧ ବିକାଶ ଯୋଗାଯୋଗ ବିସ୍ତାର, ପ୍ରସାର, ଗଣମାଧ୍ୟମ, ବିକାଶକୁ ସମର୍ଥନ କରୁଥିବା ଯୋଗାଯୋଗ ଏବଂ ଯୋଜନାବଦ୍ଧ କୌଶଳ ଉପରେ ଧ୍ୟାନ ଦେଇଥାଏ । ଏହିସବୁ ପଦ୍ଧତି ପ୍ରଭାବଶାଳୀ ଯୋଗାଯୋଗ କୌଶଳକୁ ବିକଶିତ କରି ବିକାଶମୂଳକ ପ୍ରକଳ୍ପ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ । ଦକ୍ଷ ଯୋଗାଯୋଗ କୌଶଳର ବିକାଶ ପାଇଁ କିଛି ନିର୍ଦ୍ଦିଷ୍ଟ କାର୍ଯ୍ୟଧାରା ଅଛି । ଆହୁରି ଅନେକ କିଛି ଥାଇପାରେ, ଯାହାକୁ ପ୍ରକଳ୍ପର ଯୋଗାଯୋଗ ପରିବେଶ ଅନୁଯାୟୀ ମିଶାଯାଇପାରିବ ।

## ୩.୬: ଆସ ପ୍ରଗତି ମାପିବା

୧. ବିକାଶ ଯୋଗାଯୋଗର ପରିକଳ୍ପନା କିପରି କରାଯାଇଛି ?

------------------------------------------------------------

------------------------------------------------------------

------------------------------

୨. ବିକାଶ ପ୍ରୟାସକୁ ବ୍ୟାଖ୍ୟା କରନ୍ତୁ ।

------------------------------------------------------------

------------------------------------------------------------

------------------------------

୩. ଗ୍ରାମୀଣ ବିକାଶ ଦିଗରେ ବେସରକାରୀ ସଂଗଠନଗୁଡ଼ିକର ଭୂମିକା ଉପରେ ଏକ ଟିପ୍ପଣୀ ଲେଖନ୍ତୁ ।

------------------------------------------------------------

------------------------------------------------------------

------------------------------

୪. ବିକାଶ ଯୋଗାଯୋଗ ପଦ୍ଧତି ଉପରେ ଆଲୋଚନା କରନ୍ତୁ ।

------------------------------------------------------------

------------------------------------------------------------

------------------------------

## ୟୁନିଟ୍- ୪: ଭାରତରେ ବିକାଶର ପ୍ରକ୍ରିୟା

୪.୦: ବିଷୟର ଗଠନ
୪.୧: ପଠନର ଉଦ୍ଦେଶ୍ୟ
୪.୨: ଭାରତରେ ବିକାଶର ପ୍ରକ୍ରିୟା: ସ୍ୱାଧୀନତାର ପୂର୍ବ ଓ ପରବର୍ତ୍ତୀ ଯୁଗ
୪.୨.୧: ଭାରତରେ ଗ୍ରାମୀଣ ବିକାଶ - ପ୍ରାକ୍-ସ୍ୱାଧୀନତା ଯୁଗ
୪.୨.୨: ସ୍ୱାଧୀନତା ପରବର୍ତ୍ତୀ ଯୁଗରେ ବିକାଶ
୪.୩: ବିକାଶର ପଞ୍ଚ ବାର୍ଷିକୀ ଯୋଜନା
୪.୩.୧: ସ୍ୱାଧୀନତା ପରେ ଭାରତୀୟ ଅର୍ଥନୀତି
୪.୩.୨: ପଞ୍ଚବାର୍ଷିକ ଯୋଜନା
୪.୩.୩: ପଞ୍ଚବାର୍ଷିକ ଯୋଜନାର ଲକ୍ଷ୍ୟ
୪.୪: ନୀତି ଆୟୋଗ
୪.୪.୧: ନୀତି ଆୟୋଗର କାର୍ଯ୍ୟକାରିତା
୪.୫: ଆସ ପ୍ରଗତି ମାପିବା

### ୪.୧: ପଠନର ଉଦ୍ଦେଶ୍ୟ

ଏହି ୟୁନିଟ୍ ଧ୍ୟାନ ଦେଇଥାଏ-

ଏହି ୟୁନିଟ୍ ବର୍ଣ୍ଣନା କରେ

୧. ସ୍ୱାଧୀନତା ପୂର୍ବ ଓ ପରବର୍ତ୍ତୀ ଯୁଗରେ ଭାରତରେ ବିକାଶର ପ୍ରକ୍ରିୟା

୨. ବିକାଶ ପ୍ରକ୍ରିୟାର ଅଂଶ ଭାବରେ ସରକାରଙ୍କ ପଞ୍ଚବାର୍ଷିକୀ ଯୋଜନା ଓ ତାହାର ଫଳାଫଳ ସଂପର୍କରେ ଏହା ଆଲୋଚନା କରେ

୩. ଏହି ୟୁନିଟ୍ ମଧ୍ୟ ନୀତି ଆୟୋଗ ବିଷୟରେ କୁହେ, ଯାହା ପଞ୍ଚବାର୍ଷିକୀ ଯୋଜନାରେ ମୁଖ୍ୟ କାରକ ରହିଥିଲା

### ୪.୨: ଭାରତରେ ବିକାଶର ପ୍ରକ୍ରିୟା: ସ୍ୱାଧୀନତାର ପୂର୍ବ ଓ ପରବର୍ତ୍ତୀ ଯୁଗ

#### ୪.୨.୧: ଭାରତରେ ଗ୍ରାମୀଣ ବିକାଶ - ପ୍ରାକ୍-ସ୍ୱାଧୀନତା ଯୁଗ

ସପ୍ତଦଶ ଶତାବ୍ଦୀରୁ ଗ୍ରାମୀଣ ବିକାଶର ଆରମ୍ଭ । କିଛି ସ୍ୱେଚ୍ଛାସେବୀ ସଂଗଠନ ଏହାକୁ ଆରମ୍ଭ କରିଥିଲେ, ଯିଏ ସମାଜ ଓ ମାନବ ଜାତିକୁ ସାହାଯ୍ୟ କରିବାକୁ ଚାହୁଁଥିଲେ ଏବଂ ସେହି ସମୟରେ ଏମିତି ଅନେକ ସ୍ୱେଚ୍ଛାକୃତ ଉଦ୍ୟମ କରାଯାଇଥିଲା । ଇଂଲଣ୍ଡରୁ ଆସିଥିବା ଧାର୍ମିକ ସମାଜ 'କ୍ୱାକର' ହେଉଛି ଅନ୍ୟତମ ଶ୍ରେଷ୍ଠ ଉଦାହରଣ, ଯାହା ସ୍ୱେଚ୍ଛାକୃତ ଭାବରେ ମାନବ ଜାତିର ସେବା କରିଥିଲା । ପରବର୍ତ୍ତୀ ସମୟରେ ଏହା ମଧ୍ୟ ବିଶ୍ୱର ଅନ୍ୟାନ୍ୟ ପ୍ରାନ୍ତକୁ ବ୍ୟାପି ଯାଇଛି । ମାନବ ଜାତିକୁ ସେବା ଯୋଗାଇବା ଲକ୍ଷ୍ୟରେ କୌଣସି ଜାତି, ଧର୍ମ ବା ଅଞ୍ଚଳ (କାହାର ଜନ୍ମସ୍ଥାନ)କୁ ଗୁରୁତ୍ୱ ନଦେଇ ଏହା କାର୍ଯ୍ୟ କରିଥିଲା ।

କ୍ୱାକର ଆନ୍ଦୋଳନ ବିଶ୍ୱାସ କରୁଥିଲା ଯେ ମାନବ ହେଉଛି ଦେବତାଙ୍କ ମନ୍ଦିର । ସମସ୍ତ ମଣିଷଙ୍କୁ ଅସୀମ ସମ୍ମାନର ସହ ବ୍ୟବହାର କରିବା ଉପରେ ସେମାନେ ଧ୍ୟାନ ଦେଇଥିଲେ । କ୍ୱାକର ଆନ୍ଦୋଳନର ଉଦ୍ଦେଶ୍ୟ ଥିଲା ସ୍ୱାର୍ଥବିହୀନ ସେବା ଏବଂ ମାନବିକତା ସହିତ ସେମାନେ ମାନବ ଜାତିର ସେବା କରିଥିଲେ । ବିଶ୍ୱର ସବୁ ସ୍ଥାନରେ ଅନ୍ତର୍ଜାତୀୟ ଗୋଷ୍ଠୀ ସହିତ କ୍ୱାକର ଉପସ୍ଥିତ ଥିଲେ । ଏହି ଗୋଷ୍ଠୀଗୁଡ଼ିକ ସକ୍ରିୟ ଭାବରେ ପ୍ରାକୃତିକ ବିପର୍ଯ୍ୟୟ ତଥା ଭୂମିକମ୍ପ, ଭୂସ୍ଖଳନ, ଦୁର୍ଭିକ୍ଷ, ମରୁଡ଼ି ପ୍ରପୀଡ଼ିତ ଲୋକମାନଙ୍କୁ ସାହାଯ୍ୟ କରୁଥିଲେ।

ଭାରତରେ ବି କ୍ୱାକର ନିଜର ସେବା ବିସ୍ତାର କରିଥିଲେ । ୧୮୮୬ ମସିହାରେ ଭାରତରେ ଏହାକୁ ଆରମ୍ଭ କଲେ ଇଂଲଣ୍ଡ ଅଧିବାସୀ ରଚେଲ୍ ମେଟ୍‌କାଲ୍ଫ । ଯେତେବେଳେ ସେ ଭାରତ ଆସିଲେ, ତାଙ୍କ ପାଖରେ ସ୍ୱଳ୍ପ ସମ୍ବଳ ଥିଲା । ଭାରତ ଆସିବା ସମୟରେ ସାମାଜିକ ପୁନର୍ନିର୍ମାଣର କୌଣସି ଯୋଜନା ସେ କରି ନଥିଲେ ଏବଂ ଏହା କରିବା ପାଇଁ କୌଣସି ବ୍ୟବସ୍ଥା ମଧ୍ୟ ନଥିଲା । ଏହାପରେ ଭାରତ ଅନେକ କ୍ୱାକର ଆନ୍ଦୋଳନକାରୀଙ୍କୁ ଦେଖିଛି ଯିଏ ସମାଜକୁ ବିକଶିତ କରିବା କାର୍ଯ୍ୟରେ ଭାଗ ନେଇଥିଲେ । ଯଦିଓ ସେମାନେ ସାମାଜିକ ପୁନର୍ନିର୍ମାଣର ଉଚ୍ଚ ଅଭିଳାଷ ରଖିଥିଲେ ଏବଂ ସମାଜର କଲ୍ୟାଣ ଦିଗରେ କାର୍ଯ୍ୟ କରିଥିଲେ, ଦୁର୍ଭାଗ୍ୟବଶତଃ ସେତେବେଳେ ଦୁର୍ଭିକ୍ଷ ବଢ଼ି ଚାଲିଲା। ଏମିତି ପରିସ୍ଥିତିରେ କ୍ୱାକର ଆନ୍ଦୋଳନର ଏହି ସଦସ୍ୟମାନଙ୍କୁ କେବଳ ରିଲିଫ୍ କର୍ମୀ ଭାବରେ ଲୋକମାନେ ବିଚାର କଲେ ।

କ୍ୱାକର ଆନ୍ଦୋଳନର ବାସ୍ତବ କାର୍ଯ୍ୟ ବିଂଶ ଶତାବ୍ଦୀରେ ଅନୁଭୂତ ଓ ସ୍ୱୀକୃତ ହେଲା, ଯେତେବେଳେ ହୋସଙ୍ଗାବାଦରେ ରସୁଲିଆ ପ୍ରଶିକ୍ଷଣ କର୍ମଶାଳା ପ୍ରତିଷ୍ଠା ପାଇଲା । ଭାରତରେ ଗ୍ରାମ ପୁନର୍ନିର୍ମାଣ ଇତିହାସର ଆରମ୍ଭ ରୂପରେ ଏହାକୁ ବିବେଚନା କରାଗଲା । ହୋସଙ୍ଗାବାଦରେ ହୋଇଥିବା ଏହି ଗ୍ରାମ ପୁନର୍ନିର୍ମାଣ କାର୍ଯ୍ୟକ୍ରମରେ ଗ୍ରାମବାସୀମାନଙ୍କୁ ଆସବାବପତ୍ର ବନାଇବା ଉପରେ ପ୍ରଶିକ୍ଷଣ ଦିଆଗଲା ଏବଂ ତାହା ପାଖାପାଖି ଅଞ୍ଚଳ ଓ ସ୍ଥାନୀୟ ବଜାରରେ ବିକ୍ରି ହେଲା । ଆସବାବପତ୍ରର ଗୁଣବତ୍ତା ଅତି ଉତ୍ତମ ଥିଲା ଆଉ ଏଥି ମଧ୍ୟରୁ ଅନେକ ଆସବାବପତ୍ର ଆଜି ବି ହୋସଙ୍ଗାବାଦ ଜିଲ୍ଲାପାଳ କାର୍ଯ୍ୟାଳୟ ଏବଂ ରେଳ ଷ୍ଟେସନରେ ଦେଖିବାକୁ ମିଳେ ।  ସବୁକିଛି ଠିକ୍ ରହିଥିବା ବେଳେ ରସୁଲିଆ କର୍ମଶାଳା ହଠାତ୍ ବନ୍ଦ ହୋଇଗଲା, ଯେହେତୁ ଅଧିକାଂଶ ସଦସ୍ୟ ସ୍ଥାନ ଛାଡ଼ି ପଳାଇଲେ । ମୁଖ୍ୟ ସମସ୍ୟା ଥିଲେ ଲାକି ଓ ମାକୋରିଆ ଗ୍ରାମର ଅଧିବାସୀ। କ୍ୱାକର ସଦସ୍ୟମାନେ ଜଙ୍ଗଲ ଖୋଲି ଉଭୟ ଗ୍ରାମକୁ ସ୍ଥାପନ କରିଥିଲେ । ତେଣୁ ଅଧିବାସୀମାନଙ୍କୁ ଥଇଥାନ କରିବାର ସମସ୍ୟା ଉପୁଜିଲା, ଯାହା ସହିତ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ ବି ବନ୍ଦ ହୋଇଗଲା ।

୧୯୩୨ ମସିହାରେ ହିଲଦା କସମୋରେ ଭାରତ ଆସିବା ସହିତ ଗ୍ରାମୀଣ ବିକାଶର ଏକ ନୂଆ ଯୁଗ ଆରମ୍ଭ ହେଲା । ଗ୍ରାମୀଣ ବିକାଶ କ୍ଷେତ୍ରରେ ଗଭୀର ଜ୍ଞାନ ରଖିଥିବା ହିଲଦା ଭାରତରେ ଏକ କ୍ୱାକର ଆଶ୍ରମ ପ୍ରତିଷ୍ଠା କରିବାକୁ ଚାହିଁଥିଲେ । ସେତେବେଳେ ଚାଲୁ ରହିଥିବା ବିଶ୍ୱବିଦ୍ୟାଳୟ ବୁଝାମଣା ଯୋଜନାରେ ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟରେ ଜଣେ ଓ୍ୱାର୍ଡନ୍ ଭାବରେ ସେ କର୍ମ ଅଭିଜ୍ଞତା ହାସଲ କରିଥିଲେ । ଏହାକୁ ବାଦ୍ ଦେଲେ ପୋଲାଣ୍ଡ ଓ ଫ୍ରାନ୍ସରେ ଜଣେ କ୍ୱାକର ରିଲିଫ୍ କର୍ମୀ ଭାବରେ ସେ କାମ କରିଥିଲେ ।

ନିଜର ଅଭିଜ୍ଞତାକୁ ଭାରତରେ ବି ସେ ବ୍ୟବହାର କଲେ ଏବଂ ଗ୍ରାମୀଣ ବିକାଶ ଯୋଜନା ଆରମ୍ଭ କରିଥିଲେ। କ୍ୱାକର ଆଶ୍ରମ ପ୍ରତିଷ୍ଠା କରିବା ଥିଲା ତାଙ୍କର ପ୍ରଥମ ଯୋଜନା । ସେ ଅନୁଭବ କଲେ ଆଶ୍ରମ ଏପରି ଏକ ସ୍ଥାନ ହେବା ଉଚିତ୍ ଯେଉଁଠି ଜ୍ଞାନ ଓ ବିଚାରର ଆଦାନ-ପ୍ରଦାନ ହୋଇପାରିବ, ଯାହା ଫଳରେ ଉଭୟ ଭାରତୀୟ ଏବଂ ଇଂରେଜମାନେ ଲାଭବାନ ହେବେ । ବିଶ୍ୱର ଅନ୍ୟାନ୍ୟ ପ୍ରାନ୍ତର ଲୋକମାନଙ୍କୁ ବି ଆଶ୍ରମକୁ ସ୍ୱାଗତ କରାଯାଇଥିଲା ।

ଆଶ୍ରମ ଗଢ଼ିବା ପଛରେ ଉଦ୍ଦେଶ୍ୟ ଥିଲା ଗ୍ରାମବାସୀମାନଙ୍କୁ ଅନେକ ସେବା ଯୋଗାଇ ଦେବା ଏବଂ ତା' ସହିତ ଏକ ଉତ୍ତମ ଜୀବନ ବିତାଇବା ଦିଗରେ ପ୍ରଶିକ୍ଷଣ ଦେବା । ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏପରି ସଂଯୋଜିତ ହୋଇଥିଲା ଯେ ଉଭୟ ଯୁବ ଓ ବୃଦ୍ଧ ବୟସର ବ୍ୟକ୍ତି କୌଶଳକୁ ଶିଖି ପାରିବେ ଏବଂ ନିଜର ସାମଗ୍ରୀ ଉତ୍ପାଦନ କରିବାରେ ସକ୍ଷମ ହେବେ । ସେମାନଙ୍କୁ ଉଭୟ ଶାରୀରିକ ଓ ମାନସିକ ତାଲିମ ଦିଆଯାଉଥିଲା । ଆଶ୍ରମର ଦୃଷ୍ଟିକୋଣ ଥିଲା ଅନ୍ତର୍ଜାତୀୟ ସହଯୋଗ ଓ ସଦିଚ୍ଛାର ସ୍ଥାନ ରୂପରେ ବିକଶିତ ହେବା । ଗ୍ରାମୀଣ ବିକାଶ ଏବଂ ସହାୟତାର ପ୍ରଥମ ପ୍ରୟାସ ୧୮୮୫ ମସିହାରେ ଭାରତର ବରୋଦାଠାରେ ଆରମ୍ଭ ହୋଇଥିଲା । ଖୁବ୍ ଶୀଘ୍ର ଏହା କାର୍ଯ୍ୟକାରୀ ହେଲା ଏବଂ ଭଲ ପ୍ରଦର୍ଶନ କଲା । ଧୀରେ ଧୀରେ ଭାରତ ବ୍ରିଟିଶ ଶାସନ ଅଧୀନକୁ ଚାଲିଯାଇଥିଲେ ବି ଆଶ୍ରମ କାର୍ଯ୍ୟକ୍ଷମ ରହିଥିଲା ।

ପରବର୍ତ୍ତୀ ସମୟରେ ୧୯୨୨ ମସିହାରେ, ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କ ଦ୍ୱାରା ବରୋଦାରେ ଗଢ଼ି ଉଠିଲା ସ୍ୱରାଜ ଆଶ୍ରମ । ଏହା ଥିଲା ସ୍ୱାଧୀନତା ସଂଗ୍ରାମର ସମୟ, ଗାନ୍ଧୀ ଚାହିଁଥିଲେ ଭାରତୀୟମାନେ ଏକାଠି ହୋଇ ଅହିଂସାକୁ ପ୍ରୟୋଗ କରି, ନିଜର ସ୍ୱାଧୀନତା ପାଇଁ ଲଢ଼ନ୍ତୁ । ଏହି ସମୟରେ ଭାରତୀୟ ଜାତୀୟ କଂଗ୍ରେସ ବିଭିନ୍ନ ସ୍ୱାଧୀନତା ଆନ୍ଦୋଳନ ଆରମ୍ଭ କଲା; ଯେମିତିକି ନାଗରିକ ଅବମାନନା ଆନ୍ଦୋଳନ ଏବଂ ଅସହଯୋଗ ଆନ୍ଦୋଳନ । ଆଶ୍ରମର ଲକ୍ଷ୍ୟ ଥିଲା ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଆନ୍ଦୋଳନ ପାଇଁ ଲୋକମାନଙ୍କୁ ପ୍ରସ୍ତୁତ କରିବା । ନାଗରିକ ଅବମାନନା ଆନ୍ଦୋଳନ ଗତିଶୀଳ ହେବାରେ ଲାଗିଲା, ସେତେବେଳେ ଅସହଯୋଗ ଅସହଯୋଗ ସଂକଳ୍ପ ଆରମ୍ଭ ହୋଇ ସାରିଥିଲା । ୧୯୨୦ ମସିହା ସେପ୍ଟେମ୍ବର ମାସରେ କଲିକତା ସହରରେ, ଲାଲା ଲଜପତ ରାୟଙ୍କ ଦକ୍ଷ ନେତୃତ୍ୱ ସହିତ ଅସହଯୋଗ ଆନ୍ଦୋଳନ ମୁଣ୍ଡ ଟେକିଲା ଏବଂ ଅନେକ ସଂକଳ୍ପ ସହିତ ଆଗେଇ ଚାଲିଲା । ଦୁଇଟି ସବୁଠୁ ମହତ୍ୱପୂର୍ଣ୍ଣ ସଂକଳ୍ପ ଏପରି ଥିଲା ଯାହା ସ୍ୱାଧୀନତା ସଂଗ୍ରାମରେ ଇନ୍ଧନ ପରି କାମ କଲା ।

ପ୍ରଥମେ ବିଦେଶୀ ଦ୍ରବ୍ୟକୁ ବର୍ଜନ କରାଗଲା । ସମସ୍ତ ଜିନିଷ ଯାହା ଭାରତରେ ତିଆରି ନ ହେଲେ ବି କିଣାବିକା କରାଯାଉଥିଲା, ତାହାକୁ ପ୍ରତ୍ୟେକ ଭାରତୀୟ ସଂପୂର୍ଣ୍ଣ ଭାବରେ ପରିତ୍ୟାଗ କରିଥିଲେ । ସ୍ୱଦେଶୀ ଦ୍ରବ୍ୟ ଓ ସାମଗ୍ରୀ ଉପରେ ଅଧିକ ଗୁରୁତ୍ୱ ଦିଆଗଲା । ଗାନ୍ଧୀ ମଧ୍ୟ ଖଦି କପଡ଼ା ଉତ୍ପାଦନ ଉପରେ ଅଧିକ ଧ୍ୟାନ ଦେଇଥିଲେ । କେବଳ ଖଦି ପୋଷାକ ପିନ୍ଧିବାର ବିଚାର ଏବଂ ଘରେ ଘରେ ଖଦି ବୁଣିବା ପାଇଁ ଉତ୍ସାହିତ କରିବା ମଧ୍ୟ ଗାନ୍ଧୀଙ୍କ ଗ୍ରାମୀଣ ବିକାଶର ଏକ ଅଂଶ ଥିଲା । ସେ ଅନୁଭବ କଲେ ଯେ, କେବଳ ବିଦେଶୀ ଦ୍ରବ୍ୟକୁ ବର୍ଜନ କରିବା ବ୍ରିଟିଶ ଶାସନରେ ପରିବର୍ତ୍ତନ ଆଣିବନି ।

ଗାନ୍ଧୀ ଇଚ୍ଛାକରୁଥିଲେ ଭାରତୀୟମାନେ ନିଜ ଉପରେ ବିଶ୍ୱାସ ରଖିଲେ କାହା ଉପରେ ନିର୍ଭର ନକରି ସେମାନେ ଆତ୍ମନିର୍ଭରଶୀଳ ହୋଇପାରିବେ । ତେଣୁ ପ୍ରତ୍ୟେକ ଘରେ ଖଦି ବୁଣିବା ନେଇ ସେ ଜୋର୍ ଦେଇଥିଲେ, ଯାହା ଆତ୍ମ ବିଶ୍ୱାସ ଏବଂ ଆତ୍ମନିର୍ଭରଶୀଳତାର ପ୍ରତୀକ ଅଟେ । ଗାନ୍ଧୀ ବିଶ୍ୱାସ କରୁଥିଲେ ଯେ ଏହି ପରିବର୍ତ୍ତନ ଏକ ସକାରାତ୍ମକ ପ୍ରଭାବ ଆଣିବ ଏବଂ ଗ୍ରାମୀଣ ବିକାଶ ଦିଗରେ ଏକ ବଡ଼ ପଦକ୍ଷେପ ହୋଇପାରିବ ।

ଏହି ସମୟରେ ଆଦିବାସୀଙ୍କ ମଧ୍ୟରେ ବି ସଂସ୍କାର ଆସିଲା, ସେମାନେ କୃଷି କ୍ଷେତ୍ରରେ ସ୍ୱଳ୍ପ ବେତନରେ କାମ ନକରି ବ୍ରିଟିଶ ସରକାର ବିରୁଦ୍ଧରେ ବିଦ୍ରୋହ କରିଥିଲେ । ଭାରତରେ ସଂସ୍କାର ଆନ୍ଦୋଳନ ୧୯୧୫ରୁ ୧୯୨୦ ମସିହା ପର୍ଯ୍ୟ୍ୟନ୍ତ ଚାଲୁ ରହିଲା, ସେତେବେଳେ ବ୍ରିଟିଶ ସରକାର ଆର୍ଥିକ ଭାବରେ ବହୁ କ୍ଷତି ସହିଲେ । ସଂସ୍କାରର ଏହି ସମୟରେ ଠିକାଦାରଙ୍କ ଦ୍ୱାରା ମଦବିକ୍ରି ମଧ୍ୟ କମିଗଲା, ଯାହା ବ୍ରିଟିଶ ରାଜସ୍ୱକୁ ଆହୁରି କମାଇ ଦେଲା । ୧୯୩୦ ଦଶକରେ ଅନେକ ପୁନର୍ନିର୍ମାଣ କେନ୍ଦ୍ର ଗଢ଼ି ଉଠିଲା ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ପର୍ଯ୍ୟନ୍ତ ଉତ୍ତମ ଭାବରେ କାର୍ଯ୍ୟ କରୁଥିଲା । ସଂସ୍କାର ସମୟରେ ବିକାଶ ଯେତେବେଳେ ଚରମ ସୋପାନରେ ପହଞ୍ଚିଲା, ୧୯୩୯ର ଦ୍ୱିତୀୟ ବିଶ୍ୱଯୁଦ୍ଧ ପୁନର୍ନିର୍ମାଣ କେନ୍ଦ୍ରର ସମସ୍ତ ପ୍ରଗତି ଓ ସଫଳତାକୁ ବନ୍ଦ କରିଦେଲା ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ, ୧୯୩୯ ମସିହାରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଆନ୍ଦୋଳନ ଥିଲା 'ଅଧିକ ଖାଦ୍ୟ ଉତ୍ପାଦନ କର' । କୃଷି ପଦ୍ଧତିରେ ସୁଧାର ଆଣି ଉତ୍ତମ ମାନର ଖାଦ୍ୟ ପଦାର୍ଥ ଉତ୍ପାଦନ କରିବା ଉପରେ କାର୍ଯ୍ୟକ୍ରମ ଧ୍ୟାନ ଦେଇଥିଲା, ଯାହା ସ୍ୱଳ୍ପ ମିଆଦୀ ଓ ଦୀର୍ଘ ମିଆଦୀ ପ୍ରଭାବ ଅନୁଭୂତ କରାଇ ପାରିବ । ଏହା ସହିତ ଆହୁରି ଅନେକ ପ୍ରକଳ୍ପ ବି ରହିଥିଲା ଯାହା ସରକାରଙ୍କ ବିକାଶ କାର୍ଯ୍ୟକ୍ରମ ରୂପରେ କିଛି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଦେଖିବାକୁ ମିଳିଲା ।

୧୯୪୫ ମସିହାରେ ବିକାଶ ଦିଗରେ ପରବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କିଷାନ ସଭା ଦ୍ୱାରା ଗ୍ରହଣ କରାଗଲା। ଦକ୍ଷତାର ସହିତ ଏହାର ନେତୃତ୍ୱ ନେଇଥିଲେ ଶ୍ରୀମତୀ ଗୋଦାବରୀ ପାରୁଲେକର । ଭୂମି ସୁରକ୍ଷା ଓ ମାନବ ସମ୍ମାନ ଉପରେ ଏହା ଗୁରୁତ୍ୱ ଦେଇଥିଲା । ଏହି ସଭା ଅଧୀନରେ ଶୋଷଣ କରୁଥିବା ଜମିଦାର, ଋଣ ଦେଉଥିବା ଦଲାଲ ଓ ଠିକାଦାରଙ୍କ ବିରୁଦ୍ଧରେ ଆଦିବାସୀମାନେ ସ୍ଲୋଗାନ ଦେଇଥିଲେ ।

ଲୋକମାନେ ବୁଝି ପାରିଥିଲେ ସେମାନଙ୍କୁ ଶୋଷଣ କରାଯାଉଛି ଏବଂ ସରକାରଙ୍କୁ ଅନୁଭବ କରାଇଲେ ଯେ- ସେମାନେ ଶୋଷଣର ଶିକାର ହେଉଛନ୍ତି ଏବଂ ଆଉ ଥରେ ଏପରି ହେବା ସେମାନେ ଚାହାଁନ୍ତି ନାହିଁ । ଏହି ବିପ୍ଳବ ଓ ସଂସ୍କାରର ଫଳ ସ୍ୱରୂପ, ୧୯୪୦ର ମଧ୍ୟ ଭାଗରେ ସର୍ବନିମ୍ନ ମଜୁରୀ ଆଇନ ଲାଗୁ କରାଗଲା । ଜମିଦାର, ବୃକ୍ଷରୋପଣ ମାଲିକ ଏବଂ ଜଙ୍ଗଲ ଠିକାଦାରଙ୍କ ପାଇଁ କାମ କରୁଥିବା ଆଦିବାସୀଙ୍କ ଜୀବିକା କିପରି ସୁରକ୍ଷିତ ରହିବ, ତାହାକୁ ଏହା ସୁନିଶ୍ଚିତ କରିଥିଲା । ସ୍ୱାଧୀନତା ପରେ ଜଙ୍ଗଲ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ସହଯୋଗୀ ଶ୍ରମ ଚୁକ୍ତିନାମା ସମାଜ ଗଠନ ପାଇଁ ମଧ୍ୟ ସରକାର ଉତ୍ସାହିତ କରିଥିଲେ ।

ପ୍ରାକ୍ ସ୍ୱାଧୀନତା ଯୁଗରେ ସଂଘଟିତ ହୋଇଥିବା ଘଟଣାବଳୀ ଉପରେ ଦୃଷ୍ଟି ପକାଇଲେ, ଆମେ ଜାଣିପାରିବା ଯେ ବିକାଶ କେବଳ ଦେଶର କିଛି ନିର୍ଦ୍ଦିଷ୍ଟ ଅଂଶରେ ଥିବା ଅଳ୍ପ କେତୋଟି କେନ୍ଦ୍ରସ୍ଥଳୀରେ ଦେଖିବାକୁ ମିଳିଛି। ଏହିସବୁ କେନ୍ଦ୍ରସ୍ଥଳୀ ପ୍ରଯୁକ୍ତିକୁ ସର୍ବାଧିକ ବ୍ୟବହାର କରିବା ଦିଗରେ ଉଦ୍ୟମ ଚଳାଇ ଥିଲେ, ଲୋକଙ୍କ ଜୀବନକୁ ବିକଶିତ କରିବା ଏବଂ ସମାଜର ଅଗ୍ରଗତି ନିମନ୍ତେ କାର୍ଯ୍ୟ କରିଥିଲେ । ସେମାନେ କେବଳ ଗ୍ରାମୀଣ ସଂପ୍ରଦାୟ ଉପରେ ଧ୍ୟାନ ଦେଇଥିଲେ ଏବଂ ସେମାନଙ୍କ ଜୀବନକୁ ଆଧାର କରି କର୍ମପଥରେ ଆଗେଇ ଚାଲିଲେ । କେନ୍ଦ୍ରଗୁଡ଼ିକ ବେଶ୍ ସଫଳ ରହିଲା ଏବଂ ବିଂଶ ଶତାବ୍ଦୀ ଶେଷ ସୁଦ୍ଧା ଦେଶବ୍ୟାପୀ ଏହାର ଶାଖାମାନ ଗଢ଼ି ଉଠିଲା । ସାଂପ୍ରଦାୟିକ ବିକାଶକୁ ଆଦର୍ଶ ଭାବରେ ଗ୍ରହଣ କରି ପ୍ରତିବଦ୍ଧତା ସହିତ ଏହିସବୁ କେନ୍ଦ୍ର କାର୍ଯ୍ୟ କରିଥିଲେ ।  ବିକାଶର ଏହି କେନ୍ଦ୍ରଗୁଡ଼ିକ କେବଳ ସରକାରଙ୍କ ପଦକ୍ଷେପ ନଥିଲା, ବରଂ ଅନେକ ଘରୋଇ ସଂଗଠନ ଏବଂ ଭିନ୍ନ ଭିନ୍ନ ବ୍ୟକ୍ତି ଏ ପଦକ୍ଷେପକୁ ଗ୍ରହଣ କରିଥିଲେ । ଖ୍ରୀଷ୍ଟିଆନ୍ ମିସନାରୀମାନେ ବି କେନ୍ଦ୍ର ଗଠନ କରିବା ଦିଗରେ ଆଗେଇ ଆସିଲେ । ଗାନ୍ଧୀଙ୍କ ଅନୁଗାମୀ ଏବଂ ଆହୁରି ଅନେକ ସ୍ୱାଧୀନ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ବିକାଶ କେନ୍ଦ୍ର ପାଇଁ କାର୍ଯ୍ୟ କରିଥିଲେ ।

### ୪.୨.୨: ସ୍ୱାଧୀନତା ପରବର୍ତ୍ତୀ ଯୁଗରେ ବିକାଶ

ସ୍ୱାଧୀନତା ପରେ ପ୍ରଥମ ପ୍ରାୟୋଗିକ ପରିଯୋଜନା ମାହେୱ୍ୱା ଗ୍ରାମ ଏବଂ ଏହାର ଆଖପାଖରେ ଆରମ୍ଭ ହୋଇଥିଲା । ଇଟାୱ୍ୱା ଜିଲ୍ଲାରେ ଥିବା ମାହେୱ୍ୱା ଚାରି ପାଖରେ ୬୪ଟି ଗ୍ରାମ ରହିଛି । 'ଅଧିକ ଖାଦ୍ୟ ଉତ୍ପାଦନ କର' ଅଭିଯାନ ପୁନର୍ବାର ୧୯୪୯ ମସିହାରେ ଆରମ୍ଭ ହେଲା, ଉଦ୍ଦେଶ୍ୟ ଥିଲା ଖାଦ୍ୟ ଶସ୍ୟ ସହିତ ଆତ୍ମନିର୍ଭରଶୀଳ ହେବା, ଖାଦ୍ୟର ମୌଳିକ ଆବଶ୍ୟକତା ପୂରଣ କରିବାକୁ ଯାଇ କୌଣସି ଅନ୍ୟ ଦେଶ ଏମିତିକି ପଡ଼ୋଶୀ ରାଜ୍ୟଗୁଡ଼ିକ ଉପରେ ବି ନିର୍ଭର କରିବାନି । ୧୯୫୨ ମସିହାରେ ଏହି ସଫଳତା ପାଇବାକୁ ଲକ୍ଷ୍ୟ ଧାର୍ଯ୍ୟ ହେଲା । ପୁନର୍ବାର ୧୯୪୨ ମସିହାରେ ବିନୋବା ଭାବେଙ୍କ ନେତୃତ୍ୱରେ 'ଭୂଦାନ ଆନ୍ଦୋଳନ' ଆରମ୍ଭ ହେଲା । ଏହା ଗାନ୍ଧୀବାଦୀ ଆଦର୍ଶ, ଅହିଂସା ଏବଂ ଗ୍ରାମୀଣ ବିକାଶ ଉପରେ ଆଧାରିତ। ଯାହାର ଲକ୍ଷ୍ୟ ରହିଥିଲା ଦାନ ସୂତ୍ରରେ ଜମିଦାରଙ୍କ ନିକଟରୁ ଭୂମି ଲାଭ କରିବା ଏବଂ ତାହାକୁ ସ୍ୱେଚ୍ଛାକୃତ ଭାବରେ ଭୂମିହୀନ ଚାଷୀଙ୍କୁ ପ୍ରଦାନ କରିବା ।

ସମାନ ସମୟରେ ଏହି ଆନ୍ଦୋଳନ ସହ ସାମଞ୍ଜସ୍ୟ ରଖୁଥିବା ଅନ୍ୟତମ ଆନ୍ଦୋଳନ ଥିଲା 'ଗ୍ରାମଦାନ', ଯାହା ଗ୍ରାମୀଣ ବିକାଶକୁ ଲକ୍ଷ୍ୟ ଭାବରେ ନେଇଥିଲା । ଯଦିଓ ଏହିସବୁ ଆନ୍ଦୋଳନର ଉଦ୍ଦେଶ୍ୟ ଉତ୍ତମ ରହିଥିଲା, ଏଥିପାଇଁ କୌଣସି ଯୋଜନା ହୋଇ ନଥିଲା । ଅଧିକାଂଶ ସମୟରେ ତାଳମେଳ ରହିଲାନି, ଉପଯୁକ୍ତ କୌଶଳ ବିକଶିତ ହୋଇ ପାରିଲାନି ।  ପରୀକ୍ଷା ଏବଂ ତ୍ରୁଟି ଆଧାରରେ ଏହା କାର୍ଯ୍ୟ କରିଥିଲା । ଯଥାର୍ଥ ଗବେଷଣା ପଦ୍ଧତି ଓ ପ୍ରଣାଳୀ ସହିତ କୌଣସି ପୂର୍ବ ପରୀକ୍ଷଣ ହୋଇ ନଥିଲା ଏବଂ ସବୁକିଛି ଅନିୟମିତ ଭାବରେ ଘଟୁଥିଲା । ଉଦ୍ଦେଶ୍ୟ ଥିଲା ଗ୍ରାମୀଣ ସଂପ୍ରଦାୟର ଜୀବନଯାପନକୁ ସୁଧାରିବା ନିମନ୍ତେ ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ବିକାଶକୁ କାର୍ଯ୍ୟକାରୀ କରିବା, ଯାହା ଫଳରେ ଜାତୀୟ ବିକାଶରେ ସେମାନେ ଯୋଗଦାନ କରିପାରିବେ ଏବଂ ଏହାର ପ୍ରଗତିକୁ ନିରନ୍ତର ଚାଲୁ ରଖିବେ ।

ଭାରତରେ ସଂପ୍ରଦାୟ ବିକାଶ କାର୍ଯ୍ୟକ୍ରମ ବହୁମୂଖୀ ଯୋଜନାକୁ ଭିତ୍ତି କରି ପରିବାର ଓ ଗ୍ରାମକୁ ଏକତ୍ରିତ କରିବା ଉଦ୍ଦେଶ୍ୟରେ କାର୍ଯ୍ୟ କରୁଥିଲା, ଯାହା କୃଷିଜାତ ଫସଲ ଉତ୍ପାଦନକୁ ବଢ଼ାଇବାରେ ସହାୟକ ହୋଇପାରିବ । କେବଳ ଫସଲ ଉତ୍ପାଦନ ଦିଗରେ ନୁହେଁ; ବରଂ ଗ୍ରାମରେ ବ୍ୟବହୃତ ହସ୍ତଶିଳ୍ପ ଯେମିତିକି କୁମ୍ଭାର କାମ, ବୁଣାବୁଣି ଇତ୍ୟାଦିରେ ସୁଧାର ଆଣିବା ମଧ୍ୟ ଏହାର ଲକ୍ଷ୍ୟ ରହିଥିଲା । ଏହା କେବଳ ପୁରୁଷଙ୍କୁ ଉନ୍ନତ ଜୀବନାବସ୍ଥାକୁ ଉନ୍ନତ କରିବାକୁ ଚାହିଁ ନଥିଲା; ବରଂ ଗ୍ରାମର ମହିଳା ଓ ଯୁବଗୋଷ୍ଠୀଙ୍କୁ ବି ସାମିଲ କରିଥିଲା । ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସର୍ବାଧିକ ୭୦ହଜାର ଲୋକଙ୍କୁ ନେଇ ଅନେକ କାର୍ଯ୍ୟକ୍ଷମ ବ୍ଲକ୍ ଗଢ଼ା ଯାଇଥିଲା ।

ପଞ୍ଚାୟତିରାଜ ଅନୁଷ୍ଠାନର ଆରମ୍ଭ ସହିତ ସଂପ୍ରଦାୟ ବିକାଶ କାର୍ଯ୍ୟକ୍ରମ ଗତିଶୀଳ ହେବାରେ ଲାଗିଲା । ୧୯୫୭ ମସିହାରେ ଯୋଜନା ଆୟୋଗଙ୍କ ପ୍ରସ୍ତାବ କ୍ରମେ ସଂପ୍ରଦାୟ ବିକାଶ କାର୍ଯ୍ୟକ୍ରମ ଏବଂ ଜାତୀୟ ବ୍ୟାପକ ସେବାର ଅଧ୍ୟୟନ ପାଇଁ ଏକ ଦଳ ନିଯୁକ୍ତ ହେଲା । ବିଶେଷଜ୍ଞମାନଙ୍କର ଏହି ଦଳ ସଂପ୍ରଦାୟ ବିକାଶ କାର୍ଯ୍ୟକ୍ରମଗୁଡ଼ିକୁ ଅନୁଧ୍ୟାନ କରି ୧୯୫୭ ମସିହାରେ ଏକ ରିପୋର୍ଟ ଦାଖଲ କଲେ । ଉଦ୍ଦେଶ୍ୟ ଏବଂ ଦୃଷ୍ଟିକୋଣକୁ ଆଧାର କରି ସବୁକିଛି କାର୍ଯ୍ୟକାରୀ କରିବାକୁ ହେଲେ କ'ଣ କରାଯିବା ଦରକାର ତାହା ଉପରେ ସେମାନେ ମନ୍ତବ୍ୟ ଦେଇଥିଲେ । ସେମାନେ ଦୃଢ଼ ଭାବରେ ଅନୁଭବ କରିଥିଲେ ଯେ କେବଳ କାଗଜ ପତ୍ରରେ ଲେଖିବା ଅପେକ୍ଷା ଶପଥକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ ।

କମିଟିର ଦୃଢ଼ ସୁପାରିଶ ଥିଲା- ଯେବେ ସେମାନେ ଗଣତାନ୍ତ୍ରିକ ଅନୁଷ୍ଠାନମାନ ଗଠନ କରିପାରିବେ, ଯାହା ଲୋକଙ୍କ ଆବଶ୍ୟକତାର ଯତ୍ନ ନେବ ଏବଂ ସଂପ୍ରଦାୟର ଦାବି ଓ ଇଚ୍ଛାକୁ ପୂରଣ କରିବ ସେବେ ସଫଳତା ମିଳିବ । ଆର୍ଥିକ ସମ୍ବଳର ସୁପରିଚାଳନା ଦିଗରେ ବି ସେମାନେ ଗୁରୁତ୍ୱ ଦେଇଥିଲେ, ଯାହା ଦ୍ୱାରା ସାମାଜିକ ଆବଶ୍ୟକତା ଆଧାରରେ ଅର୍ଥରାଶି ଖର୍ଚ୍ଚ ହୋଇ ପାରିବ । ସମ୍ବଳର ସୁବିନିଯୋଗ ହେବା ଉଚିତ୍ ଏବଂ ଆଞ୍ଚଳିକ ସ୍ୱାର୍ଥକୁ ସାଧିତ କରିବାକୁ ପଡ଼ିବ, ଯାହା ଫଳରେ ଗ୍ରାମୀଣ ବିକାଶ ଜାଗି ଉଠିବ ।

ପରେ ପରେ ବଡ଼ ବଡ଼ ଶିଳ୍ପ ଏବଂ ସରକାରୀ କ୍ଷେତ୍ର ଆଡ଼କୁ ଧ୍ୟାନ ସ୍ଥାନାନ୍ତର ହେଲା । ଏହି କ୍ଷେତ୍ରରେ ଯୋଜନା ଅପେକ୍ଷାକୃତ ଅଧିକ ରହିଥିଲା ଏବଂ ଏ ସବୁକୁ ବହୁତ ଗୁରୁତ୍ୱ ଦିଆଯାଇଥିଲା । ଦ୍ରୁତ ଶିଳ୍ପାୟନ ଅର୍ଥନୈତିକ ବିବିଧତା ବିକାଶର ମୂଳ ଅଂଶ ଥିଲା । ଦ୍ୱିତୀୟ ଯୋଜନା ବିଶ୍ୱାସ ରଖିଥିଲା ଯେ ଶିଳ୍ପାୟନ ଏବଂ ଅର୍ଥନୈତିକ ବିବିଧତା ବିକାଶର ମୂଳଦୁଆ ଅଟେ । ସବୁକିଛି ବୃହତ୍ତର କରିବା ଲକ୍ଷ୍ୟରେ ଏହା କାର୍ଯ୍ୟ କରିଥିଲା, ଯାହାକୁ ସହଜରେ ଏବଂ ଉତ୍ତମ ଭାବରେ ବଣ୍ଟାଯାଇପାରିବ । ଶିଳ୍ପାୟନ ଉପରେ ଅଧିକ ଧ୍ୟାନ ରହିଥିଲା, ଯାହା ଦ୍ୱାରା ଦ୍ରୁତ ଗତିରେ ପ୍ରଗତି ଆସି ପାରିବ ।

ଯାହା ବି ହେଉ, ତୃତୀୟ ଯୋଜନା କେବଳ କୃଷି ଉପରେ ଗୁରୁତ୍ୱ ଦେଇଥିଲା । କୃଷିକୁ ପ୍ରଥମ ପ୍ରାଥମିକତା ଦେବା ଉପରେ ଏହା ସୁପାରିଶ କଲା । ପ୍ରଥମ ଓ ଦ୍ୱିତୀୟ ଯୋଜନାର ଶିକ୍ଷଣ ଫଳାଫଳ ଥିଲା ତୃତୀୟ ଯୋଜନାରେ କୃଷିକୁ ଗୁରୁତ୍ୱ ଦେବାର କାରଣ । ଏହା ହୃଦ୍‌ବୋଧ ହେଲା ଯେ କେବଳ କୃଷିଜାତ ଫସଲର ସର୍ବାଧିକ ଉତ୍ପାଦନ ସହିତ ହିଁ ଭାରତ ଅର୍ଥନୈତିକ ବିକାଶକୁ ଦେଖି ପାରିବ । ଏହାକୁ ଭାରତୀୟ ଅର୍ଥନୀତିରେ ସୀମିତ କାରକ ଭାବରେ ବିବେଚନା କରାଗଲା । ଏହା ବୁଝିହେଲା ଯେ ଗୋଟିଏ ଦେଶର

ଅର୍ଥନୈତିକ ବିକାଶ ନିମନ୍ତେ କୃଷିର ଅଗ୍ରଗତି ସହିତ ମାନବ ଶକ୍ତି ଏବଂ ମହଜୁଦ ପ୍ରାକୃତିକ ସମ୍ବଳର ସହାୟତା ଅନେକ ମହତ୍ୱ ରଖେ । ଶିକ୍ଷାୟନ ଉପରେ ଧ୍ୟାନ ଦେଇଥିବା ଦ୍ୱିତୀୟ ଯୋଜନାରୁ ଏହା ସ୍ପଷ୍ଟ ରୂପରେ ଜାଣି ହେଲା ଯେ, କେବଳ ଶିକ୍ଷର ବିକାଶ ଗୋଟିଏ ବିକଳ୍ପ ନୁହେଁ । ବିକାଶ ନିମନ୍ତେ କୃଷିର ଅଗ୍ରଗତି ବି ଅପରିହାର୍ଯ୍ୟ ।

ତୃତୀୟ ଯୋଜନା ସ୍ପଷ୍ଟ ଭାବରେ ବ୍ୟକ୍ତ କରିଛି ଯେ, ତାହାର ଉଦ୍ଦେଶ୍ୟ ହେଉଛି କୃଷି ଉତ୍ପାଦନ ବଢ଼ାଇବା ଏବଂ କେବଳ ତୃତୀୟ ଯୋଜନାର ସଫଳତା ବିକାଶରେ ସାହାଯ୍ୟ କରିବ । ତେଣୁ କୃଷି ଉତ୍ପାଦର ଗୁରୁତ୍ୱ ଏବଂ ଆବଶ୍ୟକତା ବିଷୟରେ ସମାଜକୁ ଅବଗତ କରାଇବା ନିମନ୍ତେ ସରକାର କୃଷି ବିକାଶ ଉପରେ କାର୍ଯ୍ୟକ୍ରମମାନ ଆରମ୍ଭ କଲେ, ଯାହା ମାଧ୍ୟମରେ ବିକାଶ ଆସିପାରିବ । କୃଷି କାର୍ଯ୍ୟକ୍ରମ ସହିତ ଅନ୍ୟାନ୍ୟ ସଂପର୍କିତ କାର୍ଯ୍ୟକ୍ରମଗୁଡ଼ିକ ବି ଯୋଜନା କରାଗଲା । ୧୯୪୭ରୁ ୧୯୬୦ ମସିହା ମଧ୍ୟରେ ନୂତନ କାର୍ଯ୍ୟକ୍ରମମାନ ଆରମ୍ଭ ପଛରେ ଅନ୍ୟତମ ପ୍ରମୁଖ କାରଣ ଥିଲା ପ୍ରଚୁର ପରିମାଣରେ ଖାଦ୍ୟଶସ୍ୟ ଆମଦାନୀ କରିବା ।

ଜିଲ୍ଲା ସ୍ତରରେ ପ୍ରଥମ ତୀବ୍ର କୃଷି ବିକାଶ କାର୍ଯ୍ୟକ୍ରମ ୧୯୬୦ ମସିହାରେ ଆରମ୍ଭ କରାଯାଇଥିଲା । ତୃତୀୟ ଯୋଜନାର ସୁପାରିଶ କ୍ରମେ କୃଷି ଉତ୍ପାଦନ କ୍ଷେତ୍ରରେ ସରକାର ତାଙ୍କର ପ୍ରଥମ ପଦକ୍ଷେପ ଗ୍ରହଣ କଲେ, ଯାହାର ପ୍ରାୟୋଜକ ଥିଲେ ଫର୍ଡ୍ ଫାଉଣ୍ଡେସନ୍ । ଯେଉଁ ଫସଲ ଓ କ୍ଷେତ୍ର ସର୍ବାଧିକ ଉତ୍ପାଦନ ଯୋଗାଇ ପାରୁଛି, ତାହାକୁ ପ୍ରଥମେ ବାଛିବା ନିମନ୍ତେ କୃଷି ଉତ୍ପାଦନ ଦଳ ପ୍ରସ୍ତାବ ଦେଇଥିଲେ । ତା'ପରେ ପ୍ରତ୍ୟେକ ରାଜ୍ୟକୁ ଚିହ୍ନଟ କରିବାକୁ ପଡ଼ିବ ଯାହାର ମାଟି ଏକ ନିର୍ଦ୍ଦିଷ୍ଟ ଫସଲ ପାଇଁ ଉପଯୁକ୍ତ ଅଟେ, ଏସବୁ ହେଲା ପରେ କୃଷି କାର୍ଯ୍ୟ ଆରମ୍ଭ କରାଯିବ। ବିଶେଷଜ୍ଞ କମିଟିଙ୍କ ପ୍ରସ୍ତାବ କ୍ରମେ ଦଳ ମଧ୍ୟ କୃଷିରେ ସୁଧାର ଆଣିବାର ଉପାୟଗୁଡ଼ିକ ଉପରେ ପରାମର୍ଶ ଦେଇଥିଲେ ଏବଂ ଅନେକଗୁଡ଼ିଏ ସୁଧାର ମାର୍ଗଗୁଡ଼ିକୁ ପ୍ରୟୋଗ କରାଗଲା ।

ଦଳ ଅନୁଭବ କରିଥିଲେ- ଯେତେବେଳେ ସମ୍ବଳର ଏକାଗ୍ରତାକୁ ମାପି ହେବ, ବର୍ଷ ବର୍ଷ ଧରି ଏହା ଉତ୍ପାଦନକୁ ଯଥେଷ୍ଟ ବଢ଼ାଇ ପାରିବ । ଏହା ଥିଲା ଏକ ଦକ୍ଷତାପୂର୍ଣ୍ଣ ଅଧ୍ୟୟନ ଏବଂ ଉଭୟ ଫଳାଫଳ ସକାରାତ୍ମକ ହେଉ କି ନକାରାତ୍ମକ, ପରିଣାମ ନିଶ୍ଚୟ ଆସିବ । ସମଗ୍ର କୃଷି ବିକାଶ ନିମନ୍ତେ ଏହି କାର୍ଯ୍ୟକ୍ରମ ଏକ ନୂତନ ସଫଳତା ବୋଲି କମିଟି ଅନୁଭବ କଲେ । କେବଳ ଯୋଗାଣକୁ ଆଧାର କରି ପୂରା ଯୋଜନା ପ୍ରସ୍ତୁତ ହୋଇଛି ଏବଂ ନିବେଶର ଚାହିଦା ସଂପର୍କରେ କୌଣସି ଧାରଣା ନାହିଁ, ଏହା ବ୍ୟକ୍ତ କରି ଦଳ ସମାଲୋଚନାର ସାମ୍ନା ମଧ୍ୟ କରିଥିଲା ।

ଆଇଏଡିପି ପ୍ରୋଗ୍ରାମ୍‌ଟି ଇଣ୍ଟେନ୍‌ସିଭ୍ ଆଗ୍ରିକଲଚରାଲ୍ ଏରିଆ ପ୍ରୋଗ୍ରାମ୍ ବା ତୀବ୍ର କୃଷି କ୍ଷେତ୍ର କାର୍ଯ୍ୟକ୍ରମର ଏକ ସଂକ୍ଷିପ୍ତ ସଂସ୍କରଣ ଥିଲା । ୧୯୬୩ ମସିହାରେ ଏହା ଆରମ୍ଭ ହୋଇଥିଲା ଏବଂ ଉଦ୍ଦେଶ୍ୟ ଥିଲା ମୁଖ୍ୟ ଫସଲର ଉତ୍ପାଦନକୁ ବଢ଼ାଇବା । ସେମାନେ ମଧ୍ୟ ୧୯୬୫ ମସିହାରେ ସର୍ବାଧିକ ଉତ୍ପାଦନ ଯୋଗାଉଥିବା ବିବିଧ ଫସଲ କାର୍ଯ୍ୟକ୍ରମ ଆରମ୍ଭ କଲେ, ଯାହାର ମୂଳ ଧାରଣା ଥିଲା ଫସଲର ଉତ୍ପାଦନକୁ ବୃଦ୍ଧି କରିବା ।

ଗ୍ରାମୀଣ ଅର୍ଥନୀତିକୁ ଲାଭ ଦେବା ଆଶାରେ ଏହି ଯୋଜନାଟି କରାଯାଇଥିଲା, ଯାହା ଉତ୍ପାଦିତ ଶସ୍ୟକୁ ତୁରନ୍ତ ବଢ଼ାଇ ପାରିବ ଏବଂ ଫସଲ ଉତ୍ପାଦନ ପାଇଁ ମାନବ ଶକ୍ତି ବୃଦ୍ଧି କରି, ବେକାରୀ କମାଇବା ଦିଗରେ ସହାୟକ ହେବ ।

ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରତ୍ୟେକ ରାଜ୍ୟରେ ସାର, ମଞ୍ଜି, କୀଟନାଶକ ଏବଂ ଅନ୍ୟାନ୍ୟ ଉଦ୍ଭିଦ ସୁରକ୍ଷା ଯନ୍ତ୍ରର ଉପଯୁକ୍ତ ବ୍ୟବସ୍ଥା ସହିତ ସବୁ ସ୍ତରରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା । ଆବଶ୍ୟକତାକୁ ଆକଳନ କରି ଋଣ ଯୋଗାଇ ଦେବାର ବ୍ୟବସ୍ଥା ବି ରହିଥିଲା । ଏହି କାର୍ଯ୍ୟକ୍ରମର ଫଳାଫଳ ଖୁବ୍ କମ୍ ସମୟ ମଧ୍ୟରେ ଅନୁଭୂତ ହେଲା, ଏହାର ଅପାର କ୍ଷମତା ଦେଶର ଖାଦ୍ୟ ସମସ୍ୟାର ସମାଧାନ ପାଇଁ ବାଟ କଢ଼ାଇଲା । ସର୍ବାଧିକ ଅମଳ ଯୁକ୍ତ ଏହି କାର୍ଯ୍ୟକ୍ରମ ସବୁଜ ବିପ୍ଳବର ସୂତ୍ରପାତ କଲା । ଏହା ମଧ୍ୟ ଲୋକମାନଙ୍କୁ ନିଯୁକ୍ତିର ସୁଯୋଗ ଯୋଗାଇଲା ଏବଂ ଦୃଷ୍ଟାନ୍ତମୂଳକ ଭାବରେ ବେକାରୀକୁ ହ୍ରାସ କରିଥିଲା । କିନ୍ତୁ ଅସ୍ୱଷ୍ଟ ମଜୁରୀ ଏବଂ କୃଷି ଶ୍ରମିକଙ୍କ ବେତନ ହାର ନିଯୁକ୍ତିର ଏକମାତ୍ର ଖରାପ ଦିଗ ଥିଲା। ଆୟର ଏହି ଅସମାନତା କେବଳ ଉନ୍ନତ ଏବଂ ଜଳସେଚିତ ଜମିରେ ଚାଷ କରୁଥିବା ଶ୍ରମିକ ତଥା କମ୍ ଜଳସେଚିତ ବା ଆଦୌ ଜଳସେଚିତ ହୋଇ ନଥିବା ଜମିରେ ଚାଷ କରୁଥିବା ଶ୍ରମିକଙ୍କ ମଧ୍ୟରେ ମହଜୁଦ ନଥିଲା । କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ଅଞ୍ଚଳଗୁଡ଼ିକରେ ବି ଏହା ଦେଖିବାକୁ ମିଳିଲା । ତିନି ବର୍ଷ ପର୍ଯ୍ୟନ୍ତ ପାଣିପାଗ ଖରାପ ରହିବାରୁ ତୃତୀୟ ଯୋଜନାଟି ପୂରାପୂରି ବିଗିଡ଼ି ଯାଇଥିଲା । ତେଣୁ ଆଗାମୀ ତିନି ବର୍ଷ ଯାଏଁ ଯୋଜନାକୁ ସ୍ଥଗିତ କରାଗଲା ।

ପରେ ପରେ ଆସିଲା ଚତୁର୍ଥ ଯୋଜନା, ଯାହାର ଲକ୍ଷ୍ୟ ରହିଥିଲା ଲୋକଙ୍କୁ ଉତ୍ତମ ଜୀବନାବସ୍ଥା ପ୍ରଦାନ କରିବା । ଉଦ୍ଦେଶ୍ୟ ଥିଲା ଲୋକଙ୍କ ଜୀବନ ଧାରଣର ମାନକୁ ବଢ଼ାଇବା ଏବଂ ସମାନ ସମୟରେ ସମାନତା ଓ ନ୍ୟାୟ ବଜାୟ ରଖିବା, ଗୋଟିଏ ଗୋଷ୍ଠୀର ଜୀବନରେ ସୁଧାର ଆଣିବାକୁ ଯାଇ ଅନ୍ୟ ଗୋଷ୍ଠୀ ଯେପରି କଷ୍ଟ ନ ଭୋଗନ୍ତି, ଯୋଜନାକୁ କାର୍ଯ୍ୟକାରୀ କଲାବେଳେ ସମାନତା ରହିବା ଉଚିତ୍ । ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଲୋକମାନଙ୍କୁ ଅଧିକ ଗୁରୁତ୍ୱ ଦିଆଗଲା । ସମାଜର ଅବହେଳିତ ବର୍ଗଙ୍କୁ ଅଧିକ ପ୍ରାଧାନ୍ୟ ମିଳିଲା। ଏହାକୁ ହାସଲ କରିବା ନିମନ୍ତେ ଶ୍ରମ ସୁଧାର କାର୍ଯ୍ୟକ୍ରମଗୁଡ଼ିକୁ ଗୁରୁତ୍ୱ ଦିଆଯାଇଥିଲା । ପରିବହନ ସୁବିଧା, ବିଦ୍ୟୁତ ଯୋଗାଣ, ଗ୍ରାମୀଣ ଭିତ୍ତିଭୂମିର ବିକାଶ ପ୍ରଭୃତିକୁ କାର୍ଯ୍ୟକ୍ରମରେ ସାମିଲ କରାଗଲା । ଏହିସବୁ ଅବସ୍ଥାରେ ସୁଧାର ଆସିଲେ ହିଁ ମାନବ ସମ୍ବଳର ବିକାଶ ହୋଇପାରିବ ବୋଲି ଅନୁଭବ ହେଲା । ଏହି କାର୍ଯ୍ୟକ୍ରମରେ ଶିଳ୍ପ ସାମଗ୍ରୀର ବିକେନ୍ଦ୍ରୀକରଣ ଏବଂ ବିସର୍ଜନ ମଧ୍ୟ ରହିଥିଲା ।

ଆତ୍ମ ହୃଦୟଙ୍ଗମ ଏବଂ ଦାରିଦ୍ର୍ୟ ଦୂରୀକରଣ ପଞ୍ଚମ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ପରି ମନେ ହେଉଥିଲା ଏବଂ ଏହାକୁ ଆଧାର କରି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା । କୃଷି କ୍ଷେତ୍ରରେ ଦୀର୍ଘସ୍ଥାୟୀ ବିକାଶ ଆଣିବା ଉପରେ ମୁଖ୍ୟତଃ ଧ୍ୟାନ ଦିଆଗଲା ଏବଂ କୃଷକମାନଙ୍କ ଜୀବନକୁ ଉନ୍ନତ କରିବା ଦିଗରେ ଯୋଜନାଟି ଆଗେଇ ଆସିଲା । ଦେଶର ମୁଣ୍ଡପିଛା ଆୟ ବଢ଼ାଇବା ନିମନ୍ତେ ଏହା କାର୍ଯ୍ୟ କରିଥିଲା । କୃଷକମାନଙ୍କ ଜମି ଓ ଜୀବନକୁ ବିକଶିତ କରିବା ପରି କାର୍ଯ୍ୟକ୍ରମଗୁଡ଼ିକ ଯୋଜନାରେ ଶୁଷ୍କ ଜମି କୃଷି ବିକାଶ କାର୍ଯ୍ୟକ୍ରମ ଏବଂ ବାଣିଜ୍ୟିକ ଶସ୍ୟ ତୈଳମଞ୍ଜି ବିକାଶ କାର୍ଯ୍ୟକ୍ରମ ସାମିଲ ହୋଇଥିଲା।

ଏହିସବୁ କାର୍ଯ୍ୟକ୍ରମରେ କୃଷକମାନଙ୍କୁ ତାଲିମ୍ ମଧ୍ୟ ଦିଆଯାଇଥିଲା, ଯାହା ଫଳରେ ଆପଣା ହସ୍ତେ ସମ୍ବଳ ନଷ୍ଟ ନ କରି ମହଜୁଦ ରହିଥିବା ଜମିର ସର୍ବାଧିକ ବ୍ୟବହାର ସଂପର୍କରେ ସେମାନେ ଶିଖି ପାରିଥିଲେ । ସେମାନେ ବୁଝିଗଲେ  ସର୍ବନିମ୍ନ ନିବେଶ ସହିତ କିପରି ସର୍ବାଧିକ ଉତ୍ପାଦନ ଆଣି ପାରିବେ ।
ଏହି ସମୟରେ ମୁଖ୍ୟ ଚିନ୍ତା ଥିଲା ଦେଶର କିଛି ଅଂଶରେ ଆସିଥିବା ମରୁଡ଼ି, ସମଗ୍ର କ୍ଷେତ୍ରର ଶତକଡ଼ା ୧୯ ଭାଗ ଏଥି ମଧ୍ୟରେ ଥିଲା । ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳର ଲୋକମାନେ ଜନସଂଖ୍ୟାର ପ୍ରାୟ ୧୨ ପ୍ରତିଶତ ରହିଥିଲେ । ପଞ୍ଚବାର୍ଷିକୀ ଯୋଜନାକୁ ବାଦ୍ ଦେଲେ, ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳକୁ ସରକାର ରିଲିଫ୍ ପାଣ୍ଠି ଯୋଗାଇଥିଲେ, ଯାହା ଦୁର୍ଭିକ୍ଷ ଏବଂ ମରୁଡ଼ି ସମୟରେ ଗ୍ରାମବାସୀମାନଙ୍କୁ ଜୀବନର ରାହା ଦେଖାଇଲା ।
**ପଞ୍ଚବାର୍ଷିକୀ ଯୋଜନାର ଉଦ୍ଦେଶ୍ୟଗୁଡ଼ିକ ନିମ୍ନରେ ଦର୍ଶାଯାଇଛି:**

୧. ମରୁଡ଼ିର ଗମ୍ଭୀରତା ଓ ପ୍ରଭାବକୁ ହ୍ରାସ କରିବା

୨. ଲୋକଙ୍କର, ବିଶେଷ କରି ସମାଜରେ ଥିବା ଦୁର୍ବଳ ବର୍ଗଙ୍କ ଆୟକୁ ସ୍ଥିର ରଖିବା

୩. ପରିବେଶ ସନ୍ତୁଳନର ପୁନରୁଦ୍ଧାର

ଏହା ବ୍ୟତୀତ ଅନ୍ୟାନ୍ୟ ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ମଧ୍ୟ ରହିଥିଲା ଯାହା ବିଭିନ୍ନ ଯୋଜନାକୁ ଜରିଆ କରି ମୁଣ୍ଡ ଟେକିଲା, ଯେପରି- ଜଳସେଚନ କାର୍ଯ୍ୟକ୍ରମ, ଜଳ ସଂରକ୍ଷଣ କାର୍ଯ୍ୟକ୍ରମ, ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ, ବୃକ୍ଷରୋପଣ, ଉପଯୁକ୍ତ ରାସ୍ତା ନିର୍ମାଣ ଇତ୍ୟାଦି । ଏହିସବୁ କାର୍ଯ୍ୟକ୍ରମ ଲୋକମାନଙ୍କୁ ନିଯୁକ୍ତି ଯୋଗାଇଥିଲେ ବି ଗ୍ରାମୀଣ ବିକାଶରେ କୌଣସି ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ଆଣି ନଥିଲା । ଅନେକ ଅର୍ଥନୀତିଜ୍ଞ ଏବଂ ଗବେଷକ ମତ ରଖିଲେ ଯେ- ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ ଯେ ଦେଶର ଚାହିଦାକୁ ପୂରଣ କରିବା ଭଳି ଲାଗୁଥିଲେ ବି ଏହା ସତ୍ୟ ନୁହେଁ ।

## ୪.୩: ବିକାଶର ପଞ୍ଚବାର୍ଷିକୀ ଯୋଜନା

୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ପରେ ଏହାର ଅର୍ଥନୀତିକୁ ଆରମ୍ଭରୁ ହିଁ ପୁନର୍ଗଠନ କରିବାକୁ ପଡ଼ିଲା । ସ୍ୱାଧୀନ ଭାରତର ମହାନ ନେତାମାନେ ଯତ୍ନ ପୂର୍ବକ ଭାରତକୁ ସୁହାଇଲା ଭଳି, ବିକାଶ ପଥରେ ଏହାକୁ ଅଗ୍ରସର କରିବା ପରି ଅର୍ଥନୀତିକୁ ବାଛିଲେ । ମହାନ ନେତାମାନଙ୍କ ଧାରଣାର ଅବଦାନ ସ୍ୱରୂପ ପଞ୍ଚବାର୍ଷିକୀ ଯୋଜନାର ଉତ୍ପତ୍ତି । ଏହି ବିଷୟଟି ପଞ୍ଚବାର୍ଷିକୀ ଯୋଜନା ସଂପର୍କରେ ସଂକ୍ଷିପ୍ତ ଧାରଣା ପ୍ରଦାନ କରେ ।

### ୪.୩.୧: ସ୍ୱାଧୀନତା ପରେ ଭାରତୀୟ ଅର୍ଥନୀତି

ମୁକ୍ତ ଭାରତର ନେତାମାନଙ୍କୁ କେତୋଟି ନିଶ୍ଚିତ ନିଷ୍ପତ୍ତି ସହ ଆସିବାକୁ ହେଲା, ଯାହା ସେହି ସମୟରେ ଅନିଶ୍ଚିତ ଥିଲା । ଭାରତୀୟ ଅର୍ଥନୀତି ଉପରେ ବ୍ରିଟିଶ ଶାସନର ଗଭୀର ପ୍ରଭାବ ରହିଥିଲା ଏବଂ ଭାରତୀୟ ନେତାମାନେ ଦେଶକୁ ପ୍ରଗତି ପଥରେ ନେବା ପାଇଁ ଚାହିଁଲେ । କିନ୍ତୁ ଏପରି କରିବାକୁ ହେଲେ କେଉଁ ପ୍ରକାର ଅର୍ଥନୀତି ଭାରତକୁ ବିକାଶର ମୂଳଧାରାକୁ ନେଇ ଆସିବ, ସେ ବିଷୟରେ ସେମାନେ ନିଶ୍ଚିତ

ନଥିଲେ । ସେହି ସମୟରେ ଦୁଇ ପ୍ରକାର ଅର୍ଥନୀତି ଭାରତର ଅଧିକାଂଶ ସ୍ଥାନରେ ଅନୁସରଣ କରାଯାଉଥିଲା। ଗୋଟିଏ ଥିଲା ପୁଞ୍ଜିବାଦୀ ଅର୍ଥନୀତି ଏବଂ ଅନ୍ୟଟି ସମାଜବାଦୀ ଅର୍ଥନୀତି । ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜୱାହରଲାଲ ନେହେରୁ ନିଷ୍ପତ୍ତି ନେଲେ ଭାରତ ଅର୍ଥନୀତିର ସମାଜବାଦୀ ନମୁନାକୁ ଅନୁସରଣ କରିବ । ସେ ଅନୁଭବ କରିଥିଲେ ଯେ, ସମାଜବାଦୀ ଅର୍ଥନୀତି ନମୁନା ଭାରତ ପାଇଁ ପ୍ରଯୁଜ୍ୟ ନୁହେଁ । କିନ୍ତୁ ଏହା ମଧ୍ୟ ସତ ଯେ, ସମାଜବାଦୀ ଅର୍ଥନୀତି ଭାରତକୁ ପ୍ରସ୍ଫୁଟିତ କରି ପାରିବନି । ତେବେ ସରକାର ମଧ୍ଯ ପୁଞ୍ଜିବାଦୀ ଅର୍ଥନୀତିକୁ ବିକଳ୍ପ ଭାବରେ ନେଇ ପାରିବେନି, କାରଣ- ସାଧାରଣ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବା ସହିତ ସେମାନଙ୍କର ଅର୍ଥନୀତିକୁ ବି ଦେଖିବାକୁ ପଡ଼ିବ ।

ତେଣୁ ଏହା ଅନୁଭୂତ ହୋଇଥିଲା ଯେ ଭାରତ ପରି ଉପମହାଦେଶ ନିମନ୍ତେ ଉଭୟ ପୁଞ୍ଜିବାଦୀ ଏବଂ ସମାଜବାଦୀ ଅର୍ଥନୀତିର ମିଶ୍ରଣ ହିଁ ସର୍ବୋତ୍ତମ ହୋଇ ପାରିବ । କ୍ଷମତାରେ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ସ୍ଥିର କରାଗଲା ଭାରତ ଏକ ଶକ୍ତିଶାଳୀ ସମାଜବାଦୀ ସମାଜ ରୂପରେ ଗଠିତ ହେବ ଯେଉଁଠି ସରକାରୀ ଅଙ୍ଗସମୂହର ମୁଖ୍ୟ କର୍ତ୍ତବ୍ୟ ରହିବ ଯତ୍ନ ସହକାରେ ତାହାର ନାଗରିକମାନଙ୍କର ବିକାଶ କରିବା । ସମାନ ସମୟରେ ଭବିଷ୍ୟତକୁ ଦୃଷ୍ଟିରେ ରଖି, ଭାରତରେ ଘରୋଇ ଶିଳ୍ପ ପ୍ରତିଷ୍ଠାନ ଗଢ଼ିବା ନିମନ୍ତେ ବି ସରକାର ଉତ୍ସାହିତ କରିବେ । ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିବାରୁ, ଘରୋଇ ସଂପଦ ବା ସଂପତ୍ତି ଉପରେ କୌଣସି କଟକଣା ଲାଗୁ ହେବନି ।

### ୪.୩.୨: ପଞ୍ଚବାର୍ଷିକ ଯୋଜନା

ପଞ୍ଚବାର୍ଷିକ ଯୋଜନାଗୁଡ଼ିକର ନାମ ଏହି ଯୋଜନାର ଅବଧିରୁ ଉତ୍ପନ୍ନ ହୋଇଛି, ଯେଉଁଥିରେ ଭାରତର ବିକାଶ ଦିଗରେ ପାଞ୍ଚ ବର୍ଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଅର୍ଥନୈତିକ ଯୋଜନା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଦେଶର ସାଧାରଣ ତଥା ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପୂରଣ ନିମନ୍ତେ ସହାୟକ ହୁଏ । ଏହି ଯୋଜନାଗୁଡ଼ିକ ସ୍ୱଳ୍ପ ମିଆଦୀ ଯୋଜନା ଭାବରେ ପରିଲକ୍ଷିତ ହୁଏ ଯାହା ଭବିଷ୍ୟତ ପାଇଁ କାର୍ଯ୍ୟକାରୀ ହୋଇ ପାରିବ, ଯେହେତୁ ସେଗୁଡ଼ିକ ପ୍ରାୟ ୨୦ ବର୍ଷର ଦୀର୍ଘ ମିଆଦୀ ଲକ୍ଷ୍ୟ ସହିତ ପ୍ରସ୍ତୁତ ହୋଇଛି । ଭାରତରେ ଯୋଜନା ପରିଷଦ ୧୯୫୦ ମସିହାରେ ଗଠନ କରାଗଲା ଏବଂ ପରିଷଦ ଅନେକ ମୁଖ୍ୟ ଦାୟିତ୍ୱ ହାତକୁ ନେଲା । ଭାରତର ପଞ୍ଚ ବାର୍ଷିକୀ ଯୋଜନା ଅନ୍ତର୍ଗତ ଯୋଜନା, ଉଦ୍ଦେଶ୍ୟ ଓ ଲକ୍ଷ୍ୟର ଏହା ଦାୟିତ୍ୱ ନେଇଥିଲା ଏବଂ ଯୋଜନାର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରୁଥିଲା । ଏହି ଉଚ୍ଚ ଲକ୍ଷ୍ୟ ସହିତ ସେମାନେ ପ୍ରଥମ ପଞ୍ଚ ବାର୍ଷିକୀ ଯୋଜନାର ସୂତ୍ରପାତ କଲେ ।

### ୪.୩.୩: ପଞ୍ଚବାର୍ଷିକ ଯୋଜନାର ଲକ୍ଷ୍ୟ

ପଞ୍ଚବାର୍ଷିକ ଯୋଜନାର କିଛି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିବାକୁ ଥିଲା । ସେମାନେ ମନରେ ଏକ ଉଦ୍ଦେଶ୍ୟ ରଖିଥିଲେ । କିନ୍ତୁ ଯୋଜନାରେ ସ୍ପଷ୍ଟ ଉଦ୍ଦେଶ୍ୟର ଅଭାବ ରହିଥିଲା । ବିକାଶ ନିମନ୍ତେ ପ୍ରସ୍ତୁତ ହୋଇଥିବା ଯୋଜନା ଏପରି ବନା ଯାଇଥିଲା ଯାହା ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ସହିତ ଅଳ୍ପ କେତୋଟି ମୁଖ୍ୟ କ୍ଷେତ୍ରକୁ ସାମିଲ କରୁଥିଲା । ତେବେ ବାସ୍ତବରେ ସବୁ ଯୋଜନାକୁ କାର୍ଯ୍ୟକାରୀ କରିବା ଏବଂ ଯୋଜନା ଅନ୍ତର୍ଗତ ସମସ୍ତ ଦିଗକୁ ସମାନ ଗୁରୁତ୍ୱ ଦେବା ସମ୍ଭବ ନଥିଲା । ଯଦିଓ ପଞ୍ଚବାର୍ଷିକୀ ଯୋଜନା ୫ଟି ଉଦ୍ଦେଶ୍ୟକୁ ମନରେ

ରଖିଥିଲା, କେବଳ ଗୋଟିଏ ବା ଦୁଇଟି ଅତ୍ୟାବଶ୍ୟକ ସମସ୍ୟା ବା କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯାଇଥିଲା, ଯେଉଁଠି ତୁରନ୍ତ ବିକାଶକୁ ଖୋଜିବା ଦରକାର ।

**ପ୍ରଥମ ପଞ୍ଚବାର୍ଷିକ ଯୋଜନା (୧୯୫୧ରୁ ୧୯୫୬)**

ପ୍ରଥମ ପଞ୍ଚବାର୍ଷିକୀ ଯୋଜନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା, ଯେହେତୁ ସ୍ୱାଧୀନତା ପରେ ପରେ ହିଁ ଶୀଘ୍ର ଏହାର ଶୁଭାରମ୍ଭ ହୋଇଥିଲା । ଏଥିରେ କୃଷି ଉତ୍ପାଦନ ଉପରେ ଅଧିକ ଧ୍ୟାନ ରହିଥିଲା ଏବଂ ଦେଶରେ ଶିଳ୍ପାୟନକୁ ବି ସମର୍ଥନ କରାଯାଇଥିଲା । ସାର୍ବଜନିକ/ସରକାରୀ କ୍ଷେତ୍ରକୁ ଗୁରୁତ୍ୱ ଦେବା ସହିତ ମିଶ୍ରିତ ଅର୍ଥନୀତି ଉପରେ ଏହା ଧ୍ୟାନ ଦେଇଥିଲା, ଯଦିଓ ପ୍ରାଥମିକ କ୍ଷେତ୍ରଗୁଡ଼ିକର ବିକାଶ ଥିଲା ମୂଳ ଲକ୍ଷ୍ୟ । ଅଳ୍ପ କିଛି ପରିବର୍ତ୍ତନ ସହିତ ପ୍ରଥମ ପଞ୍ଚ ବାର୍ଷିକୀ ଯୋଜନା ହାରୋଡ୍-ଡୋମାର୍ ନମୁନା ଉପରେ ଆଧାରିତ ଥିଲା।

**ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା (୧୯୫୬ରୁ ୧୯୬୧)**

ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ସାର୍ବଜନିକ କ୍ଷେତ୍ରର ବିକାଶକୁ ଅଗ୍ରାଧିକାର ଦିଆଯାଇଥିଲା । ଦ୍ରୁତ ଶିଳ୍ପାୟନ ଭାରତୀୟ ପରିସଂଖ୍ୟାନ ବିଶେଷଜ୍ଞଙ୍କ ଦ୍ୱାରା ଆଗତ ହୋଇଥିବା ଅର୍ଥନୈତିକ ବିକାଶ ନମୁନାକୁ ଅନୁସରଣ କଲା । ଯୋଜନାଟି ପୁଞ୍ଜି ଏବଂ ସାମଗ୍ରୀ ଆମଦାନୀ ଉପରେ ଅଧିକ ଗୁରୁତ୍ୱ ଦେଇଥିଲା ।

**ତୃତୀୟ ପଞ୍ଚବାର୍ଷିକ ଯୋଜନା (୧୯୬୧ରୁ ୧୯୬୬)**

କୃଷି ଏବଂ ବିଶେଷ କରି ଗହମ ଉତ୍ପାଦନ ଉପରେ ଗୁରୁତ୍ୱ ଦେଇଥିଲା ତୃତୀୟ ପଞ୍ଚବାର୍ଷିକ ଯୋଜନା । କିନ୍ତୁ ସେହି ସମୟରେ ମରୁଡ଼ି ଓ ଯୁଦ୍ଧ ଥିଲା ମୁଖ୍ୟ ସମସ୍ୟା । କେବଳ ପଞ୍ଜାବ ହିଁ ପ୍ରଚୁର ପରିମାଣରେ ଗହମ ଉତ୍ପାଦନ କରିଥିଲା । ବନ୍ଧ ଏବଂ ଅନ୍ୟାନ୍ୟ ସିମେଣ୍ଟ୍ କାରଖାନା ବି ନିର୍ମାଣ କରାଯାଇଥିଲା । ନ୍ୟାୟନୀତି ଆଣିବା ନିମନ୍ତେ ବିଦ୍ୟାଳୟମାନ ସ୍ଥାପନ କରାଗଲା । ଦେଶର ରପ୍ତାନୀ ବୃଦ୍ଧି କରିବାକୁ ଭାରତ ସରକାର "ଟଙ୍କାର ଅବ-ମୂଲ୍ୟାୟନ'' ଘୋଷଣା କଲେ । ଛୁଟିଦିନ ପାଇଁ ଯୋଜନା ପଛରେ ମୁଖ୍ୟ କାରଣଗୁଡ଼ିକ ଥିଲା ଯୁଦ୍ଧ, ସମ୍ବଳର ଅଭାବ ଏବଂ ବଢ଼ି ଚାଲିଥିବା ମୁଦ୍ରାସ୍ଫୀତି ।

**ଚତୁର୍ଥ ପଞ୍ଚବାର୍ଷିକ ଯୋଜନା (୧୯୬୯ରୁ ୧୯୭୪)**

ଏହି ଯୋଜନା ଭାରତର ସବୁଜ ବିପ୍ଳବ ଉପରେ ଧ୍ୟାନ ଦେଇଥିଲା । ୧୪ଟି ଜାତୀୟକରଣ ବ୍ୟାଙ୍କ୍ ଗଠନ ହୋଇଥିଲା ଏବଂ ଆନୁମାନିକ ଅର୍ଥନୈତିକ ଅଭିବୃଦ୍ଧି ୫.୬% ଥିଲା । କିନ୍ତୁ ପ୍ରକୃତ ଅଭିବୃଦ୍ଧି ହାର ଥିଲା ମାତ୍ର ୩.୩% ।

**ପଞ୍ଚମ ପଞ୍ଚବାର୍ଷିକ ଯୋଜନା (୧୯୭୪ରୁ ୧୯୭୯)**

ନିଯୁକ୍ତି, ନ୍ୟାୟ ଏବଂ ଦାରିଦ୍ର୍ୟ ଦୂରୀକରଣ ଥିଲା ପଞ୍ଚମ ପଞ୍ଚବାର୍ଷିକୀ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ୧୯୭୫ ମସିହାରେ ବିଦ୍ୟୁତ ଯୋଗାଣ ଅଧିନିୟମ ସଂଶୋଧିତ ହେଲା, ଯାହା କେନ୍ଦ୍ର ସରକାରଙ୍କୁ ବିଦ୍ୟୁତ ଉତ୍ପାଦନ ଏବଂ ପ୍ରସାରଣରେ ସକ୍ଷମ କରିଥିଲା । ଲକ୍ଷ୍ୟ ଅଭିବୃଦ୍ଧି ହାର ୪.୪% ଥିବା ବେଳେ ପ୍ରକୃତ ଅଭିବୃଦ୍ଧି ହାର ଥିଲା ୪.୮% ।

ଦେଶରେ ବିକାଶ ଏବଂ ଶିକ୍ଷ ଅଭିବୃଦ୍ଧି ପାଇଁ ଅନ୍ୟାନ୍ୟ ପଞ୍ଚବାର୍ଷିକୀ ଯୋଜନା ରହିଥିଲା । ପଞ୍ଚବାର୍ଷିକ ଯୋଜନାଗୁଡ଼ିକର ମୁଖ୍ୟ ପରିଣାମଗୁଡ଼ିକ ନିମ୍ନରେ ଆଲୋଚିତ ହୋଇଛି:

**ବିକାଶ**

ବିକାଶକୁ ଅର୍ଥନୈତିକ ଯୋଜନାର ସବୁଠୁ ମୂଳ ଲକ୍ଷ୍ୟ ଭାବରେ ବିଚାର କରାଯାଉଥିଲା । ଅର୍ଥନୀତି ସନ୍ଦର୍ଭରେ ବିକାଶ ସମସ୍ତ ଘରୋଇ ଉତ୍ପାଦର ବୃଦ୍ଧି ଉପରେ କେନ୍ଦ୍ରୀଭୂତ ହୋଇଛି, ଏବଂ ଜିଡିପି ହେଉଛି ଅର୍ଥନୈତିକ ବିକାଶକୁ ମାପିବାର ଅନ୍ୟତମ ଉପାୟ । ଯେତେବେଳେ ସମସ୍ତ ଘରୋଇ ଉତ୍ପାଦ ଜନତାଙ୍କ ବ୍ୟବହାର ପାଇଁ ଅଧିକ ହୋଇଯାଏ, ଦେଶର ଜନତା ଦେଶର ଆର୍ଥିକ ନୀତିରୁ ଲାଭବାନ ହୋଇପାରନ୍ତି । ଅର୍ଥନୈତିକ ବିକାଶ ସେତିକିବେଳେ ଘଟିପାରେ, ଯେତେବେଳେ ଦେଶରେ ଜିନିଷ ପତ୍ର ବା ସେବାର ଉତ୍ପାଦନ ବଢ଼ିଥାଏ । ଦେଶରେ ଆକସ୍ମିକ ଅର୍ଥନୈତିକ ପ୍ରବାହ ଆସିଲେ ବି ଏପରି ହୋଇପାରେ । କେତୋଟି ଅଞ୍ଚଳ ବା କ୍ଷେତ୍ର ଅଛି ଯାହା ଅନ୍ୟ ଅଞ୍ଚଳ ବା କ୍ଷେତ୍ର ଅପେକ୍ଷା ଅଧିକ ସଂପଦ ଉତ୍ପାଦନ କରେ । ସାଧାରଣତଃ ୩ ଟି କ୍ଷେତ୍ର ରହିଛି । ସେଗୁଡ଼ିକ ହେଲା- କୃଷିଭିତ୍ତିକ, ଶିଳ୍ପଭିତ୍ତିକ ଏବଂ ସେବା । ଏହି କ୍ଷେତ୍ରଗୁଡ଼ିକର ଅବଦାନ ହେଉଛି ଦେଶର ସର୍ବମୋଟ ଘରୋଇ ଉତ୍ପାଦ । ଆମେ ଯେପରି ପୂର୍ବ ଅଧ୍ୟାୟଗୁଡ଼ିକରେ ପଢ଼ିଛନ୍ତି, ମୁଖ୍ୟତଃ କୃଷି କ୍ଷେତ୍ର ଉପରେ ଭାରତର ଧ୍ୟାନ ରହିଥିଲା । ଭାରତ ଯେହେତୁ ଏକ କୃଷି ପ୍ରଧାନ ଦେଶ, ଆୟର ମୁଖ୍ୟ ଉତ୍ସ କେବଳ ସେହି କ୍ଷେତ୍ରରୁ ହିଁ ଆସିଛି । ପଞ୍ଚ ବାର୍ଷିକୀ ଯୋଜନାର ପ୍ରାଥମିକ ପର୍ଯ୍ୟାୟରେ କୃଷି କ୍ଷେତ୍ର ହିଁ ସର୍ବାଧିକ ବୃଦ୍ଧିହାର ଦେଖିଛି ।

**ଆଧୁନିକୀକରଣ**

ପ୍ରଯୁକ୍ତି ଆମ ଜୀବନର ଏକ ଅଂଶ ଓ ସମୂହରେ ପରିଣତ ହୋଇଛି । ପୂର୍ବରୁ ଯେପରି ଆଲୋଚନା କରାଯାଇଛି, ଆଧୁନିକୀକରଣ ହେଉଛି ଅର୍ଥନୀତି ସହିତ ପ୍ରଯୁକ୍ତିର ମିଶ୍ରଣ । ଯଦିଓ ଆମ ଦେଶରେ ସମୃଦ୍ଧ କୃଷି ପୃଷ୍ଠଭୂମି ରହିଛି ଯାହା ଆମର ଶକ୍ତି ଅଟେ, ପ୍ରଯୁକ୍ତିକୁ ଆମେ ସଂପୂର୍ଣ୍ଣ ଅଣଦେଖା କରିପାରିବାନି । ଉତ୍ତମ ଫସଲ ଉତ୍ପାଦନ ପାଇଁ କୃଷିକ୍ଷେତ୍ର ସହ ନୂତନ ବୈଷୟିକ କୌଶଳକୁ ଏକତ୍ରିତ କରାଯାଇପାରେ । ଉନ୍ନତ ବିକାଶ ନିମନ୍ତେ କୃଷି ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କ୍ଷେତ୍ରରେ ନୂଆ ନୂଆ ଉଦ୍ଭାବନ କରାଯାଇପାରିବ। ପ୍ରଯୁକ୍ତିରେ ପ୍ରଗତି ଆମର ଅର୍ଥନୀତିକୁ ଉଚ୍ଚ ସ୍ତରକୁ ନେବା ସହିତ ଉତ୍ପାଦନ ବୃଦ୍ଧିରେ ବି ମହତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ ।

ଆଧୁନିକ ବୈଷୟିକ କୌଶଳ ଏବଂ କୃଷି ମଧ୍ୟରେ ମିଶ୍ରଣର ଏକ ସର୍ବୋତ୍ତମ ଉଦାହରଣ ଥିଲା କୃଷି ସାମଗ୍ରୀ ଉତ୍ପାଦନର ବୃଦ୍ଧି । ଏଇ କିଛି ବର୍ଷ ଭିତରେ ଆଧୁନିକୀକରଣ ଓ ଶିଳ୍ପାୟନ ଅନ୍ୟାନ୍ୟ କ୍ଷେତ୍ରକୁ ମଧ୍ୟ ବ୍ୟାପି ଯାଇଛି, ଉଦାହରଣ ସ୍ୱରୂପ- ସୂଚନା ଓ ପ୍ରଯୁକ୍ତି କ୍ଷେତ୍ର, ଯାହା ଆଧୁନିକୀକରଣ ଯୋଗୁଁ ଢେର୍ ପ୍ରଗତି ଦେଖି ପାରିଛି । ଆଧୁନିକୀକରଣର ଅନ୍ୟତମ ଉଲ୍ଲେଖନୀୟ ଦିଗ ଆମର ଦୈନନ୍ଦିନ ଜୀବନରେ ପରିବର୍ତ୍ତନ ରୂପରେ ଦେଖାଯାଇପାରେ । ବିଭିନ୍ନ ବୈଷୟିକ ଉପକରଣ ଏବଂ ଉନ୍ନତି ସହିତ ଏକ ସମାଜ ରୂପରେ ଆମେ ଅଗ୍ରଗତି କରିଛନ୍ତି । ଆମେ ସମସ୍ତେ ଏକ ଆଧୁନିକ ସମାଜ ଆଡ଼କୁ ଆଗେଇ ଚାଲିଛନ୍ତି, ଯଦିଓ କିଛି ଭେଦଭାବପୂର୍ଣ୍ଣ ପ୍ରଥା ଏବେ ବି ପ୍ରଚଳିତ ରହିଛି ।

## ଆତ୍ମନିର୍ଭରଶୀଳତା

ସ୍ୱାଧୀନତା ପରେ ଭାରତୀୟମାନେ ଏକ ନୂତନ ଅର୍ଥନୀତିକୁ ଅନୁସରଣ କଲେ, ଯାହା ଆମଦାନୀ ହେଉଥିବା ଦ୍ରବ୍ୟ ଉପରେ ଅଧିକ ନିର୍ଭର କରୁଥିଲା । ତେଣୁ ଭାରତର ଲୋକଙ୍କ ମଧ୍ୟରେ ଆତ୍ମନିର୍ଭରଶୀଳତା ପ୍ରତିଷ୍ଠା କରିବାକୁ ଭାରତ ସରକାର ପଞ୍ଚବାର୍ଷିକୀ ଯୋଜନାର ୭ଟି ସଂସ୍କରଣ ଆଣିଲେ । ଏହା ମଧ୍ୟରେ ସାମିଲ ଥିଲା- କଞ୍ଚାମାଲ, ସାମଗ୍ରୀ ବା ସେବାର ଆମଦାନୀ କରିବାକୁ ଯାଇ ବିଦେଶ ରାଷ୍ଟ୍ର ଉପରେ ନର୍ଭର ନକରି, ଯଥା ସମ୍ଭବ ଆମେ ଜିନିଷ ପତ୍ର ଉତ୍ପାଦନ କରିବା । ଖାଦ୍ୟ ଓ କୃଷି ଥିଲା ସେହି ପ୍ରମୁଖ କ୍ଷେତ୍ର ଯେଉଁଥିରେ ଯେତେଦୂର ସମ୍ଭବ ଆମଦାନୀ ସୀମିତ ରହିଲା । ଖାଦ୍ୟ ଫସଲର ଆମଦାନୀ କେବଳ ଆତ୍ମନିର୍ଭରଶୀଳ ହେବା ପାଇଁ ନୁହେଁ, ବରଂ ଦେଶର ସାର୍ବଭୌମତ୍ୱ ଏବଂ ଅଖଣ୍ଡତାକୁ ରକ୍ଷା କରିବା ନିମନ୍ତେ ବି ସୀମିତ ରହିଲା । ଯେହେତୁ ଭାରତ ଏକ କୃଷି ପ୍ରଧାନ ଦେଶ, ଭୋଜନ ଆମର ମୌଳିକ ଆବଶ୍ୟକତା ଅଟେ, ଏଥିପାଇଁ କୌଣସି ଅନ୍ୟ ଦେଶ ଆଡ଼କୁ ମୁହାଁଇବାର ଅର୍ଥ ହେଲା ଆମେ ଯେପରି ନିଜର ମୌଳିକ ଆବଶ୍ୟକତା ପୂରଣ କରିବାକୁ ଯାଇ ଅନ୍ୟ ଦେଶଗୁଡ଼ିକ ଉପରେ ନିର୍ଭର କରୁଛନ୍ତି । ୧୯୯୧ ମସିହାରେ ବିଶ୍ୱ ବଜାର ନିମନ୍ତେ ଭାରତ ସରକାର ଅର୍ଥନୀତିକୁ ମୁକ୍ତ କରିଥିଲେ, କାରଣ- ପୂର୍ବରୁ ହିଁ ଆମେ ଏକ ସୁଦୃଢ଼ ଘରୋଇ ଭିତ୍ତିଭୂମି ସ୍ଥାପନ କରିସାରିଥିଲେ ।

## ନ୍ୟାୟସଙ୍ଗତ

ଉପରୋକ୍ତ ୩ଟି ଉଦ୍ଦେଶ୍ୟ ଯାହା ଏଠାରେ ଉଲ୍ଲେଖ ହୋଇଛି, ତାହା ସିଧାସଳଖ ଅର୍ଥନୀତି ସହ ଜଡ଼ିତ, କିନ୍ତୁ କେବଳ ଅର୍ଥନୈତିକ ବିକାଶ ଏକାକୀ ଯଥେଷ୍ଟ ନୁହେଁ । ଆମର ସମାଜକୁ କିପରି ବିକଶିତ କରିହେବ ଏବଂ ବିକାଶର ସ୍ୱାଦ ସମସ୍ତେ ଚାଖି ପାରିବେ, ତା' ଉପରେ ବି ଧ୍ୟାନ ଦେବା ଉଚିତ୍ । ନ୍ୟାୟ ଦ୍ୱାରା ଏହାକୁ ହାସଲ କରିହେବ, ଯେଉଁଠି ଜାତି, ସଂପ୍ରଦାୟ ବା ସଂପଦ ନିର୍ବିଶେଷରେ ସମାଜରେ ସମସ୍ତେ ସମାନ ଅଟନ୍ତି ।

## ୪.୪: ନୀତି ଆୟୋଗ

ନୀତି ଆୟୋଗ ହେଉଛି ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଫର୍ ଟ୍ରାନସଫର୍ମିଂ ଇଣ୍ଡିଆର ବିସ୍ତାର; ୨୦୧୫ ମସିହା ଜାନୁଆରୀ ୧ ତାରିଖରେ କେନ୍ଦ୍ର କ୍ୟାବିନେଟର ସଂକଳ୍ପ ଦ୍ୱାରା ଏହା ଗଠନ କରାଯାଇଥିଲା । ନୀତି ଆୟୋଗକୁ ଭାରତ ସରକାରଙ୍କ ଥିଙ୍କ୍ ଟ୍ୟାଙ୍କ୍ ବୋଲି ବିଚାର କରାଯାଏ । ଏହା ଭାରତ ସରକାରଙ୍କୁ କେନ୍ଦ୍ର ଓ ରାଜ୍ୟ ବାବଦରେ ବୈଷୟିକ ବିକାଶ ଜନିତ ପରାମର୍ଶ ଦେବା ସହ ଦିଗ୍‌ଦର୍ଶନ ଏବଂ ନୀତି ନିବେଶ ଯୋଗାଇଥାଏ । ୧୯୫୦ ମସିହାରେ ଗଢ଼ି ଉଠିଥିବା ଯୋଜନା ପରିଷଦକୁ ସ୍ଥାନାନ୍ତର କରିଥିଲା ନୀତି ଆୟୋଗ, ଯାହା ଫଳରେ ଲୋକଙ୍କ ଆବଶ୍ୟକତାକୁ ଉତ୍ତମ ମାର୍ଗରେ ପୂରା କରିହେଉଛି । ରାଜ୍ୟଗୁଡ଼ିକୁ ଏକାଠି କରିବାର ଉଦ୍ଦେଶ୍ୟ ସହିତ ଦେଶର ସ୍ୱାର୍ଥ ନିମନ୍ତେ ନୀତି ଆୟୋଗ କାର୍ଯ୍ୟ କରିଥାଏ, ସହଯୋଗୀ ସଂଘବାଦକୁ ପ୍ରୋତ୍ସାହନ ଦେଇଥାଏ ।

ନୀତି ଆୟୋଗର ଦୁଇଟି କେନ୍ଦ୍ର ରହିଛି । ସେଗୁଡ଼ିକ ହେଲା- ଟିମ୍ ଇଣ୍ଡିଆ ହବ୍ ଏବଂ ଦ ନଲେଜ୍ ଆଣ୍ଡ୍ ଇନୋଭେସନ୍ ହବ୍ । ଏହି ଦୁଇଟି ହବ୍ ଆୟୋଗର ଦୁଇଟି ପ୍ରମୁଖ କାର୍ଯ୍ୟକୁ ପ୍ରତିଫଳିତ କରନ୍ତି ।

ଗବେଷଣା ଓ ବିସ୍ତାର କାର୍ଯ୍ୟକୁ ପ୍ରୋତ୍ସାହିତ କରିବା, ଜ୍ଞାନ ଓ କୌଶଳକୁ ବିକଶିତ କରିବା ନିମନ୍ତେ ବି ନୀତି ଆୟୋଗ କାର୍ଯ୍ୟ କରିଥାଏ, ଯାହା ତାକୁ ଶୀଘ୍ର କାମ କରିବାକୁ ଏବଂ ବିକାଶ ଆଣିବାକୁ ସକ୍ଷମ କରିବ ।

**୪.୪.୧: ନୀତି ଆୟୋଗର କାର୍ଯ୍ୟକାରିତା**

ନୀତି ଆୟୋଗର କାର୍ଯ୍ୟକାରିତା ନିମ୍ନରେ ଦର୍ଶାଯାଇଛି:

୧. ଜାତୀୟ ବିକାଶର ଏକ ଦୃଷ୍ଟିକୋଣକୁ ବିକଶିତ କରି ବିକାଶ କ୍ଷେତ୍ରଗୁଡ଼ିକୁ ଗୁରୁତ୍ୱ ଦେବା ଏବଂ ଜାତୀୟ ବିକାଶର ଆଲୋକରେ ରାଜ୍ୟଗୁଡ଼ିକୁ ସାମିଲ କରି ଉନ୍ନତି ପାଇଁ କୌଶଳ ବା ରଣନୀତି ପ୍ରସ୍ତୁତ କରିବା।

୨. ନିରନ୍ତର ଭାବରେ ରାଜ୍ୟଗୁଡ଼ିକ ସହିତ ଏକ ଗଠନମୂଳକ ସମର୍ଥନ ବିକାଶ କରି ସହଯୋଗୀ ସଂଘବାଦକୁ ପ୍ରୋତ୍ସାହିତ କରିବା, ଶକ୍ତିଶାଳୀ ରାଜ୍ୟଗୁଡ଼ିକ ହିଁ ଶକ୍ତିଶାଳୀ ଦେଶ ସୃଷ୍ଟି କରନ୍ତି ବୋଲି ସ୍ୱୀକାର କରିବା।

୩. ଗ୍ରାମୀଣ ବିକାଶ ଯୋଜନା ସହିତ ଆସିବା ଏବଂ ସରକାରଙ୍କ ସହ ଏକତ୍ରିତ ହେବା।

୪. ଜାତୀୟ ସୁରକ୍ଷା, ଅର୍ଥନୈତିକ କୌଶଳ ଓ ନୀତିକୁ ସୁନିଶ୍ଚିତ କରିବା।

୫. ଦେଶର ଅର୍ଥନୈତିକ ବିକାଶ ଦ୍ୱାରା ଲାଭବାନ ହୋଇ ନଥିବା ସମାଜର ଅବହେଳିତ ଗୋଷ୍ଠୀଙ୍କ ଉପରେ ଧ୍ୟାନ ଦେବା।

୬. ଦୀର୍ଘ ମିଆଦୀ କାର୍ଯ୍ୟକ୍ରମଗୁଡ଼ିକର ରୂପରେଖ ପ୍ରସ୍ତୁତ କରିବା ଏବଂ ତାହାର ପ୍ରଗତି ଉପରେ ନଜର ରଖିବା।

୭. ଶିକ୍ଷା ଓ ନୀତି ଗବେଷଣା ପ୍ରତିଷ୍ଠାନଗୁଡ଼ିକୁ ପରାମର୍ଶ ଦେବା ସହିତ ସେମାନଙ୍କ ମଧ୍ୟରେ ସହଭାଗିତାକୁ ପ୍ରୋତ୍ସାହିତ କରିବା ଏବଂ କଳା ସଂସାଧନ କେନ୍ଦ୍ରକୁ ସ୍ଥିତି ଯୋଗାଇବା।

୮. ପ୍ରଯୁକ୍ତି କ୍ଷେତ୍ରରେ ଆସିଥିବା ନୂତନ ଜ୍ଞାନ କୌଶଳ ଉପରେ ଦୃଷ୍ଟି ପକାଇବା ଏବଂ କାର୍ଯ୍ୟକ୍ରମ ଓ ପଦକ୍ଷେପକୁ କାର୍ଯ୍ୟକାରୀ କରିବା ନିମନ୍ତେ ଦକ୍ଷ ହେବା।

୯. ଜାତୀୟ ବିକାଶ କାର୍ଯ୍ୟସୂଚୀର କାର୍ଯ୍ୟକାରିତା ଏବଂ ଉପରୋକ୍ତ ଉଦ୍ଦେଶ୍ୟଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ଆବଶ୍ୟକ ହେଉଥିବା ଅନ୍ୟାନ୍ୟ ଗତିବିଧିକୁ ଗ୍ରହଣ କରିବା।

ଏଗୁଡ଼ିକ ହେଉଛି ନୀତି ଆୟୋଗର କାର୍ଯ୍ୟକାରିତା ଯାହା ଦେଶର ବିକାଶ ପାଇଁ ଧାର୍ଯ୍ୟ କରାଯାଇଛି ।

## ୪.୫: ଆସ ପ୍ରଗତି ମାପିବା

୧. ପଞ୍ଚ ବାର୍ଷିକୀ ଯୋଜନାର ଉଦ୍ଦେଶ୍ୟଗୁଡ଼ିକ କ'ଣ ଅଟେ ?

-----------------------------------------------------------------

-----------------------------------------------------------------

-------------------------------

୨. ନୀତି ଆୟୋଗ ଉପରେ ଏକ ଟିପ୍ପଣୀ ଲେଖ।

-----------------------------------------------------------------

-----------------------------------------------------------------

-------------------------------

୩. ବିକାଶ ଯୋଜନାଗୁଡ଼ିକରେ କୃଷିକୁ କାହିଁକି ଗୁରୁତ୍ୱ ଦିଆଯାଇଛି ?

-----------------------------------------------------------------

-----------------------------------------------------------------

-------------------------------

Odisha State Open University, Sambalpur
www.osou.ac.in
e-mail: info@osou.ac.in